ODIA DAILY EDITION
02.12.2025
କଟକ, ମଙ୍ଗଳବାର
ପୃଷ୍ଠା-୪+୪, ମୂଲ୍ୟ-₹ ୨.୦୦
ଡିସେମ୍ବର-୦୨, ୨୦୨୫
ବର୍ଷ-୩୭, ସଂଖ୍ୟା-୧୪୪
RNI Regd. NO- 48239/89
P.R.NO-CK(C)/16/2024-2026

# ମାତୃଭାଷା

ପ୍ରତିଷ୍ଠାତା: ବିକାଶ କର
MATRUBHASA

36 Years of publication SINCE 1989

Epaper- www.matrubhasa.com | matrubhasanews@gmail.com | matrubhasanews@yahoo.co.in | facebook.com/matrubhasanews

## ରାଜ ଭବନ ହେଲା ଲୋକ ଭବନ

**ଭୁବନେଶ୍ୱର, ୧।୧୨:** ଆନୁଷ୍ଠାନିକ ଭାବରେ 'ରାଜ ଭବନ' ର ନାମ ପରିବର୍ତ୍ତନ କରାଯାଇ 'ଲୋକ ଭବନ' ନାମରେ ନାମିତ କରାଯାଇଛି । ଏହି ପରିବର୍ତ୍ତନ ସମ୍ପର୍କରେ ରାଜ ଭବନ ପକ୍ଷରୁ ସୋମବାର ଏକ ବିଜ୍ଞପ୍ତି ଜାରି କରାଯାଇଛି । ଏହା ଓଡ଼ିଶାର ପ୍ରଶାସନିକ ପରିଚୟରେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ। ଭାରତ ସରକାରଙ୍କ ସରାଷ୍ଟ୍ର ମନ୍ତ୍ରଣାଳୟର ନିର୍ଦ୍ଦେଶନାମା ଆଧାରରେ ଓଡ଼ିଶାର ରାଜ୍ୟପାଳ ଡକ୍ଟର ହରି ବାବୁ କମ୍ଭମପାଟି ଏହି ନାମକରଣକୁ ଅନୁମୋଦନ କରିଛନ୍ତି।



**ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ନିର୍ଦ୍ଦେଶନାମା ଆଧାରରେ ଏହି ନାମକରଣକୁ ଅନୁମୋଦନ କରିଛନ୍ତି ।**

୨୦୨୪ ମସିହାରେ ରାଜ୍ୟପାଳଙ୍କ ସମ୍ମିଳନୀ ସମୟରେ ହୋଇଥିବା ସୁପାରିଶ ପରେ ଏହି ନିଷ୍ପତ୍ତି ନିଆଯାଇଛି, ଯେଉଁଥିରେ ଉପନିବେଶ ଯୁଗର ଶବ୍ଦରୁ ଦୂରେଇ ଯାଇ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ସୁଦୃଢ଼ କରିବା ପାଇଁ ସମଗ୍ର ଭାରତରେ ରାଜ ଭବନ ମାନଙ୍କର ନାମକୁ 'ଲୋକ ଭବନ' ନାମରେ ବଦଳାଇବାକୁ ପ୍ରସ୍ତାବ ଦିଆଯାଇଥିଲା।

ରାଜ୍ୟପାଳ ଡ. କମ୍ଭମପାଟି କହିଛନ୍ତି ଯେ ନୂତନ ନାମକରଣ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଷ୍ଟିକୋଣ ଅନୁଯାୟୀ ସୁଦୃଢ଼ ଜନସଂଯୋଗ ଏବଂ ଅଂଶଗ୍ରହଣ ପ୍ରତି ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ।

# ଏସଆଇଆର ପ୍ରସଙ୍ଗରେ କମ୍ପିଲା ସଂସଦ

### ସଂସଦର ଶୀତ ଅଧିବେଶନ ଆରମ୍ଭରୁ ବିରୋଧୀଙ୍କ ହଙ୍ଗାମା

### ହଟ୍ଟଗୋଳ ମଧ୍ୟରେ ୩ ବିଲ୍ ପାରିତ

**ନୂଆଦିଲ୍ଲୀ, ୧।୧୨:** ସଂସଦର ଶୀତକାଳୀନ ଅଧିବେଶନର ପ୍ରଥମ ଦିନ ସୋମବାର ଲୋକସଭାର କାର୍ଯ୍ୟକୁ ବିରୋଧୀ ଦଳର ହଙ୍ଗାମା କାରଣରୁ ପ୍ରଥମେ ଦୁଇଥର ଏବଂ ପରେ ମଙ୍ଗଳବାର ପର୍ଯ୍ୟନ୍ତ ସ୍ଥଗିତ କରିବାକୁ ପଡ଼ିଛି।

ସଂସଦର ଶୀତକାଳୀନ ଅଧିବେଶନରେ ପ୍ରଶ୍ନକାଳ ଆରମ୍ଭ ହେବା ମାତ୍ରେ ଗୃହରେ ପ୍ରବଳ ନାରାବାଜି କରିଥିଲେ ବିରୋଧୀ । ପ୍ରବଳ ହଟ୍ଟଗୋଳ ଓ ନାରାବାଜି ପାଇଁ ପ୍ରଶ୍ନକାଳ ଚାଲିପାରିନାହିଁ । ଗୃହ କାର୍ଯ୍ୟ ଆରମ୍ଭ ହେବା ପୂର୍ବୁ ଦିବ୍ୟଙ୍ଗତ ସଦସ୍ୟଙ୍କ ଉଦ୍ଦେଶ୍ୟରେ ଶୋକ ପ୍ରସ୍ତାବ ଆଗତ କରାଯାଇଥିଲା, ଯାହାକୁ ସମସ୍ତ ସଦସ୍ୟ ସମର୍ଥନ କରିଥିଲେ । ଏହାପରେ ପ୍ରଶ୍ନକାଳ ଆରମ୍ଭ ହେବା ମାତ୍ରେ ଗୃହରେ ନାରାବାଜି କରିଥିଲେ ବିରୋଧୀ କଂଗ୍ରେସ । ବିଭିନ୍ନ ପ୍ରସଙ୍ଗ ଯେପରିକି ଏସଆଇଆର, ଭୋଟ ଚୋରିକୁ ନେଇ ପ୍ରବଳ ହଟ୍ଟଗୋଳ କରିବାରୁ ବାଚସ୍ପତି ଗୃହକୁ ମୁଲତବୀ କରିଛନ୍ତି ।



ଏହା ପରେ ଲୋକସଭାରେ କଂଗ୍ରେସର ଉପନେତା ଗୌରବ ଗୋଗୋଇ ଅଭିଯୋଗ କରିଛନ୍ତି ଯେ ସରକାର ଭୋଟର ତାଲିକାର ବିଶେଷ ଗଭୀର ପୁନଃସମୀକ୍ଷା (ଏସଆଇଆରଜ) ବିଷୟରେ ଚର୍ଚ୍ଚା କରିବାକୁ ଚାହୁଁନାହାନ୍ତି।

ଗୋଗୋଇ ପାର୍ଲାମେଣ୍ଟ ଭବନ ପରିସରରେ ସାମ୍ବାଦିକମାନଙ୍କୁ କହିଛନ୍ତି ଯେ, ସଂସଦ ଭିତରେ ଶାସକ ଏବଂ ବିରୋଧୀ—ଦୁହିଁଙ୍କର ପ୍ରସଙ୍ଗ ଉଠିବା ଉଚିତ୍।

କିନ୍ତୁ ଆଜି ପ୍ରଥମ ଦିନରୁ ଶାସକ ଦଳ କେବଳ ନିଜ ପ୍ରସଙ୍ଗ ଉପରେ ହିଁ ଚର୍ଚ୍ଚା କରିବାକୁ ଚାହୁଁଛି। ଶାସକ ପକ୍ଷର ଲୋକମାନେ ନିଜେ ଆଣିଥିବା ବିଧେୟକମାନଙ୍କୁ ନେଇ ଚର୍ଚ୍ଚା ଚାହୁଁଛନ୍ତି। ସମସ୍ତ ବିରୋଧୀ ଦଳମାନଙ୍କର ଗୋଟିଏ ମାତ୍ର ଦାବି ହେଉଛି ନିର୍ବାଚନ ପ୍ରକ୍ରିୟାକୁ ନେଇ ଚର୍ଚ୍ଚା ହେଉ। କିନ୍ତୁ ସରକାର ଏହା ସ୍ପଷ୍ଟ ଭାବେ କହିପାରୁନାହାଁନ୍ତି ଯେ କେଉଁ ଦିନ ଏହି ଚର୍ଚ୍ଚା କରାଯିବ। ଗୋଗୋଇ କହିଛନ୍ତି ଯେ, ସରକାର ନିଜ ଇଚ୍ଛାଅନୁଯାୟୀ ସଂସଦ ଚଳାଇବାକୁ ଚାହୁଁଛନ୍ତି। ଯେଉଁଥିରେ ବିରୋଧୀଙ୍କର କୌଣସି ପ୍ରସଙ୍ଗର ସ୍ଥାନ ନାହିଁ। ଶାସକ ପକ୍ଷ ସମୁଦାୟ ସଂସଦ ଓ ଗଣତନ୍ତ୍ରର ସମ୍ମାନକୁ 'ହାଇଜାକ୍' କରିନେଇଛି।

### 'ବନ୍ଦେ ମାତରମ୍' ଉପରେ ହେବ ଚର୍ଚ୍ଚା

**ନୂଆଦିଲ୍ଲୀ, ୧।୧୨:** ଭାରତର ରାଷ୍ଟ୍ରଗୀତ 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତି ଅବସରରେ ସଂସଦର ଶୀତକାଳୀନ ଅଧିବେଶନରେ ସ୍ୱତନ୍ତ୍ର ଚର୍ଚ୍ଚା କରାଯିବ । ଲୋକସଭାରେ ଚଳିତ ସପ୍ତାହ ଗୁରୁବାର କିମ୍ବା ଶୁକ୍ରବାର ଏହି ଆଲୋଚନା ହୋଇପାରେ । ଏଥିପାଇଁ ୧୦ ଘଣ୍ଟା ସମୟ ଧାର୍ଯ୍ୟ କରାଯାଇଛି । ପ୍ରଧାନମନ୍ତ୍ରୀ ମଧ୍ୟ ଏହି ସ୍ୱତନ୍ତ୍ର ଆଲୋଚନାରେ ଭାଗ ନେଇପାରନ୍ତି । ସରକାର ଏହାକୁ ରାଷ୍ଟ୍ରୀୟ ଏକତାର ପ୍ରତୀକ ଦର୍ଶାଇ ସବୁ ଦଳକୁ ଏଥିରେ ଭାଗ ନେବା ପାଇଁ ଆମନ୍ତ୍ରଣ କରିଛନ୍ତି ।

## ୧୦ ଟଙ୍କା ଶସ୍ତା ହେଲା କମର୍ସିଆଲ ସିଲିଣ୍ଡର

**ନୂଆଦିଲ୍ଲୀ, ୧।୧୨:** ବର୍ଷର ଶେଷ ମାସର ପ୍ରଥମ ଦିନ କିଛି ଭଲ ଖବର ଅଛି। ସାର୍ବଜନୀନ କ୍ଷେତ୍ରର ତୈଳ ଏବଂ ଗ୍ୟାସ ମାର୍କେଟିଂ କମ୍ପାନୀ ଗୁଡିକ କମର୍ଶିଆଲ ଗ୍ୟାସ ସିଲିଣ୍ଡରର ମୂଲ୍ୟରେ ୧୦ ଟଙ୍କା ପର୍ଯ୍ୟନ୍ତ ହ୍ରାସ କରିଛନ୍ତି। ତଥାପି ଘରୋଇ ରନ୍ଧନ ଗ୍ୟାସର ମୂଲ୍ୟରେ କୌଣସି ପରିବର୍ତ୍ତନ ହୋଇନାହିଁ।କମର୍ଶିଆଲ ଗ୍ୟାସର ନୂତନ ଦର ସୋମବାରଠାରୁ କାର୍ଯ୍ୟକାରୀ ହୋଇଛି। ଇଣ୍ଡିଆନ ଅଏଲର ୱେବସାଇଟ ଅନୁଯାୟୀ କମର୍ଶିଆଲ ଗ୍ୟାସର ଦାମରେ ଏହି ହ୍ରାସ ସହିତ ନୂଆଦିଲ୍ଲୀରେ ଏପର୍ଯ୍ୟନ୍ତ ୧୯ କିଲୋଗ୍ରାମର ସିଲିଣ୍ଡର ମୂଲ୍ୟରେ ହ୍ରାସ ଘଟି ୧୫୮୦.୫୦ ଟଙ୍କା ହୋଇଛି,ଯାହା ପୂର୍ବରୁ ୧୫୯୦.୫୦ ଟଙ୍କା ପ୍ରତି ସିଲିଣ୍ଡର ଥିଲା।

## ପ୍ରାକ୍ ପ୍ରାଥମିକ ଆଶାୟୀ ଶିକ୍ଷକ ସଂଘର ଧାରଣା

**ଭୁବନେଶ୍ୱର, ୧।୧୧:** ଭୁବନେଶ୍ୱର ଲୋୟର ପିଏମଜିରେ ଆନ୍ଦୋଳନ କରୁଛନ୍ତି ପ୍ରାକ୍ ପ୍ରାଥମିକ ଆଶାୟୀ ଶିକ୍ଷକ ସଂଘ । ରାଜ୍ୟରେ ପାଖାପାଖି ୪୦,୦୦୦ ଆଶାୟୀ ପ୍ରାକ୍ ପ୍ରାଥମିକ ଶିକ୍ଷକ ଯୋଗ୍ୟତା ଥାଇ ମଧ୍ୟ ନିଯୁକ୍ତି ପାଇନଥିବା ସଂଘ ଅଭିଯୋଗ କରିଛି । ଜାତୀୟ ଶିକ୍ଷା ନୀତି ୨୦୨୦ ନିୟମ ଅନୁଯାୟୀ ପ୍ରତି ଶିଶୁ ବାଟିକାରେ ଜଣେ ଲେଖାଏଁ ତାଲିମ ପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଯେଉଁମାନେ ଡିଇସିଇ କୋର୍ସ କରିଛନ୍ତି ସେମାନଙ୍କୁ ନିଯୁକ୍ତି ଦିଆଯିବ ।

| | |
|---|---|
| ସେନ୍ସେକ୍ସ | ୮୫,୬୪୧ |
| ନିଫ୍ଟି | ୨୬,୧୭୫ |
| ସୁନା/୧୦ଗ୍ରା | ୧,୩୩,୧୬୫ |
| ରୂପା/କିଗ୍ରା | ୧,୬୧,୦୦୦ |
| ଡଲାର | ୮୯.୬୧ |

### ପାଣିପାଗ

| | ସର୍ବାଧିକ | ସର୍ବନିମ୍ନ |
|---|---|---|
| ଭୁବନେଶ୍ୱର: | ୨୮.୨° | ୧୬.୦° |
| କଟକ: | ୨୭.୪° | ୧୩.୮° |

# ତଡ଼ିପାର ହୋଇଛନ୍ତି ୪୯ ବାଂଲାଦେଶୀ: ମୁଖ୍ୟମନ୍ତ୍ରୀ

- ବିଧାନସଭାରେ ମୁଖ୍ୟମନ୍ତ୍ରୀଙ୍କ ସୂଚନା
- ଆଇନଗତ ଔପଚାରିକତା ପୂରଣ ପରେ ବାଂଲାଦେଶ ପଠାଇ ଦିଆଯାଇଛି

**ଭୁବନେଶ୍ୱର, ୧।୧୨:** ଓଡ଼ିଶାରେ ବିଜେପି ସରକାର କ୍ଷମତାକୁ ଆସିବା ପରଠାରୁ ବିଭିନ୍ନ ଜିଲ୍ଲାରେ ୫୧ ଜଣ ବାଂଲାଦେଶୀ ନାଗରିକଙ୍କୁ ଚିହ୍ନଟ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ବିଧାନସଭାରେ ସୂଚନା ଦେଇଛନ୍ତି।



ସେମାନଙ୍କ ମଧ୍ୟରୁ ୪୯ ଜଣଙ୍କୁ ଆଇନଗତ ଔପଚାରିକତା ପୂରଣ ପରେ ବାଂଲାଦେଶ ପଠାଇ ଦିଆଯାଇଛି।

ଭୋଗରାଇର ବିଜେଡି ବିଧାୟକ ଗୌତମ ବୁଦ୍ଧ ଦାସଙ୍କ ଦ୍ୱାରା ପଚରାଯାଇଥିବା ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ବିତାଡିତ ବ୍ୟକ୍ତିମାନଙ୍କ ମଧ୍ୟରୁ ୨୪ ଜଣଙ୍କୁ ଖୋର୍ଦ୍ଧା ଜିଲ୍ଲା ସହରାଞ୍ଚଳ ପୁଲିସ, ୧୫ ଜଣଙ୍କୁ କଟକ ସହରାଞ୍ଚଳ ପୁଲିସ ଦ୍ୱାରା ଚିହ୍ନଟ କରାଯାଇଥିଲା। ସେହିପରି, ଗଞ୍ଜାମରୁ ୬ ଜଣ, କନ୍ଧମାଳରୁ ୩ ଜଣ ଏବଂ କୋରାପୁଟରୁ ଜଣଙ୍କୁ ଚିହ୍ନଟ କରାଯାଇଛି। ଗଂଜାମ ଏବଂ କନ୍ଧମାଳର ଅନ୍ୟ ଦୁଇଜଣ ଜଣେ ଲେଖାଏଁ ଜାଲ କାଗଜପତ୍ର ବ୍ୟବହାର କରି ଜାଲିଆତି କରି ଭାରତୀୟ ପାସପୋର୍ଟ ହାସଲ କରିଥିବା ଜଣାପଡିଛି। ସେମାନଙ୍କ ବିରୋଧରେ ପୃଥକ ମାମଲା ରୁଜୁ କରାଯାଇଛି ଏବଂ ଉଭୟଙ୍କୁ କୋର୍ଟରେ ହାଜର କରାଯାଇଛି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଅବୈଧ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରିବା ପ୍ରକ୍ରିୟା ଏକ ନିରନ୍ତର କାର୍ଯ୍ୟ ଏବଂ ଏହା ରାଜ୍ୟବ୍ୟାପୀ ନିୟମିତ ଭାବରେ କରାଯାଉଛି ।

### ପୁଣି ବିଜେଡିକୁ ଝଟ୍କା

# ବାସୁଦେବପୁର ବ୍ଲକ ଅଧ୍ୟକ୍ଷଙ୍କ ଇସ୍ତଫା

**ବାସୁଦେବପୁର, ୧।୧୨:** ଭଦ୍ରକରେ ପୁଣି ବିଜେଡିକୁ ଝଟ୍କା ଲାଗିଛି। ବିଜେଡିରୁ ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି ପଞ୍ଚାୟତ ସମିତି ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ । ଦୁଇଦିନ ପୂର୍ବରୁ ଭଦ୍ରକ ଜିଲ୍ଲା ର ତିନି ଜଣ ପଞ୍ଚାୟତ ସମିତି ଅଧ୍ୟକ୍ଷ ବିଜେଡି ଛାଡି ବିଜେପିରେ ସାମିଲ ହେବା ପରେ ଆଜିର ଏହି ଘଟଣା ଏକ ପ୍ରକାରର ହଟଚମଟ ସୃଷ୍ଟି କରିଛି । ଆଜି ପୁଣି ବିଜେଡିର ବାସୁଦେବପୁର ବ୍ଲକ ଅଧକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ ବ୍ୟକ୍ତିଗତ କାରଣ ଦର୍ଶାଇ ଦଳରୁ ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ପତ୍ର ଜିଲା ସଭାପତି ପଠାଇଛନ୍ତି । ଚାରି ବ୍ଲକ ଅଧକ ଇସ୍ତଫା ଦେବା ପରେ ଏବେ ଚିନ୍ତାରେ ବିଜେଡି। ଦିନକୁ ଦିନ ବିଜେଡି ସଂଗଠନ ଦୁର୍ବଳ ହେବାରେ ଲାଗିଛି ।

**ନବୀନଙ୍କ ସହ ପ୍ରଫୁଲ୍ଲଙ୍କ ବୈଠକ**

**ଦଳକୁ ସଂଗଠିତ ରଖିବା ପାଇଁ ଆଲୋଚନା**



ଏହାପରେ ଭଦ୍ରକ ବିଜେଡି ନେତା ନବୀନ ନିବାସରେ ପହଞ୍ଚି ଆଲୋଚନା କରିଛନ୍ତି । ଭଦ୍ରକରେ ବିଜେଡି ଦଳକୁ ସଂଗଠିତ କରି ରଖିବା ପାଇଁ ପ୍ରଫୁଲ୍ଲ ସାମଲଙ୍କୁ ଦାୟିତ୍ୱ ଦେଇଛନ୍ତି ନବୀନ ପଟ୍ଟନାୟକ । ବୈଠକ ପରେ ଦଳୀୟ ନେତା କହିଛନ୍ତି, ଯାହାର ମୂଲ୍ୟ ନାହିଁ ସେମାନେ ଦଳ ଛାଡୁଛନ୍ତି । ସମସ୍ତଙ୍କୁ ଅନୁରୋଧ ଦଳକୁ ମଜଭୂତ କର ଦୁର୍ବଳ କରନାହିଁ । ମୋ ସହିତ କୌଣସି ଅଧକ୍ଷ ଆଲୋଚନା କରିନାହାନ୍ତି । ବ୍ଲକ ଅଧକ୍ଷ ମାନଙ୍କୁ ବିଜେପିରେ ମିଶିବା ପାଇଁ ଚାପ ପ୍ରୟୋଗ କରାଯାଉଛି । ନିର୍ବାଚନ ରେ ଆମେ ଶତପ୍ରତିଶତ ଜିତିଥିଲୁ । ବିଜେପି ରାଜ୍ୟ ସଭାପତିଙ୍କ ଜିଲ୍ଲା । ତାଙ୍କର ପୂର୍ଣ୍ଣ ସମ୍ପୃକ୍ତି ରହିଛି । କାହାକୁ ମୂଳଚାଲ କରି ଆଉ କାହାକୁ ଚାକିରୀ ସ୍ତରରେ ହଇରାଣ କରି ଚାପ ପକାଉଛନ୍ତି ।

### ଡିଜିଟାଲ୍ ଆରେଷ୍ଟକୁ ନେଇ ସୁପ୍ରିମକୋର୍ଟଙ୍କ ଚିନ୍ତାପ୍ରକଟ

# ସିବିଆଇକୁ ତଦନ୍ତ ନିର୍ଦ୍ଦେଶ

**ନୂଆଦିଲ୍ଲୀ, ୧।୧୨:** ଦେଶରେ ବଢୁଥିବା ସାଇବର୍ ଅପରାଧ ଏବଂ ବିଶେଷକରି ଡିଜିଟାଲ୍ ଆରେଷ୍ଟକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି ସର୍ବୋଚ୍ଚ ଅଦାଲତ । ଲୋକମାନେ କୋଟି

**କୋଟି କୋଟି ଟଙ୍କାର ସମ୍ପତ୍ତି ହରାଇଛନ୍ତି ଲୋକେ**

କୋଟି ଟଙ୍କାର ସମ୍ପତ୍ତି ହରାଉଛନ୍ତି । ବିଗତ ଏକ ମାସ ମଧ୍ୟରେ ଦେଶରେ ଯେଉଁଭଳି ଭାବରେ ଏଭଳି ଗମ୍ଭୀର ମାମଲା ଦ୍ରୁତ ଗତିରେ ବଢ଼ିଚାଲିଛି, ତାର ଗୁରୁତ୍ୱକୁ ଉପଲବ୍ଧି କରି ସୁପ୍ରିମକୋର୍ଟ ସର୍ବୋଚ୍ଚ ତଦନ୍ତ ସଂସ୍ଥା କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ ବା



ସିବିଆଇକୁ ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ସୁପ୍ରିମକୋର୍ଟର ଦୁଇ ଜଣ ବିଚାରପତିଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି ଯେ ଡିଜିଟାଲ୍ ଆରେଷ୍ଟ ମାମଲାଗୁଡ଼ିକର ତ୍ୱରିତ ତଦନ୍ତ ହେବାର ଆବଶ୍ୟକତା ରହିଛି । କେବଳ ସାଇବର ଠକ ନୁହେଁ ବରଂ ଏଥିରେ ଯେଉଁ ଅଧିକାରୀଙ୍କ ଜରିଆରେ ଫର୍ଜି ବ୍ୟାଙ୍କ୍ ଆକାଉଣ୍ଟ ଖୋଲାଯାଉଛି ସେମାନଙ୍କ ବିରୋଧରେ ମଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ । ଆବଶ୍ୟକ ସ୍ଥଳେ ସିବିଆଇ ଇଣ୍ଟରପୋଲର ସହାୟତା ନେବାକୁ କୋର୍ଟ ପରାମର୍ଶ ଦେଇଛନ୍ତି ।

### ବାରବାଟୀ ଟି-୨୦: ୫ ମିନିଟରେ ସରିଗଲା ଅନଲାଇନ ଟିକେଟ

**କଟକ, ୧।୧୨:** ବାରବାଟୀ ଷ୍ଟାଡ଼ିୟମରେ ଆସନ୍ତା ୯ ତାରିଖରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଖେଳାଯିବାକୁ ଥିବା ଟ୍ୱେଣ୍ଟି-୨୦ ମ୍ୟାଚ ପାଇଁ ସୋମବାର ଅନ୍ ?ଲାଇନ ଟିକଟ ବିକ୍ରି ହୋଇଥିଲା। ସାଧାରଣ ଦର୍ଶକଙ୍କ ଲାଗି ଅନ୍ଲାଇନରେ ୨୦୦୦ ଟିକଟ ଉପଲବ୍ଧ ରହିଥିଲା। ପୂର୍ବ କାର୍ଯ୍ୟସୂଚୀ ଅନୁଯାୟୀ, ଅପରାହ୍ଣ ୨ଟାରେ 'ଡ୍ରିଷ୍ଟିକ୍ଟ ବାଇ ଜମାଟୋ' ୱେବସାଇଟ୍ /ଆପ୍‌ରେ ଟିକଟ ଉପଲବ୍ଧ ହୋଇଥିଲା। ଅନ୍ଲାଇନରେ ଉପଲବ୍ଧ ଥିବା ୨୦୦୦ ଟିକଟ ମାତ୍ର ୪ ମିନିଟ୍ ୩୫ ସେକେଣ୍ଡରେ ଶେଷ ହୋଇଯାଇଥିଲା। ଟିକଟ କିଣିବା ଲାଗି ପ୍ରାୟତଃ ୪୦ ହଜାରରୁ ଅଧିକ ବ୍ୟକ୍ତି ଅନ୍ଲାଇନ କ୍ୟୁରେ ରହିଥିଲେ। ଅନ୍ଲାଇନରେ ଗ୍ୟାଲେରୀ ନଂ ୨, ୪ ଓ ୭ ସହ ସହ ଏସି ବକ୍ସ, ସ୍ପେଶାଲ ଏନକ୍ଲୋଜର ଓ ନ୍ୟୁ ପ୍ୟାଭିଲିୟନ ଟିକଟ ବିକ୍ରି ହୋଇଥିଲା। ଅନ୍ଲାଇନରେ ଟିକଟ ବୁକିଂ କରିଥିବା ବ୍ୟକ୍ତିମାନେ ବୁକିଂର ଅସଲି ରସିଦ ଦେଖାଇ ଡିସେମ୍ବର ୮ ଓ ୯ ତାରିଖରେ କେମ୍ବ୍ରିଜ ସ୍କୁଲ କାଉଣ୍ଟର ନିକଟରୁ ଟିକଟ ସଂଗ୍ରହ କରିପାରିବେ।

## ରାଜ୍ୟ ବଜେଟର ୩୯% ଖର୍ଚ୍ଚ ହୋଇଛି: ପୃଥ୍ୱୀରାଜ

**ଭୁବନେଶ୍ୱର, ୧।୧୨:** ଅକ୍ଟୋବର ଶେଷ ସୁଦ୍ଧା ବଜେଟର ୩୯ପ୍ରତିଶତ ଖର୍ଚ୍ଚ ହୋଇଛି । ପ୍ରତାପ କେଶରୀ ଦେଓଙ୍କ ଏ ସମ୍ପର୍କିତ ପ୍ରଶ୍ନର ରେ ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ଉତର ଦେଇ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଆଜି ପ୍ରଶ୍ନକାଳରେ ଏହି ସୂଚନା ଦେଇଛନ୍ତି ।

ଏହି ପ୍ରଶ୍ନ ଉପରେ ଆଲୋଚନା ବେଳେ ବିରୋଧୀ ଦଳର ବିଧାୟକ ମାନେ କମ ଖର୍ଚ୍ଚକୁ ନେଇ ଉଦବେଗ ପ୍ରକାଶ କରିବା ସହ ରାଜ୍ୟ ସରକାରଙ୍କୁ କାଠଗଡାରେ ଠିଆ କରାଇବାକୁ ଚେଷ୍ଟା କରିଥିଲେ । ହେଲେ ମନ୍ତ୍ରୀ ହରିଚନ୍ଦନ କହିଥିଲେ ଯେ ଆର୍ଥିକ ବର୍ଷ ଶେଷ ସୁଦ୍ଧା ସମସ୍ତ ରାଶି ଶତ ପ୍ରତିଶତ ଖର୍ଚ୍ଚ କରାଯିବ ।

ଶ୍ରୀ ହରିଚନ୍ଦନ କହିଛନ୍ତି ଯେ, ଅକ୍ଟୋବର ଶେଷ ସୁଦ୍ଧା ବଜେଟ୍ ଖର୍ଚ୍ଚ ୧ ଲକ୍ଷ ୧୪ ହଜାର ୫୧୮ କୋଟି ହୋଇଛି ଯାହାକି ମୋଟ ବଜେଟ୍‌ର ୩୯ ପ୍ରତିଶତ । ସେ କହିଛନ୍ତି ଯେ ଆର୍ଥିକ ବର୍ଷ ଶେଷ ହେବା ପାଇଁ ଆହୁରି ୪ ମାସ ଅଛି ।

### ଏସଆଇ ଦୁର୍ନୀତି

## ଦୁଇଦିନିଆ ରିମାଣ୍ଡରେ ଅରବିନ୍ଦ

**ଭୁବନେଶ୍ୱର, ୧।୧୨:** ପୁଲିସ ଏସଆଇ ନିଯୁକ୍ତି ଦୁର୍ନୀତି ମାମଲାର ତଦନ୍ତ କରୁଥିବା ସିବିଆଇ ଅଭିଯୁକ୍ତ ଅରବିନ୍ଦ ଦାସଙ୍କୁ ୨ ଦିନିଆ ରିମାଣ୍ଡରେ ନେଇଛି। ଆସନ୍ତା ୩ ତାରିଖ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଅରବିନ୍ଦ ସିବିଆଇ ହେପାଜତରେ ରହିବେ। ସିବିଆଇ ଅଧିକାରୀମାନେ ତାଙ୍କୁ ମାମଲା ସମ୍ପର୍କରେ ଜେରା କରିବେ। ଅରବିନ୍ଦ ହେଉଛନ୍ତି ମାମଲାର ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟିର ସହଯୋଗୀ।

# ଗୃହରେ ସଂକଳ୍ପ ପତ୍ର ଚିରିଦେଲେ ରଣେନ୍ଦ୍ର

**ଭୁବନେଶ୍ୱର, ୧।୧୨:** ବିଧାନସଭାରେ ସଂକଳ୍ପ ପତ୍ରକୁ ଚିରି ଫିଙ୍ଗିଲେ ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ । ସଂକଳ୍ପ ପତ୍ର ଚିରିବା ସହ ବିଜେଡି ଓ କଂଗ୍ରେସ ସଦସ୍ୟ କକ୍ଷ ତ୍ୟାଗ କରିଛନ୍ତି । ଜଳ ନିୟନ୍ତ୍ରଣ ଓ ନିବାରଣ ସଂକଳ୍ପ ସମୟରେ ଜଙ୍ଗଲ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ପ୍ରତି ଉତ୍ତର ରଖୁଥିଲେ । ହେଲେ ଏହାକୁ ପ୍ରତିବାଦ କରିବା ସହ ସଂକଳ୍ପ ପତ୍ରକୁ ଚିରି ଫୋପାଡ଼ି ଦେଇଥିଲେ ରଣେନ୍ଦ୍ର ପ୍ରତାପ ସ୍ୱାଇଁ । ଯାହା ପରେ ଗୃହକୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବି କରାଯାଇଛି ।

**ସ୍ୱାସ୍ଥ୍ୟମନ୍ତ୍ରୀ ଓ ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ମୁହାଁମୁହିଁ**

ଆଜି ବିଧାନସଭାରେ ମୁହାଁମୁହିଁ ହୋଇଛନ୍ତି ବର୍ତ୍ତମାନର ସ୍ୱାସ୍ଥ୍ୟମନ୍ତ୍ରୀ ଓ ଆଉ ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ । ନିଜ ନିଜର ନିର୍ବାଚନମଣ୍ଡଳୀରେ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ମୁହାଁ ମୁହିଁ ହୋଇଛନ୍ତି ଦୁଇ ନେତା । ତେବେ ଆଜି ବିଧାନସଭା ପ୍ରଶ୍ନକାଳରେ ବିଜେଡି ବିଧାୟକ ନିରଞ୍ଜନ ପୂଜାରୀ କହିଥିଲେ ସୋନପୁରରେ ଉଏିଏର ନିର୍ମାଣ ଶୈଳୀ ଦେଶର ଦ୍ୱିତୀୟ ସ୍ଥାନରେ ରହିଛି, କିନ୍ତୁ ଡାକ୍ତର ନାହାନ୍ତି । ମନ୍ତ୍ରୀ ତାଙ୍କ ଏରିଆକୁ ଭଲ ଡାକ୍ତର ବଦଳି କରି ନେଇଯାଉଛନ୍ତି । ଯେଉଁ କାରଣରୁ ଅନେକ ରୋଗୀ ଚିକିତ୍ସା ପାଇବାରୁ ବଞ୍ଚିତ ହେଉଛନ୍ତି ।

# ମନରେଗା ଅତିରିକ୍ତ ସହାୟତା ଅବଧି ବୃଦ୍ଧି

**ଭୁବନେଶ୍ୱର, ୧।୧୨:** ଗ୍ରାମାଞ୍ଚଳରେ ଜୀବିକା ସୁଦୃଢ଼ କରିବା ଏବଂ ଶ୍ରମିକମାନଙ୍କ ଆର୍ଥିକ ସ୍ଥିରତା ବୃଦ୍ଧି କରିବା ଲକ୍ଷ୍ୟରେ ଓଡିଶା ସରକାର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ ନିଯୁକ୍ତି ଯୋଜନା ଅଧୀନରେ ପ୍ରଦାନ କରାଯାଉଥିବା ଅତିରିକ୍ତ ଆର୍ଥିକ ସହାୟତାକୁ ଆର୍ଥିକ ବର୍ଷ ୨୦୨୮-୨୯ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଏହି ସଂପ୍ରସାରଣ ଦ୍ୱାରା ରାଜ୍ୟର ୯ଟି ଜିଲାର ୩୦ଟି ବ୍ଲକ୍ ?ରେ ପ୍ରାୟ ୫.୫୭ ଲକ୍ଷ ପରିବାର ଉପକୃତ ହେବେ। ଯୋଗ୍ୟ ଗ୍ରାମୀଣ ପରିବାରକୁ ବର୍ଷକୁ ୩୦୦ ଦିନ ପାଇଁ ନିଯୁକ୍ତି ମିଳିବ। ପ୍ରଥମ ୧୦୦ ଦିନ ପାଇଁ ରାଜ୍ୟ ସରକାର ପ୍ରଚଳିତ ମନରେଗା ମଜୁରୀ ସହ ଅତିରିକ୍ତ ଦୈନିକ ୯୮ ଟଙ୍କା ପ୍ରଦାନ କରିବେ। ବାକି ୨୦୦ ଦିନ ପାଇଁ ଶ୍ରମିକମାନେ ନିୟମିତ ମନରେଗା ମଜୁରୀ ସହିତ ରାଜ୍ୟର ଅତିରିକ୍ତ ସହାୟତା ପାଇବା ଜାରି ରଖିବେ। ସରକାରୀ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଏହି ପଦକ୍ଷେପ ଦ୍ୱାରା ଦାଦନ ରୋକିବା, ସ୍ଥାୟୀ ଜୀବିକା ସୁନିଶ୍ଚିତ କରିବା ଏବଂ ଗ୍ରାମାଞ୍ଚଳରେ ମୌଳିକ ବିକାଶକୁ ପ୍ରୋତ୍ସାହିତ କରିବାରେ ସାହାଯ୍ୟ ମିଳିବ।

### ହାଲ୍‌ଚାଲ୍



ସଂସଦର ଶୀତକାଳୀନ ଅଧିବେଶନ ଆରମ୍ଭ ହେଲା ଏସଆଇଆର ପ୍ରସଙ୍ଗରେ ହୋ ହାଲ୍ଲା ପ୍ରବଳ ହେଲା ହଟ୍ଟଗୋଳ ମଧ୍ୟରେ ତିନି ବିଲ୍ ପାରିତ ହୋଇଲା ।

# ଚାରି ଦିନ ପରେ ବି ସ୍ୱାଭାବିକ ହୋଇପାରୁନି ମଣ୍ଡି

### ଜିଦରେ ଅଟଳ ମିଲର

### ଝିପି ଝିପି ବର୍ଷା ବଢ଼ାଇଲା ଚିନ୍ତା

### ସମସ୍ୟା ଖୁବଶୀଘ୍ର ସମାଧାନ ହେବ : ଯୋଗାଣ ମନ୍ତ୍ରୀ

**ଭୁବନେଶ୍ୱର, ୧।୧୨:** ଚାଷୀ ଝାଳ ବୁହାଇ ଧାନ ଅମଳ କଲା । ଏବେ ପୁଣି ବିକିବା ପାଇଁ ସଂଘର୍ଷ କରୁଛି । ସରକାର ଯେଉଁ ଜିଲ୍ଲାରେ ମଣ୍ଡି ଖୋଲିଛନ୍ତି, ସେଠି ଧାନ ଉଠୁନି କି ଯେଉଁଠି ଖୋଲିନି, ସେଠି ବି ହନ୍ତସନ୍ତ ହେଉଛନ୍ତି ଚାଷୀ । ଏତିକିବେଳେ ରାଜ୍ୟର ବିଭିନ୍ନ ସ୍ଥାନରେ ହାଲୁକା ବର୍ଷା, ଚାଷୀଙ୍କ ସମସ୍ୟାକୁ ବଢ଼ାଇ ଦେଇଛି । ଚାଷୀ ଝାଳ ବୁହାଇ ଧାନ ଅମଳ କଲା । ଏବେ ପୁଣି ବିକିବା ପାଇଁ ସଂଘର୍ଷ କରୁଛି ।

ଚାରିଦିନ ହେଲା ମଣ୍ଡି ଖୋଲିଥିଲେ ବି ଧାନ ଉଠୁନି । ସରକାର-ମିଲର ବିବାଦ ଯୋଗୁଁ କୁଇଣ୍ଟାଲ କୁଇଣ୍ଟାଲ ଧାନ ମଣ୍ଡିରେ ପଡ଼ିରହିଛି । ଏତିକିବେଳେ ରାଜ୍ୟର ଅନେକ ସ୍ଥାନରେ ହାଲୁକା ବର୍ଷା



ଚାଷୀଙ୍କ ଚିନ୍ତା ବଢ଼ାଇ ଦେଇଛି । ନିରୁପାୟ ହୋଇ ଆନ୍ଦୋଳନକୁ ଓହ୍ଲାଇଛନ୍ତି ଚାଷୀ । ସମ୍ବଲପୁର ସିନ୍ଦରପଙ୍କରେ ୫୩ ନମ୍ବର ଜାତୀୟ ରାଜପଥ ଅବରୋଧ କରିଛନ୍ତି । ମଣ୍ଡିରୁ ତୁରନ୍ତ ଧାନ ଉଠାଇବା ପାଇଁ ଧାବି କରିଛନ୍ତି ।

ବରଗଡ଼ରେ ମଧ ସମାନ ସ୍ଥିତି । ମିଲରଙ୍କ ସହ ଚୁକ୍ତି ସାକ୍ଷର ହୋଇନଥିବାରୁ ଧାନ ଉଠୁନି । ମଣ୍ଡିରେ ଗଦା ହୋଇଛି ହଜାର ହଜାର ବସ୍ତା । ଜାଗା ନଥିବାରୁ ଟ୍ରାକ୍ଟର ଟ୍ରକ ଉପରେ ବି ଶହ ଶହ ବସ୍ତା ଧାନ ଲଦା ହୋଇ ରହିଛି । ଯାହାକୁ ନେଇ ଚାଷୀଙ୍କ ଭିତରେ ଅସନ୍ତୋଷ ତେଜିବାରେ ଲାଗିଛି । ଫଳରେ କୌଣସି ମୁହୂର୍ତ୍ତରେ ଚାଷୀମାନେ ରାଜରାସ୍ତାକୁ ଓହ୍ଲାଇବା ଆଶଙ୍କା ଦେଖାଦେଇଛି ।

ଧାନ ଉଠିବା ଆରମ୍ଭ ହୋଇଛି। ମିଲରଙ୍କ ସହ ଆଲୋଚନା ଚାଲିଛି । ସେମାନଙ୍କ ର କିଛି ଦାବି କୁ ଆମେ ଗ୍ରହଣ କରିଛୁ । ଆଉ କିଛି ଦାବି ଗ୍ରହଣ ପାଇଁ ସେମାନେ ଜିଦରେ ଅଟଳ ଅଛନ୍ତି । ସେମାନେ ମିଲିଙ୍ଗ ଚାର୍ଜ ବଢ଼ାଇବାକୁ ଜିଦ କରୁଛନ୍ତି. ଏହା ବିଷୟରେ ମନ୍ତ୍ରୀସ୍ତରୀୟ କମିଟିରେ ଆଲୋଚନା ହୋଇ ନିଷ୍କର୍ଷ ବାହାରିବ। ଧାନ କିଣାରେ ଦେଖା ଦେଇଥିବା ସମସ୍ୟା ଖୁବଶୀଘ୍ର ସମାଧାନ ହୋଇଯିବ ବୋଲି ଆଶା ବୋଲି କହିଛନ୍ତି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର।

## ରାଜ୍ୟରେ ଆଇଏଏସ୍, ଆଇପିଏସ୍ ଏବଂ ଆଇଏଫଏସ୍ ଅଧିକାରୀଙ୍କ ଅଭାବ

**ଭୁବନେଶ୍ୱର, ୧।୧୨:** ଓଡ଼ିଶାରେ ବର୍ତ୍ତମାନ ଭାରତୀୟ ପ୍ରଶାସନିକ ସେବା ଏବଂ ଭାରତୀୟ ପୁଲିସ ସେବାରେ ୧୮୩ଟି ପଦବୀ ଖାଲି ପଡ଼ିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ରାଜ୍ୟ ବିଧାନସଭାରେ ସୂଚନା ଦେଇଛନ୍ତି। ଏକ ପ୍ରଶ୍ନର ଲିଖିତ ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ୪୪୩ଟି ମଞ୍ଜୁରୀପ୍ରାପ୍ତ ପଦବୀ ମଧ୍ୟରୁ ୨୪୮ଟି ଆଇଏଏସ୍ ଅଧିକାରୀଙ୍କ ପାଇଁ ଏବଂ ୧୯୫ଟି ଆଇପିଏସ୍ ଅଧିକାରୀଙ୍କ ପାଇଁ ରହିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶା ବିଧାନସଭାରେ ସୂଚନା ଦେଇଛନ୍ତି ଯେ, ରାଜ୍ୟରେ ଆଇଏଏସ୍, ଆଇପିଏସ୍ ଏବଂ ଆଇଏଫଏସ୍ ଅଧିକାରୀଙ୍କର ଏକ ବଡ଼ ଅଭାବ ରହିଛି। ବିଜେଡି ବିଧାୟକ ପ୍ରତାପ କେଶରୀ ଦେବଙ୍କ ପ୍ରଶ୍ନର ଉତ୍ତର ଦେଇ ମାଝୀ ପ୍ରକାଶ କରିଛନ୍ତି ଯେ ଆଇଏଏସ୍ କ୍ୟାଡରରେ ୪୬ଟି, ଆଇପିଏସ୍‌ରେ ୬୭ଟି ଏବଂ ଆଇଏଫ୍‌ଏସ୍‌ରେ ୭୦ଟି

**୧୮୩ ପଦବୀ ଖାଲି**

ପଦବୀ ଖାଲି ପଡ଼ିଛି। IASଙ୍କର ୨୪୮ ଅନୁମୋଦିତ ପଦବୀ ମଧ୍ୟରୁ ୪୬ ଖାଲି ପଦବୀ ରହିଛି। ସେହିପରି ଓଟଝଙ୍କର ୧୯୫ ଅନୁମୋଦିତ ପଦବୀ ମଧ୍ୟରୁ ୬୭ ଖାଲି ପଦବୀ ରହିଛି। ଅପରପକ୍ଷରେ IFSଙ୍କର ୧୪୧ ଅନୁମୋଦିତ ପଦବୀ ମଧ୍ୟରୁ ୭୦ ଖାଲି ପଦବୀ ରହିଛି। ମୋଟ ୧୮୩ ପଦବୀ ଖାଲି ରହିଛି।

### ଶୀତକାଳୀନ ଅଧିବେଶନ-୨୦୨୫ ଆରମ୍ଭରେ ନରେନ୍ଦ୍ର ମୋଦୀଙ୍କ ମନ୍ତବ୍ୟ

# ସଂସଦରେ ଡ୍ରାମା ନୁହେଁ, ଡେଲିଭରି ଦରକାର : ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ (ପିଆଇବି) : ଆଜି ସଂସଦର ଶୀତକାଳୀନ ଅଧିବେଶନ ଆରମ୍ଭ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସଂସଦ ପରିସରରେ ଗଣମାଧ୍ୟମକୁ ସମ୍ବୋଧନ କରିଥିଲେ । ପ୍ରଧାନମନ୍ତ୍ରୀ ଗୁରୁତ୍ୱଆରୋପ କରି କହିଥିଲେ, ଏହି ଅଧିବେଶନ କେବଳ ଏକ ଔପଚାରିକତା ନୁହେଁ, ବରଂ ଦ୍ରୁତ ପ୍ରଗତି ପାଇଁ ଭାରତର ଯାତ୍ରାରେ ଏହା ନବୀନ ଉର୍ଜାର ଏକ ଗୁରୁତ୍ୱପୂର୍ଣ୍ଣ ସ୍ରୋତ । ସେ କହିଥିଲେ, ଏହା ତାଙ୍କର ଦୃଢ଼ ବିଶ୍ୱାସ ଯେ ଏହି ଅଧିବେଶନ ଦେଶର ପ୍ରଗତିକୁ ତ୍ୱରାନ୍ୱିତ କରିବା ପାଇଁ ବର୍ତ୍ତମାନ ଚାଲିଥିବା ପ୍ରୟାସରେ ନୂତନ ଶକ୍ତି ସଞ୍ଚାର କରିବ । ପ୍ରଧାନମନ୍ତ୍ରୀ କହିଥିଲେ ଯେ ଭାରତ ନିରନ୍ତର ଭାବରେ ଏହାର ଗଣତାନ୍ତ୍ରିକ ପରମ୍ପରାର ଗତିଶୀଳତା ଏବଂ ଆତ୍ମାକୁ ପ୍ରଦର୍ଶନ କରିଚାଲିଛି । ସାମ୍ପ୍ରତିକ ବିହାର ନିର୍ବାଚନର ଉଦାହରଣ ଦେଇ, ସେ ସେଠାରେ ହୋଇଥିବା ରେକର୍ଡ ମତଦାନକୁ ପ୍ରଶଂସା କରିଥିଲେ । ସେ ଏହାକୁ ଦେଶର ଗଣତାନ୍ତ୍ରିକ ଶକ୍ତିର ଏକ ଶକ୍ତିଶାଳୀ ପ୍ରମାଣ ବୋଲି କହିଥିଲେ । ସେ ମହିଳା ଭୋଟରଙ୍କ ବୃଦ୍ଧି ପାଉଥିବା ଅଂଶଗ୍ରହଣକୁ ମଧ୍ୟ ଏକ ଉଲ୍ଲେଖନୀୟ ଏବଂ ଉତ୍ସାହଜନକ ଧାରା ବୋଲି କହିଥିଲେ ଯାହା ଗଣତାନ୍ତ୍ରିକ ପ୍ରକ୍ରିୟାରେ ନୂତନ ଆଶା ଏବଂ ନୂତନ ଆତ୍ମବିଶ୍ୱାସ ଆଣୁଛି । ସେ ଉଲ୍ଲେଖ କରିଥିଲେ ଯେ ଭାରତର ଗଣତାନ୍ତ୍ରିକ ପ୍ରତିଷ୍ଠାନଗୁଡ଼ିକ ମଜବୁତ ହେବା ସହିତ, ଏହି ଗଣତାନ୍ତ୍ରିକ ବ୍ୟବସ୍ଥାଗୁଡ଼ିକ କିପରି ଦେଶର ଅର୍ଥନୈତିକ କ୍ଷମତାକୁ ମଧ୍ୟ ମଜବୁତ କରିଚାଲିଛି ତାହା ଉପରେ ବିଶ୍ୱ ନଜର ରଖିଛି । ପ୍ରଧାନମନ୍ତ୍ରୀ କହିଥିଲେ, ଝକ୍ତଙ୍କକ୍ଟସ୍ପ;ଭାରତ ପ୍ରମାଣ କରିଛି ଯେ ଗଣତନ୍ତ୍ର ସଫଳ ପରିଣାମ ପ୍ରଦାନ କରିପାରିବ । ଯେଉଁ ଗତିରେ ଭାରତର ଅର୍ଥନୈତିକ ଅବସ୍ଥା ନୂତନ ଉଚ୍ଚତାକୁ ଆରୋହଣ କରୁଛି ତାହା ନୂତନ ଆତ୍ମବିଶ୍ୱାସ ପ୍ରଦାନ କରୁଛି ଏବଂ ଆମେ ଏକ ବିକଶିତ ଭାରତର ଲକ୍ଷ୍ୟ ଆଡକୁ ଅଗ୍ରସର ହେଉଥିବାବେଳେ ଏହା ଆମକୁ ନୂଆ ଶକ୍ତି ପ୍ରଦାନ କରୁଛି ।"ପ୍ରଧାନମନ୍ତ୍ରୀ ସମସ୍ତ ରାଜନୈତିକ ଦଳମାନଙ୍କୁ ଚଳିତ ଅଧିବେଶନକୁ ଜାତୀୟ ସ୍ୱାର୍ଥ, ଗଠନମୂଳକ ଆଲୋଚନା ଏବଂ ନୀତି-ଆଧାରିତ ଫଳାଫଳ ଉପରେ କେନ୍ଦ୍ରିତ ରଖିବାକୁ ଆହ୍ୱାନ କରିଥିଲେ । ସେ ଜୋର ଦେଇ କହିଥିଲେ ଯେ ସଂସଦ ଦେଶ ପାଇଁ କ'ଣ କଳ୍ପନା କରେ ଏବଂ ଏହା ପାଇଁ କ'ଣ କରିବାକୁ ଚାହେଁ ତାହା ଉପରେ କେନ୍ଦ୍ରିତ ରହିବା ଉଚିତ । ବିରୋଧୀ ଦଳଗୁଡ଼ିକୁ ସେମାନଙ୍କର ଗଣତାନ୍ତ୍ରିକ ଦାୟିତ୍ୱ ନିର୍ବାହ କରିବାକୁ ଆହ୍ୱାନ କରି ପ୍ରଧାନମନ୍ତ୍ରୀ ସେମାନଙ୍କୁ ଅର୍ଥପୂର୍ଣ୍ଣ ଏବଂ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉଠାଇବାକୁ ଉତ୍ସାହିତ କରିଥିଲେ । ନିର୍ବାଚନୀ ପରାଜୟର ନିରାଶାକୁ ସଂସଦୀୟ କାର୍ଯ୍ୟଧାରାକୁ ପ୍ରଭାବିତ କରାଇ ନଦେବା ପାଇଁ ସେ ଦଳଗୁଡ଼ିକୁ ସତର୍କ କରାଇଥିଲେ । ଶ୍ରୀ ମୋଦୀ ଏହା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ ଯେ ଅଧିବେଶନ ନିର୍ବାଚନୀ ବିଜୟର ଅହଂକାରକୁ ପ୍ରତିଫଳିତ କରିବା ଉଚିତ୍ ନୁହେଁ । ସେ କହିଥିଲେ, ଝକ୍ତଙ୍କକ୍ଟସ୍ପ;ଶୀତକାଳୀନ ଅଧିବେଶନ ସନ୍ତୁଳନ, ଦାୟିତ୍ୱ ଏବଂ ଜନପ୍ରତିନିଧିମାନଙ୍କଠାରୁ ଆଶା କରାଯାଉଥିବା ମର୍ଯ୍ୟାଦାକୁ ପ୍ରତିଫଳିତ କରିବା ଉଚିତ । 'ପ୍ରଧାନମନ୍ତ୍ରୀ ସୁଚିନ୍ତିତ ବିତର୍କର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ ଏବଂ ସଦସ୍ୟମାନଙ୍କୁ ଭଲ କାମକୁ ଉନ୍ନତ କରିବାକୁ ଏବଂ ଆବଶ୍ୟକ ସ୍ଥଳେ ଗଠନମୂଳକ ଏବଂ ସଠିକ୍ ସମାଲୋଚନା କରିବାକୁ ଅନୁରୋଧ କରିଥିଲେ, ଯେପରିକି ନାଗରିକମାନେ ଅଧିକ ସଚେତନ ହୋଇପାରିବେ । ସେ କହିଥିଲେ, 'ଏହା ଏକ ପରିଶ୍ରମଣର କାମ, କିନ୍ତୁ ଏହା ଦେଶ ପାଇଁ ଅତ୍ୟାବଶ୍ୟକ ।' ପ୍ରଥମ ଥର ପାଇଁ ଆସିଥିବା ଏବଂ ଯୁବ ସାଂସଦମାନଙ୍କ ପାଇଁ ଚିନ୍ତା ପ୍ରକାଶ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ବିଭିନ୍ନ ଦଳର




ଅନେକ ସାଂସଦ ଅନୁଭବ କରନ୍ତି ଯେ ସେମାନେ ସେମାନଙ୍କ ନିର୍ବାଚନମଣ୍ଡଳୀକୁ ଭଲଭାବରେ ପ୍ରତିନିଧିତ୍ୱ କରିବା କିମ୍ବା ଜାତୀୟ ବିକାଶ ଉପରେ ଆଲୋଚନାରେ ଯୋଗଦାନ ଦେବା ପାଇଁ ପର୍ଯ୍ୟାପ୍ତ ସୁଯୋଗ ପାଉନାହାଁନ୍ତି । ସେ ସମସ୍ତ ଦଳକୁ ଅନୁରୋଧ କରିଥିଲେ ଯେ ଏହି ସାଂସଦମାନଙ୍କୁ ସେମାନେ ଉପଯୁକ୍ତ ସୁଯୋଗ ପ୍ରଦାନ କରନ୍ତୁ । ସେ କହିଥିଲେ, ଝକ୍ତଙ୍କକ୍ଟସ୍ପ;ଉଭୟ ଏହି ସଦନ ଏବଂ ଦେଶ ନୂତନ ପିଢ଼ିର ଜ୍ଞାନ ଏବଂ ଶକ୍ତିରୁ ଲାଭ ପାଇବା ଉଚିତ ।' ପ୍ରଧାନମନ୍ତ୍ରୀ ଏହା ମଧ୍ୟ କହିଥିଲେ ଯେ ସଂସଦ ହେଉଛି ନୀତି ନିର୍ଦ୍ଧାରଣ ଓ ସେଗୁଡ଼ିକର ରୂପାୟନ ପାଇଁ ଉଦ୍ଦିଷ୍ଟ, କୌଣସି ନାଟକ କିମ୍ବା ସ୍ଲୋଗାନବାଜୀ ପାଇଁ ନୁହେଁ । 'ନାଟକ କିମ୍ବା ସ୍ଲୋଗାନବାଜୀ ପାଇଁ ସ୍ଥାନର ଅଭାବ ନାହିଁ । କିନ୍ତୁ ସଂସଦରେ, ଆମର ଧ୍ୟାନ ନୀତି ଉପରେ ରହିବା ଉଚିତ ଏବଂ ଆମର ଉଦ୍ଦେଶ୍ୟ ସ୍ପଷ୍ଟ ହେବା ଉଚିତ" ସେ କହିଥିଲେ । ପ୍ରଧାନମନ୍ତ୍ରୀ ଏହି ଅଧିବେଶନର ବିଶେଷ ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ, କାରଣ ଏହା ଉଚ୍ଚ ସଦନରେ ନୂତନ ଅଧ୍ୟକ୍ଷଙ୍କ ନେତୃତ୍ୱର ଆରମ୍ଭକୁ ସୂଚାଉଛି । ପ୍ରଧାନମନ୍ତ୍ରୀ ରାଜ୍ୟସଭା ଅଧ୍ୟକ୍ଷଙ୍କୁ ଅଭିନନ୍ଦନ ଜଣାଇଥିଲେ ଏବଂ ତାଙ୍କ ନେତୃତ୍ୱ ସଂସଦୀୟ କାର୍ଯ୍ୟକୁ ଆହୁରି ସୁଦୃଢ଼ କରିବ ବୋଲି ବିଶ୍ୱାସ ପ୍ରକାଶ କରିଥିଲେ । ପ୍ରଧାନମନ୍ତ୍ରୀ କହିଥିଲେ ଯେ ଜିଏସଟି ସଂସ୍କାର ନାଗରିକମାନଙ୍କ ମଧ୍ୟରେ ବିଶ୍ୱାସର ଏକ ଦୃଢ଼ ପରିବେଶ ସୃଷ୍ଟି କରିଛି ଏବଂ ସେମାନଙ୍କୁ ପରବର୍ତ୍ତୀ ପିଢ଼ିର ସଂସ୍କାର ଭାବରେ ପ୍ରତିଷ୍ଠିତ କରିଛି । ସେ କହିଛନ୍ତି ଯେ ଶୀତକାଳୀନ ଅଧିବେଶନ ଏହି ଦିଗରେ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପକୁ ଆଗକୁ ବଢ଼ାଇବା ପାଇଁ ପ୍ରସ୍ତୁତ । ସାଂପ୍ରତିକ ବର୍ଷମାନଙ୍କରେ ଦେଖାଯାଉଥିବା ସଂସଦୀୟ ଧାରା ଉପରେ ଚିନ୍ତା ପ୍ରକାଶ କରି ଶ୍ରୀ ମୋଦୀ କହିଥିଲେ ଯେ ଆଜିକାଲି ଆମ ସଂସଦକୁ ନିର୍ବାଚନ ପାଇଁ ପ୍ରସ୍ତୁତି ଭୂମି ଭାବରେ କିମ୍ବା ନିର୍ବାଚନ ପରାଜୟ ପରେ ହତାଶା ପ୍ରକାଶ କରିବା ପାଇଁ ଏକ ସ୍ଥାନ ଭାବରେ ବ୍ୟବହାର କରାଯାଉଛି । "କିନ୍ତୁ ଦେଶ ଏହି ପଦ୍ଧତିଗୁଡ଼ିକୁ ଗ୍ରହଣ କରୁନାହିଁ । ଏଣୁ ଏବେ ସେମାନଙ୍କ ପାଇଁ ନିଜ ଆଭିମୁଖ୍ୟ ଏବଂ ରଣନୀତି ପରିବର୍ତ୍ତନ କରିବାର ସମୟ ଆସିଛି । ସେମାନେ କିପରି ଭଲ ପ୍ରଦର୍ଶନ କରିବେ ସେ ବିଷୟରେ ପରାମର୍ଶ ଦେବାକୁ ମଧ୍ୟ ମୁଁ ପ୍ରସ୍ତୁତ' ଶ୍ରୀ ମୋଦୀ କହିଥିଲେ । ଶେଷରେ ଶ୍ରୀ ମୋଦୀ ଦୋହରାଇଥିଲେ, 'ମୁଁ ଆଶା କରୁଛି ଯେ ଆମେ ସମସ୍ତେ ଏହି ଦାୟିତ୍ୱଗୁଡ଼ିକୁ ମନେ ରଖି ଆଗକୁ ବଢ଼ିବା । ଏହା ସହିତ ମୁଁ ଦେଶକୁ ଆଶ୍ୱସ୍ତ କରୁଛି ଯେ ଦେଶ ପ୍ରଗତି ପଥରେ ଅଛି ।' ଦେଶର ପ୍ରଗତି ପାଇଁ ଦୃଢ଼ ଯାତ୍ରା ଉପରେ ଜୋର ଦେଇ ସେ କହିଥିଲେ ଯେ ଦେଶ ଏକ ନୂଆ ଉଚ୍ଚତାକୁ ଗତି କରୁଛି ଓ ଏହି ସଦନ ଏହି ଯାତ୍ରାରେ ଏକ ନୂଆ ଉର୍ଜା ଓ ଶକ୍ତି ସଞ୍ଚାର କରିବ ।

## ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଅନ୍ତର୍ଗତ ନିର୍ମାଣ ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ସମୀକ୍ଷା ବୈଠକ



ଭୁବନେଶ୍ୱର : ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଜରିଆରେ କାର୍ଯ୍ୟକାରୀ ହେଉଥିବା ନିର୍ମାଣ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ସମ୍ପର୍କରେ ଏକ ସମୀକ୍ଷା ବୈଠକ ଗତ ୨୯ ତାରିଖ ଶନିବାର ଲୋକସେବା ଭବନ ସ୍ଥିତ ରାଜ୍ୟ କନଭେନ୍ସନ୍ ସେଣ୍ଟର ଠାରେ ଅନୁଷ୍ଠିତ ହୋଇଯାଇଛି । ୟୁନିଟ୍-୨ ରେ ମୁଖ୍ୟମନ୍ତ୍ରୀଙ୍କ ନୂତନ ଅଭିଯୋଗ ପ୍ରକୋଷ୍ଠ ନିର୍ମାଣ, ୟୁନିଟ-୮ ଏବଂ ନୀଳକଣ୍ଠନଗରରେ ସରକାରୀ କର୍ମଚାରୀମାନଙ୍କ ପାଇଁ ଉଦ୍ଦିଷ୍ଟ ଆବାସିକ ପ୍ରକଳ୍ପ ଏବଂ ୟୁନିଟ୍-୨ ରେ କ୍ୟାପିଟାଲ ରିଡେଭଲପମେଣ୍ଟ ପ୍ରକଳ୍ପ କାର୍ଯ୍ୟଗୁଡ଼ିକ ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା । ୟୁନିଟ-୮ ସ୍ଥିତ ଆବାସିକ ପ୍ରକଳ୍ପର କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଁଚିଛି । ଆବାସିକ ପ୍ରକଳ୍ପଗୁଡ଼ିକ ତୁରନ୍ତ ଶେଷ କରି ରାଜ୍ୟ ସରକାରଙ୍କୁ ହସ୍ତାନ୍ତର କରିବା ପାଇଁ ପ୍ରକଳ୍ପ ଦାୟିତ୍ୱ ନେଇଥିବା ଓଡ଼ିଶା ସେତୁ ନିଗମକୁ ପରାମର୍ଶ ଦିଆଯାଇଛି । ଅନ୍ୟାନ୍ୟ ପ୍ରକଳ୍ପଗୁଡ଼ିକୁ ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟ ଯନ୍ତ୍ରୀ, କୋଠାବାଡ଼ିଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଲୋକସେବା ଭବନର ଉଦ୍ୟାନ ଓ କ୍ୟାପିଟାଲ ନର୍ସରୀର ଉନ୍ନତି ନିମନ୍ତେ ଆବଶ୍ୟକୀୟ ନିର୍ମାଣ କାର୍ଯ୍ୟ ଶୀଘ୍ର ଆରମ୍ଭ କରିବା ପାଇଁ ଉପସ୍ଥିତ ଅଧିକ୍ଷଣ ଯନ୍ତ୍ରୀ, ଡିଭିଜନ୍-୧ ଙ୍କୁ ପରାମର୍ଶ ଦିଆଯିବା ସହ ଲୋକସେବା ଭବନ ପରିସରରେ ସ୍ତୁପୀକୃତ ବୈଦ୍ୟୁତିକ ବର୍ଜ୍ୟ ନିଲାମ ମାଧ୍ୟମରେ ଅପସାରଣ କରାଯାଇ ପରିବେଶକୁ ବର୍ଜ୍ୟମୁକ୍ତ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ବୈଠକରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଇଷ୍ଟେଟ ନିର୍ଦ୍ଦେଶକ ଶ୍ରୀ ବିଜୟ କୁମାର ପୃଷ୍ଟି, ଆଇ.ଏ.ଏସ୍ ସଭାପତିତ୍ୱ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠର ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀ ସୁକାନ୍ତ କୁମାର ବେହେରା, ଅର୍ଥ ପରାମର୍ଶଦାତା ପୁଷ୍ପଲତା ସାମଲ, ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ, କୋଠାବାଡ଼ି, ସେତୁ ନିଗମର ଅଧିକାରୀ, ଓ୍ୱାଟକୋ ମହାପ୍ରବନ୍ଧକ, ବିଭାଗୀୟ ଅନୁ ଶାସନ ସଚିବ ଓ ଉପବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଜ୍ଞାନ ପରମ୍ପରା, ସଂସ୍କୃତି ଏବଂ ସମ୍ପ୍ରଦାୟକୁ ପୁନଃସଂଯୋଗ କରୁଛି କାଶୀ ତାମିଲ ସଙ୍ଗମମ୍ ୪.୦

ନୂଆଦିଲ୍ଲୀ (ପିଆଇବି) : କାଶୀ ତାମିଲ ସଙ୍ଗମମ୍ ହେଉଛି ଏକ ଏପରି ସମ୍ପର୍କର ଉତ୍ସବ ଯାହା ଶତାବ୍ଦୀ ଧରି ଭାରତୀୟ କଳ୍ପନାରେ ରହିଆସିଛି । ଅଗଣିତ ତୀର୍ଥଯାତ୍ରୀ, ବିଦ୍ୱାନ ଏବଂ ସାଧକଙ୍କ ପାଇଁ, ତାମିଲନାଡୁ ଏବଂ କାଶୀ ମଧ୍ୟରେ ଯାତ୍ରା କେବେବି କେବଳ ଏକ ଭୌତିକ ମାର୍ଗ ନଥିଲା - ଏହା ଚିନ୍ତାଧାରା, ଦର୍ଶନ, ଭାଷା ଏବଂ ଜୀବନ୍ତ ପରମ୍ପରାର ଏକ ଆନ୍ଦୋଳନ ଥିଲା । ସଙ୍ଗମମ୍ ଏହି ଆତ୍ମାରୁ ଆସେ, ଏକ ବନ୍ଧନକୁ ଜୀବନ୍ତ କରିଥାଏ ଯାହା ପିଢ଼ି ପରେ ପିଢ଼ି ପାଇଁ ଭାରତର ସାଂସ୍କୃତିକ ଭୂଦୃଶ୍ୟକୁ ନୀରବରେ ଆକାର ଦେଇଆସିଛି । ଆଜାଦୀ କା ଅମୃତ ମହୋତ୍ସବର ଦେଶବ୍ୟାପୀ ପାଳନ ସମୟରେ ଏହା ୨୦୨୨ ମସିହାରେ ଆରମ୍ଭ ହୋଇଥିଲା, - ଯେତେବେଳେ ଭାରତ ତାର ସ୍ୱାଧୀନତାର ୭୫ ବର୍ଷ ପୂରଣ କରୁଥିଲା ଏବଂ ଏହାର ସଭ୍ୟତାଗତ ଐତିହ୍ୟର ଗଭୀରତାକୁ ପୁନଃଆବିଷ୍କାର କରୁଥିଲା - ସଙ୍ଗମମ୍ ଦେଶକୁ ବାନ୍ଧି ରଖିଥିବା ସାଂସ୍କୃତିକ ନିରନ୍ତରତାକୁ ପୁନଃନିର୍ଦ୍ଦିଷ୍ଟ କରିବାର ଏକ ଉଦ୍ଦେଶ୍ୟମୂଳକ ପ୍ରୟାସ ଭାବରେ ଉଭା ହୋଇଥିଲା । ଅନ୍ତର୍ମୁଖୀ ଭାବରେ ଦେଖିବା ଏବଂ ଭାରତର କାଳଜୟୀ ଶକ୍ତିକୁ ପାଳନ କରିବାର ସେହି ମନୋଭାବରେ, କାଶୀ ତାମିଲ ସଙ୍ଗମମ୍ ଏକ ପ୍ରାଚୀନ ସଂଯୋଗକୁ ଆଲୋକପାତ କରିବା ପାଇଁ ଏକ ଜାତୀୟ ମଞ୍ଚ ପ୍ରଦାନ କରିଥିଲା ଯାହା ଶତାବ୍ଦୀ ଧରି ଆଧ୍ୟାତ୍ମିକ ଚିନ୍ତାଧାରା, କଳାତ୍ମକ ପ୍ରକାଶ ଏବଂ ଜ୍ଞାନର ଆଦାନପ୍ରଦାନକୁ ମାର୍ଗଦର୍ଶନ କରିଛି । ଏହି ପ୍ରୟାସ ଏକ ଭାରତ ଶ୍ରେଷ୍ଠ ଭାରତର ସାରକୁ ଜୀବନ୍ତ କରେ, ଲୋକମାନଙ୍କୁ ବାହାରେ ଥିବା ସଂସ୍କୃତିର ଗଭୀରତାକୁ ବୁଝିବା ଏବଂ ପ୍ରଶଂସା ରିବା ପାଇଁ ଉତ୍ସାହିତ କରେ । ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ, ଆଇଆଇଟି ମାଡ୍ରାସ ଏବଂ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ପ୍ରମୁଖ ଜ୍ଞାନ ଅଂଶୀଦାର ଭାବରେ କାର୍ଯ୍ୟ କରୁଛନ୍ତି, ଏବଂ ରେଳ, ସଂସ୍କୃତି, ପର୍ଯ୍ୟଟନ, ବୟନ ତଥା ଯୁବ ବ୍ୟାପାର, କ୍ରୀଡା, ଏବଂ ୟୁପି ସରକାରଙ୍କ ସମେତ ଦଶଟି ମନ୍ତ୍ରଣାଳୟର ଅଂଶଗ୍ରହଣ, କାଶୀ ତାମିଲ ସଙ୍ଗମମ ଦୁଇ ଅଞ୍ଚଳର ଛାତ୍ର, କାରିଗର, ବିଦ୍ୱାନ, ଆଧ୍ୟାତ୍ମିକ ନେତା, ଶିକ୍ଷକ ଏବଂ ସାଂସ୍କୃତିକ ଅଭ୍ୟାସକାରୀଙ୍କୁ ଏକତ୍ରିତ କରେ, ସେମାନଙ୍କ ମଧ୍ୟରେ ଚିନ୍ତାଧାରା, ସାଂସ୍କୃତିକ ଅଭ୍ୟାସ ଏବଂ ପାରମ୍ପରିକ ଜ୍ଞାନର ଆଦାନପ୍ରଦାନକୁ ସହଜ କରିଥାଏ । ସଙ୍ଗମର ପ୍ରତ୍ୟେକ ସଂସ୍କରଣରେ ତାମିଲନାଡୁର ଛାତ୍ର, ଶିକ୍ଷକ, କାରିଗର, ବିଦ୍ୱାନ, ଆଧ୍ୟାତ୍ମିକ ନେତା ଏବଂ ସାଂସ୍କୃତିକ ଅଭ୍ୟାସକାରୀମାନେ ଏକ ସପ୍ତାହରୁ ଦଶ ଦିନ ପାଇଁ କାଶୀ ପରିଦର୍ଶନ କରୁଥିଲେ, ଏହି ସମୟରେ ସେମାନେ କାଶୀର ମନ୍ଦିର, ତାମିଲ ସଂଯୋଗ ଥିବା ସମସ୍ତ କେନ୍ଦ୍ର ଏବଂ ଅଯୋଧ୍ୟା ଓ ପ୍ରୟାଗରାଜ ପରି ପଡ଼ୋଶୀ ଅଞ୍ଚଳ ପରିଦର୍ଶନ କରିଥିଲେ । ସେମାନେ ସେମିନାର, ଆଲୋଚନା, ସାଂସ୍କୃତିକ କାର୍ଯ୍ୟକ୍ରମ, କ୍ରୀଡା କାର୍ଯ୍ୟକ୍ରମ ଏବଂ ପ୍ରଦର୍ଶନୀରେ ଅଂଶଗ୍ରହଣ କରିଥିଲେ ଯେଉଁଥିରେ ସେମାନେ ସେମାନଙ୍କର କାଶୀ ପ୍ରତିପକ୍ଷଙ୍କ ସହିତ ଭାବବିନିମୟ କରିଥିଲେ । କାଶୀ ତାମିଲ ସଙ୍ଗମମ ୪.୦: 'ତାମିଲ କର୍କଲମ' - ଆସନ୍ତୁ ଆମେ ତାମିଲ ଶିଖିବା କାଶୀ ତାମିଲ ସଙ୍ଗମମ ୪.୦ ଏହି ବର୍ଦ୍ଧିତ ସାଂସ୍କୃତିକ ସଙ୍ଗମର ପରବର୍ତ୍ତୀ ଅଧ୍ୟାୟକୁ ଚିହ୍ନିତ କରେ, ଏହାର ପରିସର ଏବଂ ମହତ୍ୱାକାଂକ୍ଷା ଉଭୟକୁ ବିସ୍ତାର କରେ । ୨ ଡିସେମ୍ବର ୨୦୨୫ ରେ ଆରମ୍ଭ ହେବାକୁ ଥିବା ଏହି ସଂସ୍କରଣରେ ପୂର୍ବ ସଙ୍ଗମର ସାରାଂଶ ବଜାୟ ରହିଛି, ଏବଂ ଭାଷାଗତ ଶିକ୍ଷା ଏବଂ ଶୈକ୍ଷିକ ଆଦାନପ୍ରଦାନ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି । ଏହି ଉତ୍ସବ ରାମେଶ୍ୱରମରେ ଏକ ବିଦାୟ ସମାରୋହରେ ଶେଷ ହେବ, ଯାହା ପ୍ରତୀକାତ୍ମକ ଭାବରେ ଉତ୍ତର ଭାରତର ପବିତ୍ର କେନ୍ଦ୍ରଗୁଡ଼ିକ ମଧ୍ୟରୁ ଗୋଟିଏରୁ ତାମିଲ ଆଧ୍ୟାତ୍ମିକ ଐତିହ୍ୟର ସବୁଠାରୁ ସମ୍ମାନିତ ସ୍ଥାନ କାଶୀକୁ ଯାତ୍ରା ସମାପ୍ତ କରିବ । କାଶୀ ତାମିଲ ସଙ୍ଗମମ ୪.୦ର ବିଷୟବସ୍ତୁ, 'ଆସନ୍ତୁ ଆମେ ତାମିଲ ଶିଖିବା - ତାମିଲ କର୍କଲମ'ରେ ନିହିତ । ଏହି ସଂସ୍କରଣ ତାମିଲ ଭାଷା ଶିକ୍ଷାକୁ ଏହାର ଦୃଷ୍ଟିକୋଣର କେନ୍ଦ୍ରରେ ରଖେ, ଏହି ବିଶ୍ୱାସକୁ ଆଗକୁ ବଢ଼ାଏ ଯେ, ସମସ୍ତ ଭାରତୀୟ ଭାଷା ଏକ ସହଭାଗୀ ଭାରତୀୟ ଭାଷା ପରିବାରର । ବିଷୟବସ୍ତୁ ଏକ ସରଳ କିନ୍ତୁ ଶକ୍ତିଶାଳୀ ବାର୍ତ୍ତା ପ୍ରଦାନ କରେ: ଭାଷାଗତ ବିବିଧତା ସାଂସ୍କୃତିକ ଏକତାକୁ ସୁଦୃଢ଼ କରେ । ଏହି ବର୍ଷର ସଂସ୍କରଣ ଭାଷା-ଆଧାରିତ ସାଂସ୍କୃତିକ ଆଦାନପ୍ରଦାନ ଏବଂ ଯୁବ ସମ୍ପର୍କ ଉପରେ ଗୁରୁତ୍ୱ ସହିତ ଏକ ଦୃଢ଼ ଶିକ୍ଷାଗତ ଧ୍ୟାନ ମଧ୍ୟ ପ୍ରଦାନ କରେ । ଏହା ସାଂସ୍କୃତିକ ଏକତାର ଧାରଣାକୁ ପ୍ରତୀକବାଦରୁ ଉର୍ଦ୍ଧ୍ୱକୁ ନେଇଯାଏ, କାଶୀ ଅଞ୍ଚଳର ଛାତ୍ରଛାତ୍ରୀମାନଙ୍କୁ ତାମିଲ ଭାଷାରେ ଶିକ୍ଷା ଦେବା ସହିତ ତାମିଲନାଡୁର ସମୃଦ୍ଧ ଐତିହ୍ୟକୁ ପ୍ରତ୍ୟକ୍ଷ ଭାବରେ ଅନୁଭବ କରିବାର ସୁଯୋଗ ସୃଷ୍ଟି କରେ । ଏହି ବିସ୍ତାରିତ ଦୃଷ୍ଟିକୋଣକୁ ପାଳନ କରି, ତାମିଲନାଡୁର ସାତଟି ବ୍ୟାପକ ବର୍ଗର ୧୪୦୦ ରୁ ଅଧିକ ପ୍ରତିନିଧି - ଛାତ୍ର, ଶିକ୍ଷକ, ଲେଖକ ଏବଂ ଗଣମାଧ୍ୟମ ବୃତ୍ତିଗତ, କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ରର ବ୍ୟକ୍ତି, ବୃତ୍ତିଗତ ଏବଂ କାରିଗର, ମହିଳା ଏବଂ ଆଧ୍ୟାତ୍ମିକ ବିଦ୍ୱାନ - କାଶୀରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ । ସେମାନଙ୍କ ଅଂଶଗ୍ରହଣ ନିଶ୍ଚିତ କରେ ଯେ ଏହାର ବିଷୟବସ୍ତୁ ସମାଜର ବିଭିନ୍ନ ବର୍ଗରେ ପହଞ୍ଚିବ, ଯାହା କାଶୀ ତାମିଲ ସଙ୍ଗମମ ୪.୦ କୁ ଏହାର ପ୍ରଭାବରେ ଅନ୍ତର୍ଭୁକ୍ତ ଏବଂ ସୁଦୂରପ୍ରସାରୀ କରିଥାଏ ।

## ଟଙ୍କା ନେଣଦେଣ ନେଇ ଦୁଇ ଠିକାଦାର ମଧ୍ୟରେ ଫୁଟିଲା ଗୁଳି



ବଲାଣି (ମାନିସ) : କେନ୍ଦୁଝର ଜିଲ୍ଲା ବଲାଣି ଶାନ୍ତି ନଗର ସ୍ଥିତ ସେଣ୍ଟ୍ରାଲ ମାଇନିଂ ଏଣ୍ଡ ଲୋଜେଷ୍ଟିକ ଅର୍ଗାନାଇଜେସନ ଅଧିନସ୍ଥ ବଲାଣି ଖଣି ଟାଉନସିପରେ ଖଣି ପକ୍ଷରୁ ଏସଟିପି ନିର୍ମାଣ କରିବା ନିମନ୍ତେ ଛତିଶଗଡ ରାଜ୍ୟ ର ବିଲାସପୁର ଅଞ୍ଚଳର ମେକୋ ନାମକ ଏକ ଘରୋଇ ଠିକା ସଂସ୍ଥା କୁ କାର୍ଯ୍ୟଦେଶ ମିଳିଥିଲା । ଉକ୍ତ କମ୍ପାନୀ ପୁନଃ ଉକ୍ତ କାର୍ଯ୍ୟକୁ ରେଙ୍ଗାଳି ଅଞ୍ଚଳର ବିଜେନ୍ଦ୍ରନାଥ ପଣ୍ଡା ନାମକ ଠିକା ସଂସ୍ଥା କୁ ଚୁକ୍ତିନାମା କରି ଠିକାରେ ଦେଇଥିଲା ହେଲେ ତାଙ୍କ ମଧ୍ୟରେ ଟଙ୍କା ନେଣଦେଣ କୁ ନେଇ ଶନିବାର ଦିନ ବିବାଦ ଦେଖା ଦେଇଥିଲା । ରବିବାର ଦିନ ମକୋ ସଂସ୍ଥା ର କିଛି ବ୍ୟକ୍ତି ଉକ୍ତ ଏସଟିପି ପ୍ଲାଣ୍ଟ ରେ ଥିବା କେତେକ କୋଠରୀରେ ତାଲା ପକାଇ ଦେଇଥିଲେ । ଏହା ପରେ ସେଠାରେ ଦୁଇ ଠିକା ସଂସ୍ଥା ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା । ମେକୋ ସଂସ୍ଥା ର ଅଧିକାରୀ ଙ୍କ ବନ୍ଧୁକ ଧାରୀ ବ୍ୟକ୍ତିଗତ ସୁରକ୍ଷା କର୍ମୀ ବିଜେନ୍ଦ୍ରନାଥ ପଣ୍ଡା ଙ୍କ ସୋହଯୋଗୀ ଙ୍କ ଉପରେ ହଟାତ୍ ରାଇଫଲ୍ ରୁ ଗୁଳି ଫୁଟାଇ ଦେଇଥିଲେ । ତେବେ ଗୁଳି ଲକ୍ଷ୍ୟ ଭ୍ରଷ୍ଟ ହୋଇ ମାଟିରେ ବାଜିଥିଲା ଏ ନେଇ ବିଜେନ୍ଦ୍ର ନାଥ ପଣ୍ଡା ଙ୍କ ସହୋଯୋଗୀ ଥାନା ରେ ଏତଲା ଦେଇଥିଲେ । ଏ ନେଇ ମେକୋ ସଂସ୍ଥା ର ଚାରିଜଣ ଅଧିକାରୀ ଉମେଶ ଦେବଙ୍ଗନ୍, ମୁକେଶ ଦୁବେ, ଲୋବ କୁମାର୍, ଉମେଶ ରାମ ଙ୍କ ସହ ଦୁଇଜଣ ବ୍ୟକ୍ତିଗତ ସୁରକ୍ଷା କର୍ମୀ ଅଖିଳେଶ ଶୁକ୍ଳା ଓ ମନୋଜ ଶୁକ୍ଳା ଙ୍କୁ ପଚରା ଉଚରା ପରେ ସେମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ବଲାଣି ଅଧିକାରୀ ଲବୋ ବୋଡା କହିଛନ୍ତି । ଉଭୟ ସୁରକ୍ଷା କର୍ମୀଙ୍କ ଠାରୁ ପୋଲିସ୍ ଗୋଟିଏ ୩୧୫ ରାଇଫୋଲ ଗୋଟିଏ ପିସ୍ତଲ ଜବତ୍ କରିବା ସହିତ ଜୀବନ୍ତ ଗୁଳି ଓ ଅନ୍ୟ ସାମଗ୍ରୀ ଜବତ୍ କରିଛି ।

## ନୂଆପଡା ନ୍ୟାସନାଲ ମହାବିଦ୍ୟାଳୟରେ 'ବିଶ୍ୱ ଏଡ଼ସ୍ ଦିବସ' ପାଳିତ




ନୂଆପଡ଼ା (ମାନିସ): ନୂଆପଡା ଜିଲ୍ଲା ନ୍ୟାସନାଲ ମହାବିଦ୍ୟାଳୟ ଠାରେ ଯୁବ ରେଡ଼କ୍ରସ,ରେଡ଼ ରିବନ କ୍ଲବ ଓ ରାଷ୍ଟ୍ରୀୟ ସେବା ଯୋଜନାର ମିଳିତ ଆନୁକୂଲ୍ୟରେ 'ବିଶ୍ୱ ଏଡ଼ସ୍ ଦିବସ' ପାଳିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲା ଯୁବରେଡ଼କ୍ରସ ଆବାହକ-ସଂପାଦକ ଶିବ ପ୍ରସାଦ ସା, ଯୁବ ରେଡ଼କ୍ରସ ପରାମର୍ଶ ଦାତା ବୈକୁଣ୍ଠ ବେହେରା, ଜାତୀୟ ସେବା ଯୋଜନା ଅଧିକାରୀ ହେମାଳ ସାଙ୍କ ନେତୃତ୍ୱରେ ଏକ ସଚେତନତା ରେଲି ମହାବିଦ୍ୟାଳୟରୁ ବାହାରି ସିଲଦା ଗ୍ରାମ ପରିକ୍ରମା କରି ଗ୍ରାମବାସୀ ମାନଙ୍କୁ ଏଡ଼ସ୍ ବିଷୟରେ ସଚେତନ କରାଇଥିଲେ ।ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ହିତେଶ କୁମାର ସାହୁଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଖରିଆରରୋଡ଼ ସ୍ୱାସ୍ଥ୍ୟକେନ୍ଦ୍ର ର ଇଓଡଝ କାଉନସିଲର ବସନ୍ତ ଓଝା ମୁଖ୍ୟବକ୍ତା , ଅଧ୍ୟାପକ ବୈଦ୍ୟନାଥ ଗଡ଼ତିଆ ଓ ମମତା ପଟ୍ଟନାୟକ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ମଞ୍ଚାସୀନ ଥିଲେ । ଅଧ୍ୟାପକ ଶିବ ପ୍ରସାଦ ସା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ବୈକୁଣ୍ଠ ବେହେରା କାର୍ଯ୍ୟକ୍ରମ ଟିକୁ ସଂଯୋଜନା କରିଥିଲେ । ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ସ୍ୱେଚ୍ଛାସେବୀଙ୍କୁ ପୁରସ୍କୃତ କରାଯାଇଥିଲା । ରାଷ୍ଟ୍ରୀୟ ସେବା ଯୋନା ଅଧିକାରୀ ହେମାଳ ସା ଉପସ୍ଥିତ ଅତିଥି ଓ ସ୍ୱେଚ୍ଛାସେବୀ ମାନଙ୍କୁ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ଅଧ୍ୟାପକ ଶୁକଦେବ ଭିଲ୍ , ଗୋପୀଗୋପାଳ ସୁନା, ହିମାଚଳ ନାଏକ, ପ୍ରକାଶ କୁମାର ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## କଟକ ନଗର କଂଗ୍ରେସ ପକ୍ଷରୁ ଜାତୀୟ ମେଧା ଅନ୍ୱେଷଣ କାର୍ଯ୍ୟକ୍ରମର ସାମ୍ବାଦିକ ସମ୍ମିଳନୀ



କଟକ : ଆଜି କଟକ ନଗର କଂଗ୍ରେସ ପକ୍ଷରୁ ସଭାପତି ଗିରିବାଳା ବେହେରାଙ୍କ ନେତୃତ୍ୱରେ ପୁରୀଘାଟ ସ୍ଥିତ କଂଗ୍ରେସ କାର୍ଯ୍ୟାଳୟ ଠାରେ ଜାତୀୟ ମେଧା ଅନ୍ୱେଷଣ କାର୍ଯ୍ୟକ୍ରମର ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଆମ ଗଣତାନ୍ତ୍ରିକ ବିଧିବ୍ୟବସ୍ଥାକୁ ଛିନ୍ନଭିନ୍ନ କରିବାକୁ ବିଜେପି ଚେଷ୍ଟା କରୁଛି । ଅଗଣିତ ଯୁବବର୍ଗ ମନରେ ଏ ନେଇ କ୍ଷୋଭ ମଧ୍ୟ ଜାଗ୍ରତ ହୋଇଛି । ଅନ୍ୟାୟ, ଅନୀତି ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ଦେଶ ସେବା କରିବାକୁ ଚାହୁଁଥିବା ତଥା କଂଗ୍ରେସର ନୀତି ଆଦର୍ଶ ଓ କାର୍ଯ୍ୟକ୍ରମରେ ବିଶ୍ୱାସ ରଖୁଥିବା ବନ୍ଧୁମାନଙ୍କ ପାଇଁ ବଡ ସୁଯୋଗ ବୋଲି ସଭାପତି ଗିରିବାଳା ବେହେରା କହିଛନ୍ତି । ଏଆଇସିସି ଜାତୀୟ ମେଧା ଅନ୍ୱେଷଣ କାର୍ଯ୍ୟକ୍ରମ ଜରିଆରେ ଦକ୍ଷ ଓ ପ୍ରତିଭାବାନ ଉପସ୍ଥାପକ, ମୁଖପାତ୍ର, ଗଣମାଧ୍ୟମ ସଂଯୋଜକ ଓ ଗବେଷଣାତ୍ମକ ସଂଯୋଜକ ଚୟନ ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି ଶ୍ରୀମତୀ ବେହେରା କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ଶରତ ଚନ୍ଦ୍ର ଶେଠୀ, ବିକି ଚକ୍ରବର୍ତ୍ତୀ, ଆର୍ଯ୍ୟବୀର ଲେଙ୍କା, ପୂର୍ଣ୍ଣିମା ବେହେରା, ପ୍ରଭାତୀ ପଟ୍ଟନାୟକ, ଅନିତା ବେହେରା, ରାଜଶ୍ରୀ ରାୟ, ହରେନ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

## ନୂଆପଡା ବିଧାନସଭା ଉପ-ନିର୍ବାଚନ ସଫଳତାର ସହିତ ପରିଚାଳନା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଜିଲ୍ଲାପାଳଙ୍କୁ ପ୍ରଶଂସାପତ୍ର ପ୍ରଦାନ

ନୂଆପଡା (ମାନିସ) : ୭୧-ନୂଆପଡା ବିଧାନସଭା ନିର୍ବାଚନମଣ୍ଡଳୀର ଉପ-ନିର୍ବାଚନ ସଫଳତାର ସହିତ ପରିଚାଳନା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡିଶା ,ଜିଲ୍ଲାପାଳ ମଧୁସୂଦନ ଦାଶ ଓ ସମଗ୍ର ପ୍ରଶାସନକୁ ଶୁଭେଚ୍ଛା ଏବଂ ଅଭିନନ୍ଦନ ଜଣାଇଛନ୍ତି । ଏକ ପତ୍ରରେ ଆର୍.ଏସ ଗୋପାଳନ୍ ଉଲ୍ଲେଖ କରିଛନ୍ତି ଯେ,ସମସ୍ତ ବର୍ଗର ଭୋଟର ବରିଷ୍ଠ ନାଗରିକ, ଯୁବକ, ଦିବ୍ୟାଙ୍ଗ, ମହିଳା ଏବଂ ପିଭିଟିଜିମାନେ ପ୍ରଶଂସନୀୟ ଉତ୍ସାହ ସହିତ ବହୁ ସଂଖ୍ୟାରେ ନିର୍ବାଚନରେ ଅଂଶଗ୍ରହଣ କରିଥିଲେ । ଏହି ସମୟ ମଧ୍ୟରେ ଅନୁଷ୍ଠିତ ଉପ-ନିର୍ବାଚନରେ ଭୋଟରଙ୍କ ମତଦାନ ପ୍ରତିଶତ ସମଗ୍ର ଦେଶ ତୁଳନାରେ ନୂଆପଡାରେ ସର୍ବାଧିକ ଥିଲା । ଜିଲ୍ଲା ନିର୍ବାଚନ ଅଧିକାରୀ ଭାବରେ ଜିଲ୍ଲାପାଳଙ୍କ ନେତୃତ୍ୱ ସମଗ୍ର ପ୍ରକ୍ରିୟାରେ ଦୃଶ୍ୟମାନ ଥିଲା ।




ସେ ନିଶ୍ଚିତ କରିଥିଲେ ଯେ ଉପନିର୍ବାଚନର ପ୍ରତ୍ୟେକ ପର୍ଯ୍ୟାୟ ନିରପେକ୍ଷତା ଏବଂ ସ୍ୱଚ୍ଛତା ସହିତ ପରିଚାଳନା କରାଯିବ । ଏକ ମୁକ୍ତ, ନିରପେକ୍ଷ ଏବଂ ବିଶ୍ୱସନୀୟ ନିର୍ବାଚନ ପ୍ରକ୍ରିୟାର ନୀତି ବଜାୟ ରହିବ । ସମସ୍ତ ଭୋଟରଙ୍କ ନିକଟରେ ପହଞ୍ଚିବା ଏବଂ ନିର୍ବାଚନକୁ ସୁଗମ ଏବଂ ସରଳ କରିବା ପାଇଁ ଜିଲ୍ଲାପାଳଙ୍କ ଯତ୍ନର ସହିତ ପ୍ରସ୍ତୁତ ଯୋଜନାକୁ ଆନ୍ତରିକ ଭାବରେ ପ୍ରଶଂସା କରାଯାଇଛି । ଏହି ପ୍ରୟାସଗୁଡ଼ିକ ଶାନ୍ତିପୂର୍ଣ୍ଣ ମତଦାନ ଏବଂ ଭୋଟରମାନଙ୍କ ପାଇଁ ଏକ ମହାନ ଅଭିଜ୍ଞତା ପ୍ରଦାନ କରିଛି । ନିର୍ବାଚନ ପରିଚାଳନାର ସହଯୋଗପୂର୍ଣ୍ଣ ପରିବେଶରେ ରାଜ୍ୟ ଏବଂ ରାଜ୍ୟ ବାହାରେ ବିଭିନ୍ନ ସଂସ୍ଥା ସହିତ ସମନ୍ୱୟର ଅସାଧାରଣ ଦକ୍ଷତା ସ୍ପଷ୍ଟ ଭାବରେ ଦୃଶ୍ୟମାନ ହୋଇଥିଲା । ତାଙ୍କ ନେତୃତ୍ୱରେ ସମଗ୍ର ଦଳ ଯେଉଁ ସାଂଗଠନିକ ଦକ୍ଷତା ପ୍ରଦର୍ଶନ କରିଛନ୍ତି ତାହା ପ୍ରକୃତରେ ପ୍ରଶଂସନୀୟ । ଆନନ୍ଦର ସହିତ, ଜିଲ୍ଲାପାଳଙ୍କ ଅବଦାନକୁ ସ୍ୱୀକାର କରିବା ସହିତ ନୂଆପଡା ଉପ- ନିର୍ବାଚନର ସଫଳ ପରିଚାଳନା ପାଇଁ ଜିଲ୍ଲାପାଳ ଏବଂ ତାଙ୍କ ସହକର୍ମୀଙ୍କ ପ୍ରତି ମୁଖ୍ୟ ନିର୍ବାଚନ ଅଧିକାରୀ କୃତଜ୍ଞତା ଜ୍ଞାପନ କରି ଏହାକୁ ରେକର୍ଡରେ ଲିପିବଦ୍ଧ କରିଛନ୍ତି ।

## ନୂଆପଡ଼ାରେ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ

ନୂଆପଡ଼ା (ମାନିସ) : ନୂଆପଡ଼ା ମୁଖ୍ୟାଳୟ ସଭାବନା ସଭା ଗୃହଠାରେ ଜିଲ୍ଲାପାଳ ମଧୁସୂଦନ ଦାଶ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅମ୍ରିତ ପାଲ ସିଂହଙ୍କ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଆଜି ଶିବିରରେ ମୋଟ ୬୫ଟି ଅଭିଯୋଗର ଶୁଣାଣି ପ୍ରଶାସନ କରିଛନ୍ତି । ଏଥିରୁ ୪୮ ଟି ବ୍ୟକ୍ତିଗତ ଏବଂ ୧୭ ଗୋଟି ସାମୁହିକ ଅଭିଯୋଗ ଥିଲା । ଏହି ସବୁ ଅଭିଯୋଗ ଉପରେ ଅତିଶିଘ୍ର ସମାଧାନ କରିବାକୁ ବିଭାଗୀୟ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଦୁଇ ଜଣ ଅସହାୟଙ୍କୁ ରେଡକ୍ରସ୍ ପାଣ୍ଠିରୁ ତତ୍କାଳ ସହାୟତା ଯୋଗାଇ ଦିଆଯାଇଥିଲା । ଶିବିରରେ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ସହିତ ବନଖଣ୍ଡ ଅଧିକାରୀ ଖଡିଆଳ ଅଜିଜ ଖାନ୍, ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ, ଅତିରିକ୍ତ ଜିଲ୍ଲାପାଳ ପ୍ରଫୁଲ୍ଲ କୁଜୁର,ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପ ଜିଲ୍ଲାପାଳ ସୁର୍ମି ସୋରେନ୍ ପ୍ରମୁଖ ଉପସ୍ଥିତ ଥିଲେ । ବିଡ଼ିଓ ରୋହିତ ଭୋଇ, ତହସିଲଦାର ପ୍ରଣବ ରଞ୍ଜନ ସାହୁ, ଡେପୁଟି କଲେକ୍ଟର ଚିନ୍ମୟ ସାଗର, ଶେଖ୍ ନସିମ ଶିବିର ପରିଚାଳନାରେ ସହଯୋଗ କରିଥିଲେ । ଏଠାରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ଯନ୍ତ୍ରୀ, ଲାଇନ୍ ବିଭାଗ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ, କର୍ମଚାରୀ ଉପସ୍ଥିତ ଥିଲେ । ଏହି ଅବସରରେ ଅଭିଯୋଗ ଶିବିର ପରିସରରେ ବରିଷ୍ଠ ନାଗରିକ ମାନଙ୍କ ପାଇଁ ଏକ ସ୍ୱାସ୍ଥ୍ୟ ଶିବିର ର ଆୟୋଜନ ହୋଇଥିଲା । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ବର୍ଦ୍ଧିତ ଜନ ଶୁଣାଣୀ ହୋଇଥିବା ସାରାବଙ୍ଗ ଗାଁରେ ଜିଲ୍ଲା ପ୍ରାଣୀ ସମ୍ପଦ ବିଭାଗ ତରଫରୁ ଗୃହପାଳିତ ପଶୁପକ୍ଷୀଙ୍କ ପାଇଁ ଏକ ପ୍ରାଣୀ ଚିକିତ୍ସା ଶିବିର ମଧ୍ୟ ଆୟୋଜନ କରାଯାଇଥିଲା ।

## ମୁଖ୍ୟ ଶାସନ ସଚିବଙ୍କ ଦ୍ୱାରା ଡଃ ଗୀତାଞ୍ଜଳି ମିଶ୍ରଙ୍କ ଲିଖିତ ଦୁଇଟି ପୁସ୍ତକ ଉନ୍ମୋଚିତ

ଭୁବନେଶ୍ୱର : ମୁଖ୍ୟ ଶାସନ ସଚିବ ଶ୍ରୀ ମନୋଜ ଆହୁଜା ଆଜି ବିଶିଷ୍ଟ ଲେଖିକା ଡଃ ଗୀତାଞ୍ଜଳି ମିଶ୍ରଙ୍କ ଦ୍ୱାରା ଲିଖିତ ଦୁଇଗୋଟି ଉପାଦେୟ ପୁସ୍ତକକୁ ଉନ୍ମୋଚନ କରିଛନ୍ତି । ଲୋକସେବା ଭବନସ୍ଥିତ କାର୍ଯ୍ୟାଳୟରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଉପସ୍ଥିତିରେ ଡଃ ମିଶ୍ରଙ୍କ ଇଂରାଜୀ ପୁସ୍ତକ ଦ୍ୱୟ 'କନଭରଜେନ୍ସ ଆଣ୍ଡ ଡେଭେଲପମେଣ୍ଟ ଇନ୍ ଇଣ୍ଡିଆ' ଏବଂ 'ଆବିଲିଟି ବିୟଣ୍ଡ ଡିଜାବିଲିଟ' ପୁସ୍ତକ ଉନ୍ମୋଚିତ ହୋଇଥିଲା । ପ୍ରଥମ ପୁସ୍ତକରେ ଡଃ ମିଶ୍ର ଓଡ଼ିଶାରେ ବିଭିନ୍ନ ବିଭାଗର ସମନ୍ୱୟ(କନଭରଜେନ୍ସ)ରେ କରାଯାଉଥିବା ବିକାଶମୂଳ କାର୍ଯ୍ୟ ସହିତ ବିଭିନ୍ନ ରାଜ୍ୟରେ ହେଉଥିବା କାର୍ଯ୍ୟର ତୁଳନାତ୍ମକ ଉପସ୍ଥାପନ, ସଫଳ କାହାଣୀ ଓ ପ୍ରସ୍ତାବ ଉଲ୍ଲେଖ କରିଛନ୍ତି । ଡଃ. ମିଶ୍ର ରାଜ୍ୟର ୨୩ ଟି ପ୍ରଦେଶ ଗସ୍ତ କରି ତାଙ୍କର ବିଷୟ ସଂପର୍କିତ ଅଭିଜ୍ଞତା, ଅନୁଭୂତି ଓ ପ୍ରସ୍ତାବନା ଏଥିରେ ରଖିଛନ୍ତି । ସେହିପରି ଭିନ୍ନକ୍ଷମଙ୍କ କଲ୍ୟାଣକୁ ଗୁରୁତ୍ୱ ଦିଆଯାଇ ଲେଖାଯାଇଥିବା ଡଃ. ମିଶ୍ରଙ୍କର ୨ୟ ପୁସ୍ତକରେ ବିଭିନ୍ନ ପ୍ରକାର ଭିନ୍ନକ୍ଷମ, ଭିନ୍ନକ୍ଷମମାନଙ୍କର ସାମାଜିକ, ଅର୍ଥନୈତିକ ପ୍ରଗତି ପାଇଁ ଲକ୍ଷ୍ୟଭିତ୍ତିକ ନୀତି, ଗୋଷ୍ଠୀ ସଂପୃକ୍ତି ଏବଂ ସାମୁହିକ ଦାୟିତ୍ୱବୋଧ କିପରି ସେମାନଙ୍କର ଜୀବନଧାରଣ ମାନରେ ଆଖିଦୃଶିଆ ପରିବର୍ତ୍ତନ ଆଣି ପାରିବ, ସେଥିରେ ଉପାଦେୟ ତଥ୍ୟ ଓ ପ୍ରସ୍ତାବ ରହିଥିବା ଡଃ ମିଶ୍ର ପ୍ରକାଶ କରିଛନ୍ତି ।

# ହ୍ୟାଲୋ ବଲିଉଡ୍



## ବଲିଉଡ୍‌କୁ ନେଇ ରାଶି ଖାନ୍ନାଙ୍କ ବିସ୍ଫୋରକ ବୟାନ

ସାଉଥ୍ ସିନେମାରେ ମହିଳାଙ୍କୁ ବସ୍ତୁ ଭଳି ପ୍ରଦର୍ଶନ କରିବାର ଅଭିଯୋଗ ବହୁ ପୁରୁଣା । ଏ ମାମଲା ଉପରେ ଅନେକ ବିତର୍କ, ଆଲୋଚନା ବି ହୋଇଛି । ଏବେ ସାଉଥ୍ ଓ ବଲିଉଡ୍ର ଲୋକପ୍ରିୟ ଅଭିନେତ୍ରୀ ରାଶି ଖାନ୍ନା ଏ ବିଷୟରେ ନିଜ ରାୟ ଦେଇଛନ୍ତି । ଏକ ସାକ୍ଷାତକାରରେ ସେ କହିଛନ୍ତି, ଏହା କେବଳ ସାଉଥ୍ ଇଣ୍ଡଷ୍ଟ୍ରିରେ ହୁଏନାହିଁ, ବଲିଉଡ୍‌ରେ ମଧ୍ୟ ହୁଏ । ଏହା ସମ୍ପୂର୍ଣ୍ଣ ରୂପେ କଳାକାରଙ୍କ ପସନ୍ଦ ଉପରେ ନିର୍ଭର କରେ । କିଛି ଲୋକ ଏହାକୁ ନେଇ ସହଜ ଥାନ୍ତି, ଆଉ କିଛି ନୁହେଁ । ରାଶି ଆହୁରି କହିଛନ୍ତି, ମୁଁ ସାଉଥ୍‌ରେ ଏତେ ଅଧିକ ବ୍ୟବସାୟିକ ଫିଲ୍ମ କରିଛି ଯେ ହିନ୍ଦୀ ଇଣ୍ଡଷ୍ଟ୍ରି ଅଭିମୁଖେ ପାଦ ବଢ଼ାଇବା ଉଚିତ୍ ବୋଲି ଅନୁଭବ କରୁଛି । ବ୍ୟବସାୟିକ ଫିଲ୍ମରେ କାମ କରିବାରେ ମୋର କୌଣସି ସମସ୍ୟା ନାହିଁ । କିନ୍ତୁ ଏଥିରେ ମୋର ବି ଏକ ସୀମା ଅଛି । ସବୁ କଳାକାରଙ୍କ ଭିନ୍ନ ଭିନ୍ନ ସୀମା ଥାଏ ଏବଂ ତାହା ହିଁ ତାଙ୍କ ପରିଚୟ । ମୁଁ ଯେଉଁ କାମ କରୁଛି, ସେଥିରେ ସହଜ ଅନୁଭବ କରିବା ବହୁତ ଜରୁରି । ଯଦି ମୁଁ ଅନୁଭବ କରେ ଯେ କୌଣସି ସୀମା ଲଂଘନ ହେଉଛି ଏବଂ ମୁଁ ଏଥିରେ ଶସ୍ତା ହୋଇପାରେ, ତେବେ ମୁଁ ମନା କରିଦେବି । ସବୁ କଳାକାରଙ୍କ କମ୍ଫର୍ଟ ଜୋନ୍ ଅଲଗା । ତେଣୁ ମୁଁ କାହା ଉପରେ ଟିପ୍ପଣୀ ଦିଏ ନାହିଁ । ଖୁବ୍‌ଶୀଘ୍ର 'ଉସ୍ତାଦ ଭଗତ ସିଂହ'ରେ ପରଦାକୁ ଆସିବେ ରାଶି । ପୱନ କଲ୍ୟାଣ ଓ ଶ୍ରୀଲୀଲା ଷ୍ଟାରର୍ ଏହି ଫିଲ୍ମ ୨୦୨୬ ଏପ୍ରିଲରେ ଥିଏଟରକୁ ଆସିବ । ଶାହିଦ କପୁରଙ୍କ ଅପୋଜିଟ୍ରେ ଆମାଜନ୍ ପ୍ରାଇମ୍ ସିରିଜ୍ 'ଫର୍ଜି ସିଜନ୍-୨'ରେ ମଧ୍ୟ ସେ ଆସିବେ । ଆସନ୍ତା ବର୍ଷ ଏହାର ସୁଟିଂ ଆରମ୍ଭ ହେବ ।

# ଜମ୍ମୁ-କାଶ୍ମୀରରେ ଏନଆଇଏର ରେଡ୍

**ଶ୍ରୀନଗର:** ଦିଲ୍ଲୀ ବିସ୍ଫୋରଣ ପରେ ଅନେକ ସ୍ଥାନରେ ଚଢାଉ ଜାରି ରଖିଛି ଜାତୀୟ ତଦନ୍ତକାରୀ ସଂସ୍ଥା ବା ଏନଆଇଏ । ଦେଶର ବିଭିନ୍ନ ସ୍ଥାନରେ ଆତଙ୍କବାଦୀ ଲିଙ୍କ୍ ଖୋଜା ହେଉଛି । ଅନେକ ସୁରାକ ମଧ୍ୟ

### ଆତଙ୍କବାଦୀଙ୍କ ଆଡ୍ଡାରେ ଚାଲିଛି ଛାନଭିନ୍

ସଂସ୍ଥା ହାତରେ ଲାଗିଛି । ଯାହାର ଆଧାରରେ ଜମ୍ମୁ-କାଶ୍ମୀରରେ ଏନଆଇଏ ପକ୍ଷରୁ ବଡ ଧରଣର ରେଡ୍ ହୋଇଛି । ଅଭିଯୁକ୍ତ ଆତଙ୍କବାଦୀଙ୍କ କିଛି ଖାସ୍ ଜାଗାକୁ ଏନଆଇଏ ଅଧିକାରୀ ଘେରି ରହିଥିବା ସୂଚନା ମିଳିଛି ।

ସୂଚନାନୁସାରେ, ତଦନ୍ତକାରୀ ସଂସ୍ଥା ହାତରେ ହ୍ୱାଇଟ୍ କଲର ମଡେଲ ଲାଗିବା ପରେ ତତ୍ପରତା ପ୍ରକାଶ ପାଇଥିଲା । ଏହାର





ଲିଙ୍କରେ ଅନେକ ବ୍ୟକ୍ତି ରହିଛନ୍ତି । ଯେଉଁମାନେ ବିଭିନ୍ନ ପେଶାରେ ରହି ଆତଙ୍କବାଦୀ କାର୍ଯ୍ୟକଳାପକୁ ପ୍ରୋତ୍ସାହନ ଦେଉଛନ୍ତି । ଫରିଦାବାଦରୁ ୩୦୦୦ କେଜିର ଆମୋନିୟମ ନାଇଟ୍ରେଟ୍ ମିଳିବା ପରେ ଘଟଣା ବାବଦରେ ଅନେକ ତଥ୍ୟ ସାମ୍ନାକୁ ଆସିଥିଲା ।

ସେହିପରି ନଭେମ୍ବର ୧୦ରେ ହୋଇଥିବା ଦିଲ୍ଲୀ ବିସ୍ଫୋରଣ ପରେ ଏନଆଇଏ ହ୍ୱାଇଟ୍ କଲର ସହ ଜଡିତ ଅନେକ ରାକେଟର ପର୍ଦ୍ଦାଫାଶ କରିଥିଲା । ଗତ ସପ୍ତାହରେ ଅଧିକାରୀମାନେ ପୁଲୱାମା ଏବଂ ଶ୍ରୀନଗର ଜିଲ୍ଲା ହସ୍ପିଟାଲରେ ନିରୀକ୍ଷଣ କରିଥିଲେ । ଯାହା ଘାଟିରେ ଆକ୍ଟିଭ୍ ଥିବା ଆତଙ୍କବାଦୀ ଗତିବିଧି ଉପରେ ରୋକ୍ ଲଗାଇବାରେ ଅନେକ ମାତ୍ରାରେ ସକ୍ଷମ ହେବ ।

ଖାଲି ଦିଲ୍ଲୀ କିମ୍ବା ଜମ୍ମୁ କାଶ୍ମୀର ନୁହେଁ ଦେଶର ଅନେକ ଜାଗାରେ ଏନଆଇଏ ପକ୍ଷରୁ ରେଡ୍ ହେଉଛି । ଉତ୍ତରପ୍ରଦେଶର କାନପୁର, ସହରନପୁର, ଲକ୍ଷ୍ନୌ ଅନେକ ଜାଗାକୁ କୋର୍ ଜୋନ୍ ଭାବେ ଚିହ୍ନିତ କରାଯାଇଛି । ଏସବୁ ଅଞ୍ଚଳରେ ଲଗାତାର ଭାବେ ଚଢଉ ଜାରି ରହିଛି । କେଉଁମାନେ ଆତଙ୍କବାଦୀ ଗତିବିଧିରେ ସାମିଲ ଅଛନ୍ତି ତାହାର ଡାଟାବେସ୍ ମଧ୍ୟ ଅଧିକାରୀମାନେ ପ୍ରସ୍ତୁତ କରିଛନ୍ତି ।

# ପାକିସ୍ତାନ କ୍ୱେଟାରେ ଆତ୍ମଘାତୀ ଆକ୍ରମଣ, ୬ ମୃତ

*ବେଲୁଚିସ୍ତାନ ଲିବରେସନ ଫ୍ରଣ୍ଟର ଅପରେସନ ବ୍ୟାଟାଲିୟନ ଏହି ଆକ୍ରମଣ କରିଥିବା ଅନୁମାନ କରାଯାଉଛି ।*

**ଲାହୋର:** ପାକିସ୍ତାନ ଅଶାନ୍ତ । ପୁଣି ଥରେ ହେଲା ଆକ୍ରମଣ । ଦେଶର ବେଲୁଚିସ୍ତାନ ପ୍ରାନ୍ତରେ ଥିବା ଫ୍ରଣ୍ଟିଅର୍ ପୋଲିସର ମୁଖ୍ୟାଳୟର ମୁଖ୍ୟ ଗେଟରେ ସୋମବାର ସାକାଳେ ଆତ୍ମଘାତୀ ଆକ୍ରମଣ ହୋଇଛି । ଏଥିରେ ୬ ଜଣ ପ୍ରାଣ ହରାଇଥିବା ଜଣାପଡିଛି । ବେଲୁଚିସ୍ତାନ ଲିବରେସନ ଫ୍ରଣ୍ଟର ଅପରେସନ ବ୍ୟାଟାଲିୟନ ଏହି ଆକ୍ରମଣ କରିଥିବା ଅନୁମାନ କରାଯାଉଛି ।

ରିପୋର୍ଟ ଅନୁସାରେ, ସୋମବାର ସକାଳେ ମୁଖ୍ୟାଳୟର ମେନ୍ ଗେଟରେ ଭୟଙ୍କର ବିସ୍ଫୋରଣ ହୋଇଥିଲା । ଫଳରେ କାନ୍ଥ ଭୁଶୁଡି ପଡିଥିଲା । ଏଠାରେ ଏକ ଗାଡିରେ ବିସ୍ଫୋରକ ରଖାଯାଇଥିଲା । ଯାହା କାର୍ଯ୍ୟାଳୟ ଖୋଲିବା ସମୟରେ ବିସ୍ଫୋରଣ ହୋଇଥିଲା । ଆକ୍ରମଣ ପରେ କିଛି ବନ୍ଧୁକଧାରୀ ବ୍ୟକ୍ତି ମୁଖ୍ୟାଳୟ ମଧ୍ୟରେ ପ୍ରବେଶ କରି ଆଖିବୁଜା



ଗୁଳିମାଡ କରିଥିଲେ ।

ମୁଖ୍ୟାଳୟ ଭିତରେ ଏବେବି ଗୁଳି ବିନିମୟ ଚାଲିଥିବା ସୂଚନା ମିଳିଛି । ଘଟଣାସ୍ଥଳରେ ବରିଷ୍ଠ ପୋଲିସ ଅଧିକାରୀ ଏବଂ ସେନାର ଅଧିକାରୀ ପହଁଚିଥିବା ବେଳେ ପରିସ୍ଥିତି ସଙ୍ଗୀନ ରହିଛି । ଆକ୍ରମଣ ପରେ ଆଖପାଖ ଅଞ୍ଚଳରେ ଥିବା ସମସ୍ତ ହସ୍ପିଟାଲକୁ ଆଲର୍ଟ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ସ୍ଥାନୀୟ ରିପୋର୍ଟ ଅନୁସାରେ, ଘଟଣାସ୍ଥଳରେ ପୋଲିସକୁ ସାହାଯ୍ୟ ପାଇଁ କ୍ୱେଟାରୁ ଦୁଇଟି ହେଲିକପ୍ଟର ପହଁଚିଛି । କିନ୍ତୁ ଘଟଣା ପାଇଁ କେହି ହେଲେ ନିଜକୁ ଦାୟୀ କରିନାହାଁନ୍ତି । ଗତ କିଛି ଦିନ ହେବ ବେଲୁଚିସ୍ତାନ ଲିବରେସନ ଆର୍ମୀ ପାକିସ୍ତାନର ସୁରକ୍ଷାକର୍ମୀଙ୍କୁ ଟାର୍ଗେଟ କରିବା ବଢାଇ ଦେଇଛି । ଏହାର ଆରମ୍ଭ ମାର୍ଚ୍ଚରୁ ହୋଇଥିଲା । ଯେତେବେଳେ ବେଲୁଚିସ୍ତାନ ପ୍ରାନ୍ତରେ ଏକ ଟ୍ରେନକୁ ବନ୍ଧକ ରଖାଯାଇଥିଲା । ସେହିପରି ଗତ ସପ୍ତାହରେ ପାକିସ୍ତାନର ଏକ ଅର୍ଦ୍ଧସାମରିକ ବାହିନୀର କାର୍ଯ୍ୟାଳୟରେ ଆକ୍ରମଣ ହୋଇଥିଲା ।

# ମାଲକାନଗିରିରେ ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା ଶିବିର ପୂର୍ବ ପ୍ରସ୍ତୁତି ବୈଠକ

**ମାଲକାନଗିରି:** ମାଲକାନଗିରି ଜିଲ୍ଲାରେ ହେବାକୁ ଥିବା ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା ଶିବିର ନିମନ୍ତେ ପୂର୍ବ ପ୍ରସ୍ତୁତି ବୈଠକ ଆଜି ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ଦୋଳମଣି ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ଡିସେମ୍ବର ୩ରୁ ୬ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା ଶିବିର ବିଷୟରେ ବୈଠକରେ ଆଲୋଚନା କରାଯାଇଥିଲା ଓ ଏହି ସ୍ୱାସ୍ଥ୍ୟ ଶିବିରରେ ରାଜ୍ୟ ସ୍ତରୀୟ ମୂତ୍ର ରୋଗ ବିଶେଷଜ୍ଞ), ମସ୍ତିଷ୍କ ବିଶେଷଜ୍ଞ, କିଡ଼ନୀ ବିଶେଷଜ୍ଞ, ହୃଦ୍‌ରୋଗ ବିଶେଷଜ୍ଞ, ପାଚକ ତନ୍ତ୍ରର ବିଶେଷଜ୍ଞ ଏବଂ ଲାପାରୋସ୍କୋପି ଏବଂ ଶଲ୍ୟ ବିଶେଷଜ୍ଞ ଆଦି ଡାକ୍ତରୀଦଳ ଆସି ଏହି ସ୍ୱାସ୍ଥ୍ୟ ଶିବିରରେ ଚିକିତ୍ସା ସେବା ସହ ଅସ୍ତ୍ରୋପଚାର କରିବାର କାର୍ଯ୍ୟକ୍ରମ ରହିଛି ଓ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସହ ସ୍ୱାସ୍ଥ୍ୟ ଶିବିରରେ ଆସୁଥିବା ବିଶେଷଜ୍ଞ ଡାକ୍ତର ସମ୍ପର୍କିତ ବାର୍ତା ଦେବା ନିମନ୍ତେ ଜିଲ୍ଲାର ସାତଟି ବ୍ଲକ ଏବଂ ସହରାଂଚଳ ମାଲକାନଗିରିରେ ଡାକବାଜି ଯନ୍ତ୍ର ମାଧ୍ୟମରେ ମଧ୍ୟ ପ୍ରଚାର କରାଯାଉଛି । ଏଣୁ ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ଅନୁରୋଧ କରାଯାଉଛି କି ଆସନ୍ତା ୩ ରୁ ୬ ଡିସେମ୍ବର ପର୍ଯ୍ୟନ୍ତ ହେବାକୁ ଥିବା ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା ଶିବିରକୁ ବହୁଳ ଭାବେ ରୋଗୀ ଆସି ବିନା ମୂଲ୍ୟରେ ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ମାଲକାନଗିରି ଠାରେ ଚିକିତ୍ସା ସୁବିଧା ପାଇବାକୁ । ଏହି ବୈଠକରେ ଜିଲ୍ଲା ଚିକିତ୍ସା ଅଧିକାରୀ (ଚିକିତ୍ସା ସେବା)-ତଥା –ଅଧିକ୍ଷକ, ମାଲକାନଗିରି ଡା.ବ୍ରଜବନ୍ଧୁ ଦାଶ, ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳିକା ଡା. ମୌସୁମୀ ମିଶ୍ରଙ୍କ ସମେତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସମସ୍ତ ଡାକ୍ତର ଓ ଜିଲ୍ଲା ସ୍ତରୀୟ ସ୍ୱାସ୍ଥ୍ୟ ଅଧିକାରୀ ଉପସ୍ଥିତ ରହିଥିଲେ ।

# ମାଗଣା ଯୋଜନାରେ ଦେଶ ଗଢ଼ି ହେବନି



**ନୂଆଦିଲ୍ଲୀ:** ନିର୍ବାଚନ ବୈତରଣୀ ପାର ହେବା ଲାଗି ରାଜନୈତିକ ଦଳଗୁଡ଼ିକ ମଧ୍ୟରେ ମାଗଣା ଯୋଜନା ଘୋଷଣାକୁ ନେଇ ହେଉଥିବା ପ୍ରତିଯୋଗିତାକୁ ନେଇ ଭାରତୀୟ ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ଣ୍ଣର ଡି ସୁବାରାଓ ଚିନ୍ତା ପ୍ରକଟ କରିଛନ୍ତି । ପ୍ରତି ମାଗଣା ଯୋଜନାକୁ ସେ ରାଜନୈତିକ ବିଫଳତା ବୋଲି କହିଛନ୍ତି । ମାଗଣା ଯୋଜନା କଥା କହୁଥିବା ଦଳ ଲୋକମାନଙ୍କୁ ଏହି ବାର୍ତ୍ତା ଦେଉଛନ୍ତି ଯେ ଆମେ ଆପଣମାନଙ୍କୁ ସମ୍ମାନର ସହ ବଞ୍ଚିବା କିମ୍ବା ନିୟମିତ ରୋଜଗାର ମାଧ୍ୟମ ଦେଇପାରୁନାହୁଁ । ତେଣୁ ଆପଣମାନଙ୍କ ପାଇଁ ଏବେ ଏତିକି ଅଛି । ସେତିକି ନେଇ କାମ ଚଳାଅ । ମାଗଣା ଯୋଜନା ଦ୍ୱାରା ନିର୍ବାଚନ ଜିତିହେବ, କିନ୍ତୁ ରାଷ୍ଟ୍ର ଗଠନ କରିହେବ ନାହିଁ ବୋଲି ସେ କହିଛନ୍ତି ।

ସୁବାରାଓ କହିଛନ୍ତି ଯେ ଏକଦା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ପ୍ରଥାକୁ ବିରୋଧ କରୁଥିଲେ । କିନ୍ତୁ ଏଥିରେ ନିର୍ବାଚନ ଜିତିବାର ସାମର୍ଥ୍ୟ ଥିବା ଜାଣିବା ପରେ ତାଙ୍କ ଦଳ ମଧ୍ୟ ସେହି ପ୍ରତିଯୋଗିତାରେ ସାମିଲ ହୋଇଛି । ଭାରତରେ ଆଉ ନିଯୁକ୍ତି ସୃଷ୍ଟି, ଉତ୍ପାଦକତା ବୃଦ୍ଧି

### ମାଗଣା ଯୋଜନାକୁ ନେଇ ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ଣ୍ଣରଙ୍କ ମନ୍ତବ୍ୟ

କିମ୍ବା ମାନବ ସମ୍ବଳ ଗଢ଼ିବା ସମ୍ପର୍କରେ ବିତର୍କ ହେଉନି । ମାଗଣା ଯୋଜନାରେ ଲୋକଙ୍କୁ ୧୦ ହଜାର ଟଙ୍କା ଦେଲେ ଭଲ ନା ୩୦,୦୦୦ ଟଙ୍କା, ତାହା ଉପରେ ଆଲୋଚନା ହେଉଥିବା ଚିନ୍ତାର ବିଷୟ । ଏହି ମାଗଣା ଯୋଜନା ପଛର ଆଉ ଏକ ବଡ଼ ରହସ୍ୟକୁ ସେ ଉନ୍ମୋଚନ କରିଛନ୍ତି। ସୁବାରାଓ କହିଛନ୍ତି ଯେ ବଡ଼ ବଡ଼ ଲୋଭନୀୟ ଯୋଜନା ଘୋଷଣା କରି ନିର୍ବାଚନ ଜିତିବା ପରେ ରାଜନୈତିକ ଦଳଗୁଡ଼ିକ ସେହି ପ୍ରତିଶ୍ରୁତି ରକ୍ଷା କରିବାକୁ ସଂଘର୍ଷ କରୁଛନ୍ତି ।

ସେମାନେ ଋଣ ଆଣି ଲୋକଙ୍କୁ ବାଣ୍ଟୁଛନ୍ତି । ଏହାର ଅର୍ଥ ହେଉଛି ଏବେ ଯେଉଁ ଟଙ୍କା ବଣ୍ଟାଯାଉଛି, ତାହା ଆଗାମୀ କାଲିର ଟିକସଦାତାଙ୍କ ଉପରେ ଏକ ବୋଝ ହେବ। ନିକଟରେ ଶେଷ ହୋଇଥିବା ବିହାର ନିର୍ବାଚନରେ ଅନେକ ଅବିଶ୍ୱସନୀୟ ଯୋଜନା ଘୋଷଣା ହୋଇଥିଲା ଯାହାକୁ ପୂରଣ କରିବା ଅସମ୍ଭବ ପ୍ରାୟ ମନେ ହେଉଛି।

# ରାଜ୍ୟସ୍ତରୀୟ ଆନ୍ଦୋଳନ ପାଇଁ ଭଦ୍ରକ ଜିଲ୍ଲା ପ୍ରାଥମିକ ଶିକ୍ଷକ ମହାସଂଘର ପ୍ରସ୍ତୁତି ବୈଠକ

**ଭଦ୍ରକ:** ଭଦ୍ରକ ବାଇପାସସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ପ୍ରାଙ୍ଗଣରେ ଜିଲ୍ଲାର ସମସ୍ତ ଏନ୍.ପି.ଏସ୍ ବର୍ଗର ଶୀର୍ଷ ନେତୃତ୍ୱଙ୍କୁ ନେଇ ପ୍ରାଥମିକ ଶିକ୍ଷକ ମହାସଂଘର ଆଗାମୀ ଡିସେମ୍ବର ୫ ତାରିଖ ରାଜ୍ୟସ୍ତରୀୟ ମହାଆନ୍ଦୋଳନ ପାଇଁ ଓଡିଶାର ସମସ୍ତ କାର୍ଯ୍ୟରତ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କର ୨ଦଫା ଦାବି ସମ୍ପର୍କରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି।

ଦୁଇ ଦଫା ଦାବୀ ଗୁଡିକ ହେଲା ପ୍ରାଥମିକ ଶିକ୍ଷକ ମାନଙ୍କର ମୂଳପଦବୀକୁ ଅପଗ୍ରେଡ କରି ଲେବୁଲ୍-୯ ଅନୁଯାୟୀ ମୂଳବେତନ ୩୫୪୦୦ ଟଙ୍କା ପ୍ରଦାନ କରିବା, ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରୁ ଠିକା ପ୍ରଚ୍ଛେଦ ଉଚ୍ଛେଦ କରି ୨୦୦୧ ମସିହାଠାରୁ ଅଦ୍ୟାବଧି କାର୍ଯ୍ୟରତ ସମସ୍ତ ଶିକ୍ଷକ ମାନଙ୍କର ଠିକା କାର୍ଯ୍ୟକାଳକୁ ମୂଳ ଚାକିରିରେ ଗଣନା କରିବା ସହିତ ନୋସନାଲ ଇନକ୍ରିମେଂଟ ପ୍ରଦାନ କରିବା। ବୈଠକର ଚୂଡାନ୍ତ ନିଷ୍ପତି ଅନୁଯାୟୀ ଆସନ୍ତା ୩୦ ତାରିଖ ଦିନ ପ୍ରତ୍ୟେକ ବ୍ଲକ ସ୍ତରରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଜରିଆରେ ଦାବୀପତ୍ର ପ୍ରଦାନ କରାଯିବା ସହିତ ଆସନ୍ତା ୫ତାରିଖ (ଶୁକ୍ରବାର) ଠାରୁ ସର୍ବୈତନିକ ଛୁଟିନେଇ ଦାବୀ ହାସଲ ପର୍ଯ୍ୟନ୍ତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଗାନ୍ଧୀମାର୍ଗରେ ଅହୋରାତ୍ର ଧାରଣାରେ ବସିବା ପାଇଁ ନିଷ୍ପତି ହୋଇଛି। ଏହି ବୈଠକରେ ଶିକ୍ଷକ ନେତା ପର୍ଶୁରାମ ନାୟକ, ଉତମ କୁମାର ଦାସ, ଅରବିନ୍ଦ ଦୀକ୍ଷିତ, ସୁବ୍ରତ ଧଳ, ଜ୍ୟୋତିର୍ମୟ ଅଗସ୍ତି, ଅଜିତ ମହାରଣା, ନୀଳାଦ୍ରୀ ତ୍ରିପାଠୀ, ପ୍ରକାଶ ନାରାୟଣ ଜେନା, ତବରେଜ ଖାନ, ଗୟାଧର ଦାସ, ପ୍ରଣୟ ମହାପାତ୍ର, ପ୍ରକାଶ କୁମାର ନାୟକ, ରୂପକ ମିଶ୍ର, ପ୍ରଦୀପ ସେଠୀ, ନରେନ୍ଦ୍ର ସାହୁ, ସନ୍ତୋଷ ମଲ୍ଲିକ, ଦେବାଶିଷ ନାଥ, ନିରଞ୍ଜନ ଖିଲାର, ଓମ୍ ପ୍ରକାଶ ରାଉତ, ପ୍ରଭାସ ପଣ୍ଡା, ବିମଳ ଦାସ, ହେମନ୍ତ ମଲ୍ଲିକ, ଦୀପକ ସୂତାର, ତୋଫାନ କୁମାର ନାୟକ, ଝାନସୀ ରାଣୀ ରାଉତ, ପରମେଶ୍ୱର ପୃଷ୍ଟି, ଦେବାଶିଷ ବେହେରା, ବିପିନୀ ବିହାରୀ ଜେନା, ଆଲୋକ ମଲ୍ଲିକ, ସାଫଲ୍ୟ ମହାଳିକ, ଆନନ୍ଦ ମହାଳିକ ପ୍ରମୁଖ ଉପସ୍ଥିତ ଥିଲେ।

### ପ୍ରତ୍ୟାର୍ପଣକୁ ନେଇ ବଡ଼ ବୟାନ ଦେଲା ବାଂଲାଦେଶ


# 'ହସିନାଙ୍କ ବିନା ଢାକା-ନୂଆଦିଲ୍ଲୀ ସମ୍ପର୍କ ଉତ୍ତମ ରହିବ'

**ବାଂଲାଦେଶ କହିଛି ଯେ ଭାରତ ବହିଷ୍କୃତ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କୁ ପ୍ରତ୍ୟାର୍ପଣ କରିବ ବୋଲି ଆଶା କରୁଛି । କିନ୍ତୁ ଏହି ପ୍ରସଙ୍ଗକୁ ନୂଆଦିଲ୍ଲୀ ସହିତ ଦ୍ୱିପାକ୍ଷିକ ସମ୍ପର୍କରେ ବାଧା ସୃଷ୍ଟି କରିବାକୁ ଦେବ ନାହିଁ । ଢାକାର ମଧ୍ୟବର୍ତ୍ତୀକାଳୀନ ସରକାରଙ୍କ ବୈଦେଶିକ ବ୍ୟାପାର ପରାମର୍ଶଦାତା ମହମ୍ମଦ ତୌହିଦ ହୋସେନ ଗଣମାଧ୍ୟମ ପ୍ରତିନିଧିଙ୍କ ସହ କଥାବାର୍ତ୍ତା ସମୟରେ ଏହି ବିବୃତ୍ତି ଦେଇଛନ୍ତି ।**

**ନୂଆଦିଲ୍ଲୀ:** ବାଂଲାଦେଶ ଫେରିବେ କି ହସିନା ? ପ୍ରତ୍ୟାର୍ପଣ କରିବ କି ଭାରତ ? ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ବିରୁଦ୍ଧରେ ହିଂସାତ୍ମକ ମାମଲାରେ ସତନ୍ତ୍ର ଟ୍ରିବ୍ୟୁନାଲ୍ ମୃତ୍ୟୁଦଣ୍ଡ ଦେଇଥିଲେ। ପୂର୍ବରୁ ବାଂଲାଦେଶର ଏକ କୋର୍ଟ ତାଙ୍କୁ ପଳାତକ ଘୋଷଣା କରିଥିଲେ। କିନ୍ତୁ ହସିନା ବର୍ତ୍ତମାନ ଭାରତର ଶରଣରେ ଅଛନ୍ତି। ହସିନାଙ୍କୁ ପ୍ରତ୍ୟାର୍ପଣ ପାଇଁ ଅନୁରୋଧ କରିଛି ବାଂଲାଦେଶ।

ବାଂଲାଦେଶ କହିଛି ଯେ ଭାରତ ବହିଷ୍କୃତ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କୁ ପ୍ରତ୍ୟାର୍ପଣ କରିବ ବୋଲି ଆଶା କରୁଛି। କିନ୍ତୁ ଏହି ପ୍ରସଙ୍ଗକୁ ନୂଆଦିଲ୍ଲୀ ସହିତ ଦ୍ୱିପାକ୍ଷିକ ସମ୍ପର୍କରେ ବାଧା ସୃଷ୍ଟି କରିବାକୁ ଦେବ ନାହିଁ। ଢାକାର ମଧ୍ୟବର୍ତ୍ତୀକାଳୀନ ସରକାରଙ୍କ ବୈଦେଶିକ ବ୍ୟାପାର ପରାମର୍ଶଦାତା ମହମ୍ମଦ ତୌହିଦ ହୋସେନ ଗଣମାଧ୍ୟମ ପ୍ରତିନିଧିଙ୍କ ସହ କଥାବାର୍ତ୍ତା ସମୟରେ ଏହି ବିବୃତ୍ତି ଦେଇଛନ୍ତି।

ହସିନାଙ୍କ ପ୍ରତ୍ୟାର୍ପଣ ବିନା ଭାରତ ଭଲ ସମ୍ପର୍କ ଆଶା କରିପାରିବ କି ବୋଲି ପଚରାଯିବାରୁ, ହୋସେନ କହିଥିଲେ, 'ଆମର ଦ୍ୱିପାକ୍ଷିକ ସମ୍ପର୍କ କେବଳ ଗୋଟିଏ



ପ୍ରସଙ୍ଗରେ ଅଟକି ରହିବ ନାହିଁ। ଯେହେତୁ ହସିନା ବର୍ତ୍ତମାନ ଜଣେ ଘୋଷିତ ଅପରାଧୀ, ତେଣୁ ବାଂଲାଦେଶ ଯଥାଶୀଘ୍ର ଭାରତଠାରୁ ତାଙ୍କର ପ୍ରତ୍ୟାର୍ପଣ ଆଶା କରୁଛି।

ଗତ ବର୍ଷ, ହସିନାଙ୍କ ବିରୁଦ୍ଧରେ ହିଂସାତ୍ମକ ଛାତ୍ର-ନେତୃତ୍ୱରେ ପ୍ରତିବାଦ ଆରମ୍ଭ ହୋଇଥିଲା, ଯେଉଁଥିରେ ଅନେକ ପ୍ରଦର୍ଶନକାରୀଙ୍କ ମୃତ୍ୟୁ ହୋଇଥିଲା। ଅନେକ ପୋଲିସ ଆହତ ହୋଇଥିଲେ। ୫ ଅଗଷ୍ଟ ୨୦୨୪ରେ ହସିନାଙ୍କ ସରକାର ଭାଙ୍ଗିଥିଲା। ଏହା ପରେ ହସିନା ପଳାୟନ କରି ଭାରତରେ ଆଶ୍ରୟ ନେଇଥିଲେ। ଚଳିତ ବର୍ଷ ନଭେମ୍ବର ୧୭ ତାରିଖରେ ଏକ ସତନ୍ତ୍ର ଟ୍ରିବ୍ୟୁନାଲ୍ ପୂର୍ବତନ ପ୍ରଧାନମନ୍ତ୍ରୀଙ୍କୁ ତାଙ୍କ ଅନୁପସ୍ଥିତିରେ ମୃତ୍ୟୁଦଣ୍ଡ ଦେଇଥିଲେ। ପୂର୍ବରୁ, ବାଂଲାଦେଶର ଏକ କୋର୍ଟ ତାଙ୍କୁ ପଳାତକ ଘୋଷଣା କରିଥିଲେ।

ଢାକାରେ ମହମ୍ମଦ ୟୁନୁସଙ୍କ ନେତୃତ୍ୱରେ ମଧ୍ୟବର୍ତ୍ତୀକାଳୀନ ସରକାରଙ୍କ ଅଧୀନରେ ଭାରତ ସହିତ ସମ୍ପର୍କ ବିଷୟରେ ଅନ୍ୟ ଏକ ପ୍ରଶ୍ନର ଉତ୍ତରରେ ହୁସେନ କହିଛନ୍ତି ଯେ ଭାରତକୁ ନୂତନ ବାସ୍ତବତା ସହିତ ଖାପ ଖୁଆଇବା ପାଇଁ କିଛି ସମୟ ଆବଶ୍ୟକ। ସେ କହିଛନ୍ତି, 'ଆମେ ପାରସ୍ପରିକ ସ୍ୱାର୍ଥ ଉପରେ ଆଧାରିତ ଭାରତ ସହିତ ଉତ୍ତମ ସମ୍ପର୍କ ରଖିବାକୁ ଚାହୁଁଛୁ। ଭାରତ ହସିନାଙ୍କ ପ୍ରତ୍ୟର୍ପଣ ପାଇଁ ପୂର୍ବ ଅନୁରୋଧର ଉତ୍ତର ଦେଇନାହିଁ। କିନ୍ତୁ ଢାକା ଏବେ ନୂଆଦିଲ୍ଲୀଠାରୁ ପ୍ରତିକ୍ରିୟା ଆଶା କରୁଛି କାରଣ ନ୍ୟାୟିକ ପ୍ରକ୍ରିୟା ସମାପ୍ତ ହେବା ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀଙ୍କୁ ଦୋଷୀ ସାବ୍ୟସ୍ତ କରାଯିବା ପରେ ପରିସ୍ଥିତି ଏବେ ଭିନ୍ନ।

# କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକଙ୍କ ସମୀକ୍ଷା

**ଭଦ୍ରକ:** ଜିଲାରେ ଚାଷୀ ପଂଜିକରଣ କାର୍ଯ୍ୟକୁ ସଠିକ୍ ଭାବେ ସଂପାଦନ କରିବା ସହ ଧାନ ଅମଳ ପରେ, ପରବର୍ତୀ ଫସଲ ଉତ୍ପାଦନକୁ ବୃଦ୍ଧି କରିବା ପାଇଁ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଶୁଭମ ସାକସେନା ଗୁରୁତ୍ୱ ଦେଇଛନ୍ତି। ଗତକାଲି ନିର୍ଦ୍ଦେଶକ ସାକସେନା ଭଦ୍ରକ ଗସ୍ତରେ ଆସି ଜିଲାରେ ଚାଲିଥିବା କୃଷି ବିଭାଗର ବିଭିନ୍ନ ଯୋଜନାକୁ ସମୀକ୍ଷା କରିଥିଲେ। ଜିଲା ସଦ୍‌ଭାବନା ଗୃହରେ ଅନୁଷ୍ଠିତ ଏହି ବୈଠକରେ ଜିଲାପାଳ ଦିଲ୍ଲୀପ ରାଉତରାଏ, ଅତିରିକ୍ତ ଜିଲାପାଳ ରବିନାରାୟଣ ସାହୁ, ଜିଲା ମୁଖ୍ୟ କୃଷି ଅଧିକାରୀ ଦ୍ୱିଜବର ସେଠୀ, ଡିଆରସିଏସ୍ ଦୁଖିଆ ଟୁଡୁ, ମାର୍କଫେଡ୍ ଏରିଆ ମେନେଜର ରାଜକିଶୋର ଦାସଙ୍କ ସହ ୭ଟି ବ୍ଲକ୍‌ର କୃଷି ଅଧିକାରୀ ଓ ସହକାରୀ କୃଷି ଅଧିକାରୀମାନେ ଯୋଗ ଦେଇଥିଲେ। ମୁଖ୍ୟତଃ ଜିଲାରେ ଚାଲିଥିବା ପ୍ରକୃତ ଚାଷୀଙ୍କ ଚିହ୍ନଟ ପାଇଁ ଚାଷୀ ପଂଜିକରଣ କାର୍ଯ୍ୟ ଶୀଘ୍ର ସାରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଚାଷୀ ପଂଜିକରଣ ସମୟରେ ପଂଚାୟତ ଓ ଗାଁ ମାନଙ୍କରେ କ୍ୟାମ୍ପ କରି ଆର.ଆଇ ଓ ଗ୍ରାମ୍ୟ କୃଷି କର୍ମଚାରୀମାନେ ଚାଷୀମାନଙ୍କ ସହାୟତାରେ ତ୍ରୁଟିଶୂନ୍ୟ ଭାବେ ପଂଜିକରଣ କରିବାକୁ ପରାମର୍ଶ ଦେଇଥିଲେ। ସେହିପରି ଜିଲାରେ ଧାନ ଅମଳ ପରେ ପରବର୍ତୀ ଫସଲ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ।

ଚଳିତ ୨୦୨୫-୨୬ ରେ ରବିରେ ଜିଲାରେ ଲକ୍ଷ୍ୟଧାର୍ଯ୍ୟ ରଖାଯାଇଥିବା ବିଭିନ୍ନ ଫସଲ କାର୍ଯ୍ୟକ୍ରମକୁ ଅନୁଧ୍ୟାନ କରିଥିଲେ। ଚଳିତ ରବିରେ ସନଫ୍ଲାଓାର ୩ ଶହ ହେକ୍ଟରରେ ଚାଷ କରାଯିବା ସହ ଚିନା ବାଦାମ ୨ ଶହ ହେକ୍ଟର, ସୋରିଷ ୧୨ ଶହ ହେକ୍ଟର ଓ ରାଶି ୨ ଶହ ହେକ୍ଟର ମୋଟ ୧୯ ଶହ ହେକ୍ଟରରେ ତୈଳବୀଜ ଓ ୧୮ ହଜାର ହେକ୍ଟରରେ ମୁଗ, ବିରି ଡାଲିଜାତୀୟ ଚାଷ ହେବାର ଲକ୍ଷ୍ୟଧାର୍ଯ୍ୟ ରଖାଯାଇଛି। ସେହିପରି ଡିଜିଟାଲ କ୍ରପ୍ ସର୍ଭେ କ୍ଷେତ୍ରରେ ସ୍ୱଚ୍ଛତା ରଖିବା ସହ ନମୁନା ମାଟି ସଂଗ୍ରହ ଓ ତାର ପରୀକ୍ଷା ସଠିକ୍ କରିବାକୁ ପରାମର୍ଶ ଦେଇଥିଲେ। ଏବଂ ଜିଲାରେ ବିହନ ଆବଂଟନ ପ୍ରକ୍ରିୟାର ସମୀକ୍ଷା କରିଥିଲେ। ଚାଷୀମାନଙ୍କୁ ସହଜ ଓ ସୁବିଧାରେ କିପରି ଉନ୍ନତମାନର ସାର ଉପଲବ୍ଧ ହେବ, ତାହା ଉପରେ ଗୁରୁତ୍ୱ ଦେଇଥିଲେ। ସିଏମ୍ କିସାନ ଯୋଜନାରେ କୃଷକମାନଙ୍କର ପଂଜିକରଣ କାର୍ଯ୍ୟ ଶୀଘ୍ର ସାରିବାକୁ କହିଥିଲେ।

## ରାଶିଫଳ

**ମେଷ :** ସପ୍ତମ ଚନ୍ଦ୍ର ଯୋଗୁ ଆମୋଦପ୍ରମୋଦ, ମଉଜ ମଜଲିସରେ ଅଧିକ ଆଗ୍ରହ ରହିବ ଏବଂ ପରିବାର ପ୍ରତି ଅଧିକ ଯତ୍ନବାନ ହେବେ। ମନରେ ପ୍ରସନ୍ନତା, ଦାମ୍ପତ୍ୟ ଜୀବନରେ ମଧୁରତା ଏବଂ ପରିବାରରେ ସ୍ୱର୍ଗୀୟ ସୁଖ ଅନୁଭୂତ ହେବ।

**ବୃଷ :** ଷଷ୍ଠ ଚନ୍ଦ୍ର ଯୋଗୁ ରୋଗ, ଋଣ, ଦୁଃଖ, ଶୋକ, କ୍ଲେଶ, ମାନସିକ ଅବସାଦରୁ ସାମୟିକ ମୁକ୍ତି ମିଳିବ। ଶତ୍ରୁମାନେ ମିତ୍ରତାର ହାତ ବଢ଼ାଇବେ ଏବଂ ଆପଣଙ୍କ ବକ୍ତବ୍ୟରେ ସମ୍ମୋହନର ଶକ୍ତି ରହିବ।

**ମିଥୁନ :** କୃଷ୍ଣପକ୍ଷର ପଞ୍ଚମ ଚନ୍ଦ୍ର, ଘାତ ନକ୍ଷତ୍ର ଘାତ ତିଥି ଯୋଗୁ ଅପମାନ, ଅପମାନ ଓ ଅପନିନ୍ଦା ମିଳିବ ଏବଂ ମନ ଅସ୍ଥିର ଓ ବିଷାଦଗ୍ରସ୍ତ ରହିବ। ସନ୍ତାନମାନଙ୍କ ଶିକ୍ଷା, ଦୀକ୍ଷା, ଚାଲିଚଳନ, କାର୍ଯ୍ୟକୁ ନେଇ ଚିନ୍ତିତ ହେବେ ।

**କର୍କଟ :** ଚତୁର୍ଥ ଚନ୍ଦ୍ର, ଘାତବାର ଯୋଗୁ ଘାତବାରର ପ୍ରଭାବ ରହିବ ନାହିଁ । ଗୁରୁଜନଙ୍କ କୃପା, କ୍ଷମତାଶାଳୀ ବ୍ୟକ୍ତିଙ୍କ ସହାୟତା ଏବଂ ରାଜନୈତିକ ବ୍ୟକ୍ତିଙ୍କ ଶୁଭଦୃଷ୍ଟିରେ ରହିବେ । ଜମିଜମା ବିବାଦ, ପାରିବାରିକ ବିବାଦ ଏବଂ ମାଲିମକଦ୍ଦମାରେ ବିଜୟ ହାସଲ କରିବେ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ଅତି ଉତ୍ତମ ହେବ ।

**ସିଂହ :** ତୃତୀୟ ଚନ୍ଦ୍ର ଯୋଗୁ ମନରେ ଉତ୍ସାହ, ଉଦ୍ଦୀପନା, ପରିବାରରେ ସୁଖଶାନ୍ତି ଏବଂ ଭାଇଭଉଣୀଙ୍କ ସାହାଯ୍ୟ, ସହଯୋଗ ପ୍ରାପ୍ତ କରିବେ । କୌଣସି ଶୁଭକର୍ମର ଆୟୋଜନ କରିବେ କିମ୍ବା କୌଣସି ଶୁଭକର୍ମରେ ଯୋଗଦେବେ ।

**କନ୍ୟା :** କୃଷ୍ଣପକ୍ଷର ଦ୍ୱିତୀୟ ଚନ୍ଦ୍ର ଯୋଗୁ ମନରେ ଦୁଶ୍ଚିନ୍ତା, ଦୁର୍ଭାବନା ଓ ହତୋତ୍ସାହ ଭାବ ପ୍ରକାଶ ପାଇବ ଏବଂ ପରିବାରରେ ଅଶାନ୍ତିର ବାତାବରଣ ରହିବ । ମୂଲ୍ୟବାନ ପଦାର୍ଥ ନଷ୍ଟ କିମ୍ବା ହଜିଯାଇପାରେ ଏବଂ ଆର୍ଥିକ ଠକାମିରେ ପଡ଼ିପାରନ୍ତି ।

**ତୁଳା :** ଶ୍ରୀଚନ୍ଦ୍ର ଏବଂ ସ୍ୱାତୀ ନକ୍ଷତ୍ର ଭୋଗ ହେଉଥିବାରୁ ନୂତନ ଭୂମିପୂଜା, ଗୃହ ପ୍ରତିଷ୍ଠା, ଗୃହାରମ୍ଭ, ବିଦ୍ୟାରମ୍ଭ, କର୍ମାରମ୍ଭ ଓ ବ୍ୟବସାୟ ଆରମ୍ଭ ଆଦି ଶୁଭକର୍ମର ଆୟୋଜନ କରିପାରନ୍ତି । ଯେଉଁମାନଙ୍କର ଚିତ୍ରା ଓ ବିଶାଖା ତୁଳା, ସେମାନେ ଉପକୃତ ହେବେ ।

**ବିଛା :** ଦ୍ୱାଦଶ ଚନ୍ଦ୍ର ଯୋଗୁ ଅପବ୍ୟୟ, ଅପବାଦ ଓ ଅପଯଶରୁ ସାମୟିକ ମୁକ୍ତି ମିଳିବ ଏବଂ ଦେହ ଓ ମନ ସୁସ୍ଥ ରହିବ । ଖର୍ଚ୍ଚ ଅପେକ୍ଷା ସଞ୍ଚୟ ଅଧିକ ରହିବ ଏବଂ ଆୟର କିଛି ଅଂଶ ସଞ୍ଚୟରେ ବିନିଯୋଗ କରିବେ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ଅତି ଉତ୍ତମ ହେବ ଏବଂ ଆର୍ଥିକ ସ୍ଥିତିରେ ଉନ୍ନତି ଆସିବ ।

**ଧନୁ :** ଏକାଦଶ ଚନ୍ଦ୍ର ଯୋଗୁ ଆକସ୍ମିକ ଧନଲାଭ, କୌଣସି ବିଶେଷ ସୂତ୍ରରୁ ଧନପ୍ରାପ୍ତି ଏବଂ ଅନ୍ୟକୁ ଦେଇଥିବା ଧନ ଓ ହୃତଧନ ଫେରିପାଇବେ । ଉନ୍ନତିମୂଳକ କର୍ମରେ ଧ୍ୟାନ ଅଧିକ ରହିବ ଏବଂ ବିଦେଶ ଯାତ୍ରାର ସୁଯୋଗ ଜୁଟିବ ।

**ମକର :** ଦଶମ ଚନ୍ଦ୍ର ଯୋଗୁ ନୂତନ କର୍ମାରମ୍ଭ, ବିଦ୍ୟାରମ୍ଭ, ଗୃହାରମ୍ଭ, ଗୃହ ପ୍ରତିଷ୍ଠା ଆଦି ଶୁଭକର୍ମର ଆୟୋଜନ କରିପାରନ୍ତି କିମ୍ବା କୌଣସି ଶୁଭକର୍ମରେ ଯୋଗଦେଇ ପାରନ୍ତି । ନୂତନ କର୍ମନିଯୁକ୍ତି, ବିଦେଶ ଯାତ୍ରା ଆଦିର ସୁଯୋଗ ଜୁଟିବ ।

**କୁମ୍ଭ :** କୃଷ୍ଣପକ୍ଷର ନବମ ଚନ୍ଦ୍ର ଯୋଗୁ ମାନ, ସମ୍ମାନ ହାନି, ମାନସିକ ଦୁଶ୍ଚିନ୍ତା, ପରିବାରରେ ମତାନ୍ତର ଏବଂ ନିଜର ପ୍ରିୟ ବନ୍ଧୁ କିମ୍ବା ପୁରାତନ ବନ୍ଧୁଙ୍କ ସହ ବିବାଦ କିମ୍ବା ତାଙ୍କଠାରୁ ଅପମାନ ମିଳିପାରେ । ଯେଉଁମାନଙ୍କର ଶତଭିଷା କୁମ୍ଭ, ସେମାନେ ସତର୍କ ହେବେ ।

**ମୀନ :** ଅଷ୍ଟମ ଚନ୍ଦ୍ର, ଅଷ୍ଟମୀ ତିଥି ଏବଂ ରାହୁଙ୍କ ନକ୍ଷତ୍ର ଭୋଗ ହେଉଥିବାରୁ ବାଦବିବାଦ, ସ୍ୱାସ୍ଥ୍ୟ, ଆର୍ଥିକ କାରବାର, ଉଚ୍ଚ ସ୍ଥାନ ଆରୋହଣ ଏବଂ ଯାନବାହନ ଆରୋହଣ କାଳରେ ସତର୍କ ହେବେ । ଉଚିତ୍ କର୍ମରୁ ବିଚ୍ୟୁତ ହୋଇ ଅନୁଚିତ୍ କର୍ମରେ ଅଗ୍ରସର ହେବେ ଏବଂ ବିନା କାରଣରେ ବହୁତ ବ୍ୟସ୍ତ ରହିବେ ।

# ମାତୃଭାଷା

କଟକ, ମଙ୍ଗଳବାର, ଡିସେମ୍ବର - ୨, ୨୦୨୫ ପୃଷ୍ଠା: ୪


## ସାବଧାନ - ଅପମିଶ୍ରଣର ଦାନବ ଦିନକୁ ଦିନ ବଡ ଭୟଙ୍କର ହେଉଛି

ଭାରତ ଭଳି ଏକ ବିଶାଳ ଏବଂ ବିବିଧତା ପରିପୂର୍ଣ୍ଣ ଦେଶରେ ଖାଦ୍ୟ ସାମଗ୍ରୀ କେବଳ ପୌଷ୍ଟିକତାର ଉତ୍ସ ନୁହେଁ, ବରଂ ସଂସ୍କୃତି ଏବଂ ପରମ୍ପରାର ମୂଳଦୁଆ ମଧ୍ୟ। ଏଠାରେ ବିଶେଷ ପ୍ରକାରର ଖାଦ୍ୟ ଲୋକଙ୍କର ଏକ ପରଚୟର ଅଭିବ୍ୟକ୍ତି, ଯାହା କି ସେମାନଙ୍କ ବିଶ୍ୱାସ ସହିତ ଜଡିତ। ଏହା ସତ୍ତ୍ୱେ ଏହି ଦୃଢ଼ ଭିତ୍ତିଭୂମିକୁ ଦୁର୍ବଳ କରିବା ପାଇଁ ନିରନ୍ତର ପ୍ରୟାସ କରାଯାଉଛି। ଏହା କହିବା ଦୁଃଖର ବିଷୟ ଯେ ଖାଦ୍ୟ ଅପମିଶ୍ରଣ ଏକ ଗମ୍ଭୀର ଏବଂ ବିପଦପୂର୍ଣ୍ଣ ମହାମାରୀ ପାଲଟିଛି। କ୍ଷୀର, ମସଲା, ମିଠା, ତେଲ ଏବଂ ସାଧାରଣ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷଗୁଡ଼ିକ ଆଉ ମିଶ୍ରଣରୁ ମୁକ୍ତ ନୁହେଁ।

ଦୁର୍ଭାଗ୍ୟବଶତଃ ଶତାବ୍ଦୀ ଧରି ଏକ ପୁଷ୍ଟିକର ଏବଂ ଶସ୍ତା ଖାଦ୍ୟ ପଦାର୍ଥ ଭଜା ଚଣା ମଧ୍ୟ ଏହି ବିଷାକ୍ତ ଖେଳର ଶିକାର ହୋଇଛି। ସମ୍ପ୍ରତି ଏହା ପ୍ରକାଶ ପାଇଛି ଯେ ବଜାରରେ ବିକ୍ରି ହେଉଥିବା ଉଜ୍ଜ୍ୱଳ ହଳଦିଆ ଭଜା ଚଣାରେ ଅରାମିନ୍ ନାମକ ଏକ ମାରାତ୍ମକ ଶୈଳ୍ପିକ ରାସାୟନିକ ପଦାର୍ଥ ମିଶାଯାଉଛି। ଏହା କେବଳ ଆଶ୍ଚର୍ଯ୍ୟଜନକ ନୁହେଁ ବରଂ ଆମର ଖାଦ୍ୟ ସୁରକ୍ଷା ଭିତ୍ତିଭୂମିର ଦୁର୍ବଳତାକୁ ମଧ୍ୟ ପ୍ରକାଶ କରେ। ଅରାମିନ୍ ହେଉଛି ଏକ ରାସାୟନିକ ପଦାର୍ଥ ଯାହା ବୟନ, ଚମଡା ଏବଂ କାଗଜ ଭଳି ଶିଳ୍ପରେ ବ୍ୟବହୃତ ହୁଏ। କିନ୍ତୁ ଖାଦ୍ୟରେ ଏହାର ବ୍ୟବହାର ସମ୍ପୂର୍ଣ୍ଣ ନିଷିଦ୍ଧ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଆନ୍ତର୍ଜାତୀୟ କର୍କଟ ରୋଗ ଗବେଷଣା ସଂସ୍ଥା (ଓଇଜଉ) ଏହାକୁ ଏକ ସମ୍ଭାବ୍ୟ କର୍କଟ ରୋଗ ସୃଷ୍ଟିକାରୀ ଭାବରେ ବର୍ଗୀକୃତ କରିଛି। ଏହାକୁ ବାରମ୍ବାର ସେବନ କରିବା ଦ୍ୱାରା ଯକୃତ, ବୃକକ୍ ଏବଂ ମୂତ୍ରାଶୟ କର୍କଟ ରୋଗର ଆଶଙ୍କା ବଢ଼ିଯାଏ ଏବଂ ସ୍ନାୟୁତନ୍ତ୍ର ଏବଂ ଅନ୍ୟାନ୍ୟ ଅଙ୍ଗ ଉପରେ ମଧ୍ୟ ଏହାର ଗୁରୁତର ପ୍ରତିକୂଳ ପ୍ରଭାବ ପଡ଼ିଥାଏ। ଏହି ପରିସ୍ଥିତି ମଧ୍ୟ ଚିନ୍ତାଜନକ। କାରଣ ଅପମିଶ୍ରଣକାରୀମାନେ ଚଣାକୁ ଆକର୍ଷଣୀୟ ଦେଖାଇବା ଏବଂ ଲାଭ ପାଇବା ପାଇଁ ଏହାକୁ ବ୍ୟବହାର କରୁଛନ୍ତି। ନିସନ୍ଦେହରେ ଚଣାର ଉଜ୍ଜ୍ୱଳ ରଙ୍ଗ ଏବଂ କଡକଡିଆ ସ୍ୱାଦର ଅନୁଭବ ଗ୍ରାହକମାନଙ୍କୁ କିଣି ଖାଇବାକୁ ଲୋଭାନ୍ୱିତ କରିଥାଏ।

ସେମାନେ ବୁଝନ୍ତି ନାହିଁ ଯେ ସେମାନେ ଖାଇବା ଲାଗି କଣ ସବୁ ବିଷ ନେଇକରି ଯାଉଛନ୍ତି, ଅଜାଣତରେ ନିଜେ ଖାଉଛନ୍ତି ଏବଂ ଅନ୍ୟମାନଙ୍କୁ ପରଷୁଛନ୍ତି। ସୋସିଆଲ ମିଡିଆରେ ଏକ ଭାଇରାଲ ଭିଡିଓ ଚଣାର ଅପମିଶ୍ରଣକୁ ଦର୍ଶାଉଛି, ଯେଉଁଥିରେ ଦେଖାଯାଉଛି ଯେ ଚଣାକୁ ଗରମ ପାଣିରେ ପକାଇଲେ ପାଣି ସମ୍ପୂର୍ଣ୍ଣ ହଳଦିଆ ହୋଇଯାଏ। ଯଦି ଏହି ଦାବିରେ ଟିକେ ସତ୍ୟତା ଅଛି, ତେବେ ଏହା ଗମ୍ଭୀର ଚିନ୍ତାର ବିଷୟ, କାରଣ ଭଜା ଚଣାକୁ ଜୀବନର ସମସ୍ତ କ୍ଷେତ୍ରର ଅଧିକାଂଶ ଲୋକ ଖାଇଥାନ୍ତି। ରାଜ୍ୟସଭା ସାଂସଦ ପ୍ରିୟଙ୍କା ଚତୁର୍ବେଦୀଙ୍କ ଦ୍ୱାରା ସ୍ୱାସ୍ଥ୍ୟମନ୍ତ୍ରୀ ଏବଂ ଖାଦ୍ୟ ପ୍ରକ୍ରିୟାକରଣ ମନ୍ତ୍ରୀ ନଡ୍ଡାଙ୍କୁ ଲେଖାଯାଇଥିବା ଏକ ଚିଠି ଏହି ସମସ୍ୟାର ଗମ୍ଭୀରତାକୁ ଦର୍ଶାଉଛି। ଶ୍ରୀମତୀ ଚତୁର୍ବେଦୀଏକ ଜାତୀୟ ସ୍ୱାସ୍ଥ୍ୟ ସତର୍କତା ଜାରି କରିବା ସହିତ ଏକ ବ୍ୟାପକ ତଦନ୍ତ ଏବଂ ଦୋଷୀଙ୍କ ପାଇଁ କଠୋର ଦଣ୍ଡ ଦାବି କରିଛନ୍ତି।

ଏହା ବୁଝିବା ଉଚିତ ଯେ ଏହି ଅପମିଶ୍ରଣ କେବଳ ଖାଦ୍ୟ ସୁରକ୍ଷା ଆଇନର ଉଲ୍ଲଙ୍ଘନ ନୁହେଁ, ବରଂ ଲକ୍ଷ ଲକ୍ଷ ଭାରତୀୟଙ୍କ ସ୍ୱାସ୍ଥ୍ୟ ପାଇଁ ଏକ ସିଧାସଳଖ ବିପଦ। ଏପରି ଅପରାଧକୁ କୌଣସି ପରିସ୍ଥିତିରେ କ୍ଷମା କରାଯାଇପାରିବ ନାହିଁ। ପ୍ରଶ୍ନ ଉଠେ ଯେ ଏହି ଅପମିଶ୍ରଣ ସମସ୍ୟାର ମୂଳ କେଉଁଠାରେ ଅଛି, ଏବଂ ଆମେ ଏହାର କିପରି ମୂଳୋତ୍ପାଟନ କରିପାରିବୁ ? ପ୍ରଥମେ, ଆମକୁ ସ୍ୱୀକାର କରିବାକୁ ପଡିବ ଯେ ଖାଦ୍ୟ ସୁରକ୍ଷା କେବଳ ସରକାର କିମ୍ବା କୌଣସି ନିର୍ଦ୍ଦିଷ୍ଟ ସଂସ୍ଥାର ଦାୟିତ୍ୱ ନୁହେଁ, ବରଂ ସମାଜର ପ୍ରତ୍ୟେକ ବ୍ୟକ୍ତି ଏବଂ ଗୋଷ୍ଠୀର ଦାୟିତ୍ୱ। ସରକାର ଏବଂ ସମ୍ପୃକ୍ତ ବିଭାଗଗୁଡ଼ିକର ଦାୟିତ୍ୱ ସମ୍ପର୍କରେ, ସେମାନଙ୍କୁ ଅଧିକ ସତର୍କ ରହିବା ଆବଶ୍ୟକ। ସରକାରଙ୍କ ସହିତ, ଋଝଝଇଓ ଏବଂ ରାଜ୍ୟସ୍ତରୀୟ ଖାଦ୍ୟ ସୁରକ୍ଷା ବିଭାଗଗୁଡ଼ିକୁ ଅଚାନକ ଯାଞ୍ଚ, ନମୁନା ପରୀକ୍ଷା ଏବଂ ଅପରାଧୀମାନଙ୍କ ବିରୁଦ୍ଧରେ ତ୍ୱରିତ ଆଇନଗତ କାର୍ଯ୍ୟାନୁଷ୍ଠାନକୁ ଅଧିକ କଠୋର ଭାବରେ ଲାଗୁ କରିବାକୁ ପଡିବ।


ଏହା ମଧ୍ୟ ସତ୍ୟ ଯେ ଆଜି ମଧ୍ୟ ଦେଶରେ ଖାଦ୍ୟ ସୁରକ୍ଷା ଅଧିକାରୀଙ୍କ ଅଭାବ ରହିଛି, ଯାହା ଫଳରେ ବଡ଼ ଧରଣର ତଦାରଖ କଷ୍ଟକର ହୋଇପଡୁଛି। ଏଥିଲାଗି ସମ୍ବଳ ଏବଂ ମାନବଶକ୍ତି ବୃଦ୍ଧି କରିବା ଜରୁରୀ। ଏହି କ୍ଷେତ୍ରରେ ଗ୍ରାହକ ସଚେତନତା ହେଉଛି ସବୁଠାରୁ ଶକ୍ତିଶାଳୀ ଅସ୍ତ୍ର। ଲୋକମାନେ ବୁଝିବା ଉଚିତ ଯେ ସେମାନେ ଯେ କୌଣସି ଖାଦ୍ୟ ସାମଗ୍ରୀର ଅତ୍ୟଧିକ ଉଜ୍ଜ୍ୱଳ ରଙ୍ଗ, ତୀବ୍ର ଗନ୍ଧ କିମ୍ବା ଅସ୍ୱାଭାବିକ ଦୃଶ୍ୟ ପ୍ରତି ସତର୍କ ରହିବା ଉଚିତ। ଏହା ବ୍ୟତୀତ, ଆମକୁ ଅଭିଯୋଗ ପ୍ରଣାଳୀକୁ ମଜବୁତ ଏବଂ ସରଳ କରିବାକୁ ପଡିବ। ପ୍ରତ୍ୟେକ ନାଗରିକର ଋଝଝଇଓ, ସ୍ଥାନୀୟ ପ୍ରଶାସନ କିମ୍ବା ଗ୍ରାହକ ଫୋରମରେ ସନ୍ଦିଗ୍ଧ ଖାଦ୍ୟ ସାମଗ୍ରୀ ବିଷୟରେ ଅଭିଯୋଗ କରିବାର ଅଧିକାର ଏବଂ ଆତ୍ମବିଶ୍ୱାସ ରହିବା ଉଚିତ। କେବଳ ଆଇନ ଏବଂ ଦଣ୍ଡ ମାଧ୍ୟମରେ ଭେଜାଲ ବିରୁଦ୍ଧରେ ଲଢ଼େଇ ଜିତି ହେବ ନାହିଁ; ବରଂ ନୈତିକତା ଏବଂ ଦାୟିତ୍ୱ ମାଧ୍ୟମରେ ଭେଜାଲ ରାକ୍ଷସକୁ ପରାସ୍ତ କରାଯାଇପାରିବ। ଯେପର୍ଯ୍ୟନ୍ତ ସମାଜ ଗ୍ରାହକ ସ୍ୱାସ୍ଥ୍ୟ ପ୍ରତି ସଙ୍କୋଚତା ଏବଂ ସମ୍ବେଦନଶୀଳତା ବିକଶିତ କରେ ନାହିଁ, କୌଣସି ଆଇନ ସମ୍ପୂର୍ଣ୍ଣ ପ୍ରଭାବଶାଳୀ ହେବ ନାହିଁ। ଭେଜାଲକୁ ସାଧାରଣ କରିବାର ପ୍ରବୃତ୍ତିକୁ ଦୂର କରିବାର ସମୟ ପ୍ରକୃତରେ ଆସିଛି। ଖାଦ୍ୟକୁ ବିଷାକ୍ତ କରିବା ପାଇଁ ଅନୁମତି ଦିଆଯାଇପାରିବ ନାହିଁ, ନା ବଜାରରେ, ନା ନୀତିରେ, ନା ଆମର ଉଦାସୀନତାରେ। ମାନବ ସ୍ୱାସ୍ଥ୍ୟ ସହିତ ଖେଳର ଏହି ଖେଳ ଏବେ ବନ୍ଦ ହେବା ଉଚିତ।

## ମହାପ୍ରଭୁଙ୍କ ବ୍ୟଞ୍ଜନ ଦ୍ୱାଦଶୀ ପର୍ବ

***କବୀର କୁମାର ଜେନା***

ମହାପ୍ରଭୁଙ୍କ ଲୀଳା ଅତୀବ ବିଚିତ୍ର। ଷାଠିଏ ପଉଟି ଭୋଗ ଗ୍ରହଣ କରୁଥିବା ମହାପ୍ରଭୁଙ୍କ ବ୍ୟଞ୍ଜନ ଦ୍ୱାଦଶୀ ପର୍ବ ମହାପ୍ରଭୁଙ୍କ ନୀତିକାନ୍ତି ବ୍ୟବସ୍ଥାରେ ଅତିବ ଗୁରୁତ୍ୱପୂର୍ଣ୍ଣ। ଅନେକ ହୁଏତ ଜାଣି ନଥାନ୍ତି ଏହି ବ୍ୟଞ୍ଜନ ଦ୍ୱାଦଶୀ ପରମ୍ପରା ମହାପ୍ରଭୁଙ୍କ ସତ୍ତ୍ୱଲିପି ଓ ମାଦଳା ପାଞ୍ଜିରେ ମଧ୍ୟ ଉଲ୍ଲେଖ ରହିଛି। କୃଷି ଓ କୃଷକର ରାଜ୍ୟ ଓଡ଼ିଶାର ଖାଦ୍ୟ ପରମ୍ପରା ଅଦ୍ୱିତୀୟ। ଖାଦ୍ୟ ପ୍ରସ୍ତୁତି ସହ ଖାଇବା ଓ ଖୁଆଇବାରେ ଓଡ଼ିଆଙ୍କର ବଡ଼ ଆଗ୍ରହ। ଓଡ଼ିଆଙ୍କ ଆରାଧ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ମଧ ଷାଠିଏ ପଉଟିରୁ ସାମାନ୍ୟ ଊଣା ହୋଇପାରେନି। ମହାପ୍ରଭୁଙ୍କ ପ୍ରତି ମା'ଯଶୋଦାଙ୍କ ବାତ୍ସଲ୍ୟ ମମତାର ଅନନ୍ୟ ନିଦର୍ଶନ ଭାବେ ପାଳିତ ହୁଏ ବ୍ୟଞ୍ଜନ ଦ୍ୱାଦଶୀ ପର୍ବ। ଯେଉଁଥିରେ ଶତାଧିକ ବ୍ୟଞ୍ଜନ ଲାଗି କରାଯାଏ।

ମଣିଷ ଜୀବନକୁ ଆନନ୍ଦମୟ ଏବଂ ଉତ୍ସବମୁଖର କରିବାରେ ଖାଦ୍ୟପେୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଓଡ଼ିଶାରେ ବିଭିନ୍ନ ଅଞ୍ଚଳରେ ବିଭିନ୍ନ ପ୍ରକାର ଖାଦ୍ୟଶସ୍ୟ ଉତ୍ପାଦିତ ହେଉଥିବାବେଳେ ସେ ସବୁ ଖାଦ୍ୟ ଶସ୍ୟର ଉତ୍ପାଦନ ସମୟକୁ ନେଇ ଓଡ଼ିଆ ଘରେ ମଧ୍ୟ ବାରମାସରେ ତେର ଯାତପରି ପାଳନ କରାଯାଏ ଅନେକ ପର୍ବପର୍ବାଣି। ସାରା ଭାରତ ବର୍ଷରେ ଖାଦ୍ୟ ଉପରେ ହୋଇଥିବା ଗବେଷଣାର ପ୍ରମୁଖ ଭାଗରେ ସାମିଲ ହୋଇଛି ଓଡ଼ିଶାର ଖାଦ୍ୟ। କାଞ୍ଜିଠାରୁ କ୍ଷୀର ସାଗର ଯାଏ, ମୋହନ ଭୋଗରୁ ମିଠା କାନିକା ପର୍ଯ୍ୟନ୍ତ ଖାଦ୍ୟ ସାମଗ୍ରୀକୁ ନେଇ ରନ୍ଧନଶାଳାରେ ବହୁ ପରୀକ୍ଷା ନିରୀକ୍ଷା କରିଛନ୍ତି କୁଶଳୀ ଓଡ଼ିଆଣୀ। ଓଡ଼ିଶା ସଂସ୍କୃତିର ମହାର୍ଘ ଅଙ୍ଗ ଜଗନ୍ନାଥ ମନ୍ଦିରର ବିଭିନ୍ନ କାର୍ଯ୍ୟକ୍ରମ ସହ ମଧ୍ୟ ଖାଦ୍ୟ ପରମ୍ପରା ଓତଃପ୍ରୋତଃ ଭାବେ ଜଡ଼ିତ। ଏହା ମଧ୍ୟରୁ ଅନ୍ୟତମ ବ୍ୟଞ୍ଜନ ଦ୍ୱାଦଶୀରେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଅର୍ପଣ ହୋଇଥାଏ ଶତାଧିକ ସୁସ୍ୱାଦୁ ବ୍ୟଞ୍ଜନ।



ଜଗନ୍ନାଥିଆର ଶ୍ରୀମହାପ୍ରସାଦ ପାଗଳ କଲାରେ ଭାଇ... / ସହିଲାନି ତର ହୋଇ ଆଗଭର ଶ୍ରୀକ୍ଷେତ୍ର ଆସିଲି ଧାଇଁ / ମତେ କାଳିଆ କଲାରେ ବାଇ....। ଭଜନ ସମ୍ରାଟ ଭିକାରୀ ବଳଙ୍କ କଣ୍ଠନିଃସୃତ ଏଇ କେଇ ପଦ ଭଜନ କୋଟି ଜନମାନସରେ ମହାପ୍ରସାଦ ପ୍ରତି ରହିଥିବା ଭକ୍ତିପୂର୍ଣ୍ଣ ଉତ୍କଣ୍ଠାକୁ ଯୁଗ ଯୁଗ ଧରି ବହୁ ଗୁଣିତ କରିଆସିଛି।

ଶ୍ରୀ ପୁରୁଷୋତ୍ତମ କ୍ଷେତ୍ର ନୀଳାଚଳ ହିଁ ପରଂବ୍ରହ୍ମ ପରମାତ୍ମାଙ୍କ ନିତ୍ୟ ନିବାସସ୍ଥଳୀ, ଯାହାଙ୍କୁ ସମର୍ପିତ ହେଉଥିବା ନୈବେଦ୍ୟ ସାଧାରଣ ନୁହେଁ, ସାକ୍ଷାତ ବ୍ରହ୍ମସ୍ୱରୂପ। ଏହାର କଣିକାଏ ପ୍ରାପ୍ତିରେ ଜୀବ ମୁକ୍ତି ଲାଭ କରିଥାଏ। ଭାରତ ବର୍ଷର ଅନ୍ୟତମ ବୃହତ ଭୋଜନାଳୟ ଶ୍ରୀମନ୍ଦିରର ଆନନ୍ଦ ବଜାର। ଜାତିଧର୍ମ ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କ ଇପସିତ ଶ୍ରୀଜଗନ୍ନାଥଙ୍କ ଶ୍ରୀମହାପ୍ରସାଦ ପ୍ରାପ୍ତ କରିବା ବଡ଼ ସୌଭାଗ୍ୟର କଥା। ଏହି ମହାପ୍ରସାଦ ରନ୍ଧନ ପ୍ରକ୍ରିୟା କେବଳ ଭାରତ ନୁହେଁ ସମଗ୍ର ପୃଥିବୀରେ ଅଦ୍ୱିତୀୟ। ବିଶ୍ୱନିୟନ୍ତା ମହାପ୍ରଭୁ ଶ୍ରୀଜଗନ୍ନାଥ ଷାଠିଏ ପଉଟିର ଛପନ ଭୋଗ ମଣୋହି କରିଥାନ୍ତି।

ଭାରତବର୍ଷରେ ରହିଥିବା ପ୍ରସିଦ୍ଧ ଚାରିଧାମ ମଧ୍ୟରେ ଏହି ପୁରୀ ଧାମ ହିଁ ଭୋଗ କ୍ଷେତ୍ର। ହିମାଦ୍ରିର ବଦ୍ରିଧାମ ତ୍ୟାଗକ୍ଷେତ୍ର, ରାମେଶ୍ୱର ବା ରାମନାଥ କର୍ମ କ୍ଷେତ୍ର ଓ ଦ୍ୱାରିକାଧାମ ହିଁ ଐଶ୍ୱର୍ଯ୍ୟର କ୍ଷେତ୍ର। ପରମପୁରୁଷ ପ୍ରଭୁ ପରମେଶ୍ୱର ରାମେଶ୍ୱରରେ ସ୍ନାନ କରିଥାନ୍ତି। ଦ୍ୱାରିକାରେ ଅଙ୍ଗ ବେଶ ହୋଇଥାନ୍ତି। ଶ୍ରୀକ୍ଷେତ୍ରରେ ଭୋଜନ କରିଥାନ୍ତି ଏବଂ ଦ୍ୱାରିକାରେ ଶୟନ କରିଥାନ୍ତି ବୋଲି ଶାସ୍ତ୍ରକାରମାନେ କହନ୍ତି। ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଲୀଳାକ୍ଷେତ୍ର ପୁରୀ ଶ୍ରୀକ୍ଷେତ୍ରରେ ମହାପ୍ରଭୁ ନିତ୍ୟ ନିବାସ କରନ୍ତି। ଏହି ଠାରେ ହିଁ ପ୍ରଭୁ ଭୋଜନ କରିଥାନ୍ତି। ସ୍ୱୟଂ ମହାଲକ୍ଷ୍ମୀ ଏହି ଅନ୍ନକୁ ରୋଷେଇ କରନ୍ତି। ତେଣୁ ମହାପ୍ରଭୁଙ୍କ ମହାପ୍ରସାଦ ପାଇବା ମଣିଷ ଜୀବନର ସବୁଠାରୁ ବଡ଼ ଆକାଂକ୍ଷା। ଭାରତର ଧର୍ମୀୟ ଇତିହାସରେ ଅନ୍ୟ କୌଣସି ଦେବାଦେବୀଙ୍କ ପ୍ରସାଦକୁ ମହାପ୍ରସାଦ ବୋଲି କୁହାଯାଇ ନାହିଁ। ଶ୍ରୀମନ୍ଦିରରେ ଶ୍ରୀମହାପ୍ରସାଦ କାଣିକାଏ ପାଇଲେ ମଣିଷ ଜୀବନ ଧନ୍ୟ ହୋଇଯାଏ। ବ୍ୟଞ୍ଜନ ଦ୍ୱାଦଶୀର ପ୍ରସାଦ କଣିକା ପାଇବା ପାଇଁ ଶ୍ରୀମନ୍ଦିରରେ ଅନେକ ଭକ୍ତଙ୍କ ସମାଗମ ହୋଇଥାଏ।

*ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ*

## ପ୍ରଦୂଷଣ, ଜଳବାୟୁ ପରିବର୍ତ୍ତନ ଓ ସ୍ୱାସ୍ଥ୍ୟ ସମସ୍ୟା

**ପ୍ରଫେସର ଡାକ୍ତର ସମ୍ରାଟ କର**

ଜଳବାୟୁ ପରିବର୍ତ୍ତନ ହେତୁ ପ୍ରବଳବର୍ଷା, ଭୂସ୍ଖଳନ, ଘୂର୍ଣ୍ଣିବଳୟ, ମରୁଡ଼ି ଇତ୍ୟାଦି ଜନସାଧାରଣଙ୍କ ସ୍ୱାସ୍ଥ୍ୟ ପ୍ରତି ଏକ ବଡ଼ ବିପଦ ସୃଷ୍ଟି କରିଛି। ଗତ କିଛି ଦଶନ୍ଧି ମଧ୍ୟରେ ବିଶ୍ୱସ୍ତରରେ ଜଳବାୟୁ ଦ୍ୱାରା ସୃଷ୍ଟି ହେଉଥିବା ବିପର୍ଯ୍ୟୟ ମାନବ ଜୀବନ ଓ ଏହାର ସ୍ୱାସ୍ଥ୍ୟ ଉପରେ ପ୍ରତିକୂଳ ପ୍ରଭାବ ପକାଉଛି। ଉତ୍ତରପ୍ରଦେଶ, ତାମିଲନାଡୁ, ବିହାର, ଆସାମ, ପଶ୍ଚିମବଙ୍ଗ ପ୍ରଭୃତି ରାଜ୍ୟରେ ଦେଖା ଦେଉଥିବା ବନ୍ୟା ସ୍ଥିତି ହେଉଛି ଜଳବାୟୁ ପରିବର୍ତ୍ତନର କାରଣ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଡବ୍ଲୁଏଚ୍ଓ ଅନୁସାରେ ୨୦୩୦ ଓ ୨୦୫୦ ମଧ୍ୟରେ ଜଳବାୟୁ ପରିବର୍ତ୍ତନ ଯୋଗୁଁ କୁ ପୋଷଣ, ମ୍ୟାଲେରିଆ, ଡାଇରିଆ, ଲୁ ଆଦି ଯୋଗୁଁ ବର୍ଷକୁ ଅଢ଼େଇ ଲକ୍ଷ ଲୋକଙ୍କ ଅକାଳ ବିୟୋଗ ଘଟିବ। ବିଶେଷକରି ଯୁବପିଢ଼ି ଓ ବରିଷ୍ଠ ନାଗରିକ ଏଭଳି ଏକ ଦୁଷ୍ପରିଣାମ ସାମ୍ନା କରିବେ।

ସଂକ୍ରମଣ ବ୍ୟାପିବାର ସମ୍ଭାବନା ରହିଛି, ବାୟୁ ମଣ୍ଡଳରେ ଉତ୍ତାପ ବୃଦ୍ଧି ଯୋଗୁଁ ଲୋକେ ନୂଆ ନୂଆ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଯାହାର ନିରାକରଣ ପାଇଁ ଏ ପର୍ଯ୍ୟନ୍ତ କୌଣସି ଔଷଧ ତିଆରି ହୋଇନାହିଁ। ମୁଖ୍ୟତଃ ଏହାଦ୍ୱାରା ସଂକ୍ରାମକ ରୋଗ ବୃଦ୍ଧି ପାଉଛି। ଯଦି ତାପମାତ୍ରା ବୃଦ୍ଧି ନିୟନ୍ତ୍ରିତ ନ ହୁଏ, ତେବେ ଆଗାମୀ ଦିନରେ ଅର୍ଥାତ ୧୦-୨୦ ବର୍ଷ ମଧ୍ୟରେ ଭୟଙ୍କର ବିନାଶ ମଧ୍ୟ ଘଟିପାରେ। ସେହିପରି ଶରୀରର ଟିସୁ ଭାବେ କାମ କରିବ ନାହିଁ। ମୁଖ୍ୟତଃ ଶୀତରେ ଅତ୍ୟଧିକ ଗରମ ହେଉଥିବାରୁ ମଶା ସଂଖ୍ୟା ବୃଦ୍ଧି ପାଉଛି। ଫଳରେ ଲୋକେ ମ୍ୟାଲେରିଆ, ଡେଙ୍ଗୁ, ଜିକା ଭାଇରସ ଭଳି ରୋଗରେ ଆକ୍ରାନ୍ତ ହେଉଛନ୍ତି। ବଡ଼ କଥା ହେଉଛି କ୍ୟାନସର ଆଶଙ୍କା ମଧ୍ୟ ବଢ଼ିବ। କ୍ୟାନସର ଭଳି ମାରାତ୍ମକ ରୋଗ ପାଇଁ ଜଳବାୟୁ ପରିବର୍ତ୍ତନର ମଧ୍ୟ ଅନ୍ୟତମ କାରଣ। ନାସନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଏନଭରମେଣ୍ଟାଲ ହେଲଥ ସାଇନ୍ସରେ ଏ ସମ୍ବନ୍ଧରେ ଉଲ୍ଲେଖ କରାଯାଇଛି। ଅତ୍ୟଧିକ ଗରମ କାରଣରୁ ରସାୟନ କଣିକା ପବନରେ ରହିଥାଏ। ଯଦ୍ୱାରା ଶ୍ୱାସକ୍ରିୟା ସମୟରେ ଏହି କଣିକା ଶରୀରକୁ ଯାଇ ଫୁସ୍‌ଫୁସ୍‌କୁ ପ୍ରଭାବିତ କରିଥାଏ। ସେହିପରି ବାୟୁ ପ୍ରଦୂଷଣର ପ୍ରଭାବ ମଧ୍ୟ କ୍ୟାନସରର ଅନ୍ୟତମ କାରଣ। ଅତ୍ୟଧିକ ପ୍ରଦୂଷଣ ଯୋଗୁଁ ଓଜୋନ ସ୍ତରରେ ଛେଦ ସୃଷ୍ଟି ହୁଏ। ଫଳରେ ଅତିବାଇଗଣୀ ରଶ୍ମୀ ଚର୍ମକୁ କର୍କଟର କାରଣ ହୋଇଥାଏ। ସେହିପରି ଶ୍ୱାସରୋଗୀଙ୍କ ସଂଖ୍ୟା ବଢ଼ିବ। ଅନ୍ୟପଟେ ବାୟୁମଣ୍ଡଳର ତାପମାତ୍ରା ବୃଦ୍ଧି ପାଇଲେ ବାୟୁ ପ୍ରଦୂଷଣ ବଢ଼ିବ। ଏହାଦ୍ୱାରା ଶ୍ୱାସକ୍ରିୟାରେ ସମସ୍ୟା ଉପୁଜିବ। ତା ସହ ଫୁସ୍‌ଫୁସ୍ ସମ୍ବନ୍ଧୀୟ ସମସ୍ୟା ମଧ୍ୟ ଦେଖାଦେବ। କେବଳ ଏତିକି ନୁହେଁ ଶ୍ୱାସ ରୋଗୀଙ୍କ ସଂଖ୍ୟା ବି ବୃଦ୍ଧି ପାଇବ। ଏଭଳି ହୃଦ୍‌ଘାତ, ଜଳ ଶୁଷ୍କତା ଓ ଚିଡ଼୍‌ଚିଡ଼ାପଣ ଆଦି ସମସ୍ୟା ଦେଖାଦେବ। ଅନ୍ୟପଟେ ତମାମ ସମସ୍ୟା ପିଲାଙ୍କ ମସ୍ତିଷ୍କ ବିକାଶ ଉପରେ ପ୍ରଭାବ ପକାଇବ।

ଅନେକ ହୁଏତ ଜାଣିନଥାନ୍ତି ଏ ନେଇ ଜଳଜାତ ରୋଗ ସୃଷ୍ଟି ହେବ। ପରିବେଶର ବାତାବରଣ ଅନୁସାରେ ମଣିଷ ନିଜକୁ ଖାପଖୁଆଇ ଚଳିଲେ ସୁଦ୍ଧା ଜଳବାୟୁ ପରିବର୍ତ୍ତନର ପ୍ରଭାବ ଶରୀର ଉପରେ ପଡୁଛି। ସେହିପରି ସ୍ୱାସ୍ଥ୍ୟ ଲାଗି ଜରୁରୀ ସ୍ୱଚ୍ଛ ତଥା ବିଶୁଦ୍ଧ ଜଳ। ସମୁଦ୍ର ସ୍ତର ବୃଦ୍ଧି ହେଲେ ବିଶୁଦ୍ଧ ଜଳ ସଙ୍କଟ ଦେଖାଦେବ। ଯଦ୍ୱାରା ଦୂଷିତ ଜଳରୁ ଉତ୍ପନ୍ନ ବିଭିନ୍ନ ପ୍ରକାରର ରୋଗ ସୃଷ୍ଟି ହେବ। ଏମିତି ବି ହୋଇପାରେ ଏହିସବୁ ରୋଗ ମହାମାରୀର ରୂପ ନେଇପାରନ୍ତି। ବଡ଼ କଥା ହେଉଛି ମାନସିକ ରୋଗ ବଢ଼ିବାର ମଧ୍ୟ ସମ୍ଭାବନା ରହିଛି। ଜଳବାୟୁ ପରିବର୍ତ୍ତନ ଯୋଗୁଁ ଦେଖା ଦେଉଥିବା ରୋଗ ମଧ୍ୟରେ ସବୁଠାରୁ ଆଗରେ ଅଛି ମାନସିକ ରୋଗ। ଏହା ସହ ପିଲାମାନେ ମଧ୍ୟ ଜଳବାୟୁ ପରିବର୍ତ୍ତନର ଶିକାର ହେଉଛନ୍ତି। ମନୋବିଜ୍ଞାନୀଙ୍କ ଅନୁସାରେ, ଛୋଟ ପିଲାଙ୍କ ଠାରେ ଚିନ୍ତା, ଅବସାଦ, ଦୁଃଖ ଆଦି ସମସ୍ୟା ଦେଖିବାକୁ ମିଳୁଛି। ସେହିପରି ପିଲାଙ୍କ ଠାରେ ଦେଖା ଦେଉଥିବା ଏଭଳି ସମସ୍ୟାକୁ ମନୋବିଜ୍ଞାନୀ ଇକୋ ଆନଜାଇଟିଂ ବୋଲି କହିଥାନ୍ତି। ଏବେ ପୃଥିବୀ ବସବାସ କରିବା ଯୋଗୁଁ ନୁହେଁ ବୋଲି ସେମାନେ ଭାବୁଛନ୍ତି। ଆଉ ଏ କଥା ସେମାନଙ୍କ ମନରେ ବସା ବାନ୍ଧି ଗଲାଣି। ଯେତେବେଳେ ସେମାନେ ବଡ଼ ହେବେ, ସେତେବେଳେ ଜଳବାୟୁ ପରିବର୍ତ୍ତନ ଯୋଗୁଁ ପୃଥିବୀ ଧ୍ୱଂସ ହୋଇଯିବ। ଅନ୍ୟପଟେ ପିଲାଙ୍କ ବ୍ୟବହାରରେ ଆସୁଥିବା ପରିବର୍ତ୍ତନ ପାଇଁ ଅନେକାଂଶରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ରହିଛି। ତେବେ ଦୁଃଖର ବିଷୟ ହେଉଛି କେବଳ ବଡ଼ ଲୋକ ନୁହଁନ୍ତି ବରଂ ଛୋଟ ଛୋଟ ପିଲାମାନେ ମଧ୍ୟ ମାନସିକ ରୋଗର ଶିକାର ହେଉଛନ୍ତି। ହଠାତ୍ କୌଣସି ବିଷୟକୁ ନେଇ ରାଗିଯିବା, ଚିଡ଼ି ଯିବା, ହତାଶ ହେବା, ଦୁଃଖ କରିବା ଆଦି ଲକ୍ଷଣ ସେମାନଙ୍କ ଠାରେ ଦେଖାଦେଉଛି। ଯାହାକି ମାନସିକ ରୋଗକୁ ହିଁ ଇଙ୍ଗିତ କରୁଛି। ପୁଣି ପ୍ରଦୂଷିତ ସହରରେ ପିଲାଙ୍କ ଠାରେ ଅବସାଦ ଓ ମାନସିକ ରୋଗ ବୃଦ୍ଧି ପାଉଛି।

ଏଣିକି ଲୋକେ ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ପ୍ରୀଡ଼ିତ ହେବେ। ଅର୍ଥାତ୍ ଜଳବାୟୁ ପରିବର୍ତ୍ତନର ପ୍ରଭାବ କେବଳ ପ୍ରକୃତି ଉପରେ ନୁହେଁ ବରଂ ଏହାର ପ୍ରଭାବ ଲୋକଙ୍କ ସ୍ୱାସ୍ଥ୍ୟ ଉପରେ ମଧ୍ୟ ପଡୁଛି। ସମ୍ପ୍ରତି ଏହା ଏକ ନୂଆ ରୋଗ ଭାବେ ଉଭା ହୋଇଛି। ଏପରିକି ପାଖାପାଖି ଏହାଦ୍ୱାରା ସବୁ ଦେଶ ମଧ୍ୟ ପ୍ରଭାବିତ ହେଲେଣି। ଏହି କ୍ରମରେ ନିକଟରେ କାନାଡ଼ାରେଜଣେ ୭୦ ବର୍ଷୀୟା ମହିଳା ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ପୀଡ଼ିତ ହୋଇଛନ୍ତି। ତା ସହ ଏହା ହେଉଛି ବିଶ୍ୱର ଜଳବାୟୁ ପରିବର୍ତ୍ତନ ଜନିତ ପ୍ରଥମ ମାମଲା। କାନାଡାର ବ୍ରିଟିଶ କଲମ୍ବିଆର ଜଣେ ମହିଳା ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ପୀଡ଼ିତ। ଅବଶ୍ୟ ମହିଳାଙ୍କ ନାଁ ଏବେ ସାମ୍ନାକୁ ଆସିନାହିଁ। ସମ୍ପୃକ୍ତ ମହିଳାଙ୍କର ଶ୍ୱାସକ୍ରିୟା ସମ୍ବନ୍ଧୀୟ ସମସ୍ୟା ଥିବା ନେଇ କାନାଡ଼ାର କୁଟନି ଲେକ ହସ୍ପିଟାଲର ଡାକ୍ତର କାଇଲ ମେରିଟ୍‌ଙ୍କ ପାଖକୁ ଚିକିତ୍ସିତ ହେବାକୁ ଆସିଥିଲେ। କାଇଲ ତାଙ୍କର ଚିକିତ୍ସା କରିବା ପରେ ଜଳବାୟୁ ପରିବର୍ତ୍ତନ ଯୋଗୁଁ ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇଥିବା କହିଥିଲେ। ସାଧାରଣତଃ କାନାଡାକୁ ସବୁଠୁ ଥଣ୍ଡା ଦେଶ ବୋଲି କୁହାଯାଏ। ଏଠାରେ ତୁଷାରପାତ ହେବା ସହ ତାପମାତ୍ରା ମାଇନସ ଡିଗ୍ରୀକୁ ଚାଲିଯାଏ। ମାତ୍ର ଏଥର ଜୁନ-ଜୁଲାଇରେ ଦେଖା ଦେଇଥିବା ହିଟ୍ ୱେଭ ଯୋଗୁଁ କାନାଡା ସ୍ଥିତି ଗୁରୁତର ଭାବେ ପ୍ରଭାବିତ ହୋଇଛି। ହିଟ୍ ୱେଭ ଯୋଗୁଁ କାନାଡାର ତାପମାତ୍ରା ଥିଲା ୪୯.୬ ଡିଗ୍ରୀ ସେଲସିୟସ। ଯାହାକି କାନାଡ଼ା ଇତିହାସରେ ସର୍ବାଧିକ ତାପମାତ୍ରା। ହିଟୱେଭ ଯୋଗୁଁ ଜଙ୍ଗଲରେ ନିଆଁ ଲାଗିବା ଓ ଧୂଆଁ ଯୋଗୁଁ ପବନର ଗୁଣବତ୍ତା ମଧ୍ୟ ଖରାପ ହେଲା। ଯେଉଁଥି ପାଇଁ ମହିଳାଙ୍କ ଠାରେ ଏଭଳି ଏକ ସମସ୍ୟା ଦେଖିବାକୁ ମିଳିଛି ଓ ସେ ଏବେ ସୁଦ୍ଧା ଏଥିରୁ କାନାଡାରେ ୫୦୦ ଜଣ ପ୍ରାଣ ହରାଇଛନ୍ତି। ଯଦିଓ ମହିଳା ଜଣକ ହାଇଡ୍ରେଟ ରହିବା ପାଇଁ ଚେଷ୍ଟା କରୁଛନ୍ତି, ତଥାପି ଲୁ' ତାଙ୍କ ଶରୀରକୁ ଅତ୍ୟଧିକ ମାତ୍ରାରେ ପ୍ରଭାବିତ କରିଛି। ସେହିପରି ଜଳବାୟୁ ପରିବର୍ତ୍ତନର ପ୍ରଭାବ ସ୍ୱାସ୍ଥ୍ୟ ଉପରେ କିଭଳି ପ୍ରଭାବ ପକାଇବ ତାହା ମଧ୍ୟ ଏଥିରୁ ବିଶେଷଜ୍ଞମାନେ ସ୍ପଷ୍ଟ ଭାବେ ବୁଝିପାରୁଥିବା ସେ କହିଛନ୍ତି। ଆଗାମୀ ଦିନରେ ଜଳବାୟୁ ପରିବର୍ତ୍ତନ ଯୋଗୁଁ ଲୋକମାନେ ଘରଛାଡ଼ି ପଳାୟନ କରିବାକୁ ବାଧ୍ୟ ହେବେ। ବିଶେଷଜ୍ଞଙ୍କ ଅନୁସାରେ ୨୦୫୦ ସୁଦ୍ଧା ପ୍ରାୟ ୨୦ କୋଟି ଲୋକ ଏହା ଯୋଗୁଁ ନିଜ ଭିଟାମାଟି ଛାଡ଼ିବେ। ପ୍ରଦୂଷଣ ଓ ଜଳବାୟୁ ଜନିତ ସମସ୍ୟା ବର୍ତ୍ତମାନର ସମୟରେ ମାନସିକ କ୍ଷେତ୍ରକୁ ଗଭୀର ଭାବରେ ପ୍ରଭାବିତ କରୁଛି। ତେଣୁ ପ୍ରଦୂଷଣକୁ ଯଥା ସମ୍ଭବ ନିରାକରଣ କରିବା ଓ ଏହି ସମସ୍ୟାକୁ ବ୍ୟକ୍ତିଗତ ଭାବରେ କିପରି ସମାଜର ଉନ୍ନତିକଳ୍ପେ ଦୃଢ଼ବୋଧ ହୋଇ ଲୋପ କରିବା ପାଇଁ ସମ୍ମିଳିତ କାର୍ଯ୍ୟ କରିବା।

*ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ,*
*ପୁରୀଘାଟ ରୋଡ, କଟକ,*
*ଦୂରଭାଷ : ୯୧୩୨୪୩୩୩୩୩*

## 'ବିଶ୍ୱରେ ବୃଦ୍ଧି ପାଉଛି କ୍ରୀତଦାସ ପ୍ରଥା !'

**ଅନୀତା ପଟ୍ଟନାୟକ**

ପ୍ରତିବର୍ଷ ଡିସେମ୍ବର ଦୁଇ ତାରିଖକୁ ଆନ୍ତର୍ଜାତିକ ଦାସତ୍ୱ ଉଚ୍ଛେଦ ଦିବସ ଭାବେ ପାଳନ କରାଯାଇଥାଏ । ମାନବ ଚାଲାଣ ରୋକିବା, ଶ୍ରମ, ବେଶ୍ୟାବୃତ୍ତି ଆଦି କାର୍ଯ୍ୟ ନିମନ୍ତେ ଲୋକମାନଙ୍କୁ ଗୋଲାମ କରି ରଖିବାର କୁପ୍ରଥା ବିରୋଧରେ ସଚେତନତା ସୃଷ୍ଟି କରିବା ହେଉଛି ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ । ପ୍ରଥମ ଥର ପାଇଁ ୧୯୮୬ରେ ମିଳିତ ଜାତସଂଘର ସାଧାରଣ ପରିଷଦରେ ଆନ୍ତର୍ଜାତିକ ଦାସତ୍ୱ ଉଚ୍ଛେଦ ଦିବସ ଅନୁମୋଦନ ଲାଭ କରିଥିଲା । ସେବେଠାରୁ ବିଶ୍ୱର ବିଭିନ୍ନ ରାଷ୍ଟ୍ରରେ ଏହି ଦିବସ ଉପଲକ୍ଷେ ଦାସତ୍ୱ ପ୍ରଥାର ବିଲୋପ ନିମନ୍ତେ ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମ ହାତକୁ ନିଆଯାଉଛି । ଆନ୍ତର୍ଜାତିକ ସ୍ତରରେ ଦାସତ୍ୱକୁ ବେଆଇନ ଘୋଷଣା କରାଯାଇଛି ।

କ୍ରୀତଦାସ ପ୍ରଥା ସମ୍ପୂର୍ଣ୍ଣ ଲୋପ କରିବାକୁ ଅନେକ ଆଇନ କାନୁନ୍ ବ୍ୟବସ୍ଥା କରାଯାଇଥିଲେ ବି ଏବେ ବି ସାରା ବିଶ୍ୱରେ ୩କୋଟିରୁ ଅଧିକ କ୍ରୀତଦାସ ଥିବାବେଳେ ସେମାନଙ୍କ ମଧ୍ୟରୁ ଅର୍ଦ୍ଧାଧିକ କେବଳ ଭାରତରେ ଅଛନ୍ତି । ଭାରତରେ ଏବେବି ୧କୋଟି ୪୦ ଲକ୍ଷ କ୍ରୀତଦାସ ଅଛନ୍ତି । ଦାଦନ ଓ ଗୋତି ଶ୍ରମିକପରି ଘୃଣ୍ୟ ପ୍ରଥା ମାଧ୍ୟମରେ ଭାରତରେ କ୍ରୀତଦାସ ପ୍ରଥା ଜୀବିତ ରହିଛି । କ୍ରୀତଦାସ ପ୍ରଥା ବିରୋଧରେ କାର୍ଯ୍ୟ କରୁଥିବା 'ୱାକ୍ ଫ୍ରି ଫାଉଣ୍ଡେସନ' ନିକଟରେ ରିପୋର୍ଟରେ ପ୍ରକାଶ କରିଥିବାବେଳେ ସାରା ବିଶ୍ୱରେ କେତେ କ୍ରୀତଦାସ ଅଛନ୍ତି ତାର ତାଲିକା ପ୍ରଦାନ କରିଛି । ଏଥିରେ ୧୬୨ଟି ଦେଶରେ କେତେ କ୍ରୀତଦାସ ରହୁଛନ୍ତି, କ୍ରୀତଦାସ ପ୍ରଥାର ପ୍ରମୁଖ କାରଣ ତଥା ଏହାକୁ ରୋକିବାରେ ସରକାରଙ୍କ ସାମର୍ଥ୍ୟ ଉପରେ ସବିଶେଷ ଅଧ୍ୟୟନ କରାଯାଇଛି । ଯୌନକର୍ମୀ କିମ୍ବା ଶ୍ରମିକ ଭାବେ କାର୍ଯ୍ୟ କରିବାକୁ ଅନେକ ସମୟରେ ହେଉଥିବା ମାନବ ଚାଲାଣ ଏହାର ମୁଖ୍ୟ କାରଣ ବୋଲି ଜଣାପଡ଼ିଛି । ସାରା ବିଶ୍ୱରେ ୨.୯୮ କୋଟି କ୍ରୀତଦାସ ରହୁଥିବାବେଳେ ଏଥିରୁ ପ୍ରାୟ ୭୬ ପ୍ରତିଶତ କେବଳ ୧୦ଟି ଦେଶରେ ରହୁଛନ୍ତି । ସେଗୁଡ଼ିକ ହେଲା ଭାରତ (୧କୋଟି ୩୯ ଲକ୍ଷ), ଚୀନ (୨୯ଲକ୍ଷ), ପାକିସ୍ତାନ (୨୧ଲକ୍ଷ), ନାଇଜେରିଆ (୭ଲକ୍ଷ), ଇଥିଓପିଆ (୬ଲକ୍ଷ ୫୧ ହଜାର), ଋଷିଆ (୫ଲକ୍ଷ ୧୬ ହଜାର), ଥାଇଲ୍ୟାଣ୍ଡ (୪ଲକ୍ଷ ୭୨ ହଜାର), ଡେମୋକ୍ରାଟିକ୍ ରିପବ୍ଲିକ୍ ଅଫ୍ କଙ୍ଗୋ (୪ଲକ୍ଷ ୬୨ ହଜାର), ମିଆଁମାର (୩ଲକ୍ଷ ୮୪ ହଜାର) ଓ ବାଙ୍ଗାଲାଦେଶରେ ୩ଲକ୍ଷ ୪୩ ହଜାର । ଆଧୁନିକ ସମୟରେ କ୍ରୀତଦାସର ଅର୍ଥ ବଦଳି ଯାଇଥିବାବେଳେ ମାନବ ଚାଲାଣ, ଗୋତି ଶ୍ରମିକ ପ୍ରଥା, ଶିଶୁ ନିର୍ଯାତନା ଓ ଜୋରଜବରଦସ୍ତ ବିବାହ ଆଦିକୁ ମଧ୍ୟ ଏଥିରେ ସାମିଲ କରାଯାଇଛି । ବିଶ୍ୱସ୍ତରରେ କ୍ରୀତଦାସଙ୍କ ତାଲିକା ପ୍ରକାଶ କରିବା ଉଦ୍ଦେଶ୍ୟ ହେଉଛି ଏହା ବିରୋଧ ପଦକ୍ଷେପ ଗ୍ରହଣ କରିବାକୁ ବିଭିନ୍ନ ଦେଶର ସରକାରଙ୍କ ଉପରେ ଚାପ ପକାଇବା । କାରଣ ସାରା ବିଶ୍ୱରେ ଏବେ ଯେତିକି ସଂଖ୍ୟକ କ୍ରୀତଦାସ ଅଛନ୍ତି ନିଶ୍ଚିତ ଭାବେ ଚିନ୍ତାଜନକ ବୋଲି ଗବେଷକ କେଭିନ୍ ବେଲ୍ସ ପ୍ରକାଶ କରିଛନ୍ତି । ଦାରିଦ୍ର୍ୟ କ୍ରୀତଦାସ ପ୍ରଥାର ପ୍ରମୁଖ କାରଣ ହୋଇଥିବାବେଳେ ଦୁର୍ନୀତି ଏହାର ଅନ୍ୟ ଏକ କାରଣ । ଆଉ କେତେକ ଅଞ୍ଚଳରେ ସେମାନଙ୍କ ପରମ୍ପରା ଏପରି ପ୍ରଥା ସୃଷ୍ଟି କରିଥାଏ । ଯେପରିକି ପଶ୍ଚିମ ଆଫ୍ରିକାର ମରିଟାନିଆର ଜନସଂଖ୍ୟା ମାତ୍ର ୩୮ ଲକ୍ଷ ହୋଇଥିବାବେଳେ ଏଥିରୁ ୧୬୦,୦୦୦ କେବଳ କ୍ରୀତଦାସ । ବାଲ୍ୟ ବିବାହ ଓ ଗୁଲାମଗିରି ଯୋଗୁଁ ଏଠାରେ ଏପରି ପ୍ରଥା ବଞ୍ଚି ରହିଛି ।

ଚୀନରେ ମଧ୍ୟ ଘରୋଇ କାର୍ଯ୍ୟ, ଯୌନ ଓ ଭିକ୍ଷାବୃତ୍ତି ପାଇଁ ମହିଳା, ପୁରୁଷ ତଥା ଶିଶୁମାନଙ୍କୁ କ୍ରୀତଦାସ ହେବା ପାଇଁ ବାଧ କରାଯାଉଛି । ଆଇସ୍‌ଲ୍ୟାଣ୍ଡ, ଆର୍ୟଲ୍ୟାଣ୍ଡ ଓ ବ୍ରିଟେନ ପରି ପାଶ୍ଚାତ୍ୟ ଦେଶ ମଧ୍ୟ କ୍ରୀତଦାସ ମୁକ୍ତ ନୁହଁନ୍ତି ବୋଲି ବେଲ୍ସ ପ୍ରକାଶ କରିଛନ୍ତି । ଏବେବି ୪୪୦୦ ଲୋକ ବ୍ରିଟେନ୍‌ରେ କ୍ରୀତଦାସ ଭାବେ ଅଛନ୍ତି । ଏମାନଙ୍କ ମଧ୍ୟରୁ ଅଧିକାଂଶ ଆଫ୍ରିକା, ଏସିଆ ଓ ପୂର୍ବ ୟୁରୋପର । ଏମାନଙ୍କୁ ଯୌନକର୍ମୀ, ଘରୋଇ କାର୍ଯ୍ୟ, କୃଷି, ନିର୍ମାଣ, ରେସ୍ତୋରାଁ ପରି ସ୍ୱଳ୍ପ ପାରିଶ୍ରମିକ ଦିଆଯାଉଥିବା କାର୍ଯ୍ୟରେ ନିୟୋଜିତ କରାଯାଉଛି । ଏହି ରିପୋର୍ଟ ଧନୀ ରାଷ୍ଟ୍ରମାନଙ୍କ ପାଇଁ ମଧ୍ୟ ଚେତାବନୀ ସଦୃଶ ହୋଇଛି । ସୂଚନା ପ୍ରଯୁକ୍ତିରେ ଆଜି ଚନ୍ଦ୍ରପୃଷ୍ଠରେ ପାଦ ଥାପୁଥିବା ଆମ ପରି ଗୁଣୀଜ୍ଞାନୀ ଓ କୋଟି କୋଟି ଧନୀ ଅମିର୍‌ଙ୍କ ଭିତରେ ଯେ, ନିଜ ଜୀବନକୁ ପଣ୍ୟ କରୁଥିବା କ୍ରୀତଦାସମାନେ ବି ଅଛନ୍ତି ତାହା ଭାବିଲେ ଯେତିକି ଦୁଃଖଦାୟକ ତତୋଧିକ ନିନ୍ଦନୀୟ।

*ଦୂରଭାଷ : ୯୪୩୭୨୫୭୧୨*

## 'ଇ-ଆବର୍ଜନାର ସଂକଟ'

**ବିକ୍ରମ ମହାପାତ୍ର**

ଦିନକୁ ଦିନ ପରିବେଶ ପ୍ରଦୂଷିତ ହେବାରେ ଲାଗିଛି । ମାଟି, ପାଣି ଓ ପବନ ଏହି ପ୍ରଦୂଷଣ ମଧ୍ୟରେ ଅନ୍ତର୍ଭୁକ୍ତ । ବିଭିନ୍ନ ପ୍ରକାର କୀଟନାଶକ ଦ୍ରବ୍ୟ ସାର ଆକାରରେ ମାଟିରେ ଓ କଳାକାରଖାନାରୁ ବିଷାକ୍ତ ଜଳ ବାହାରି ନଦୀ ଇତ୍ୟାଦିରେ ମିଶି ପାଣିକୁ ବିଷାକ୍ତ କରୁଛି । କାରଖାନାରୁ ନିର୍ଗତ ଧୂଆଁ ବାୟୁକୁ ପ୍ରଦୂଷିତ କରିବା ସହ ଶବ୍ଦ ପ୍ରଦୂଷଣ ମଧ୍ୟ ଘଟୁଛି । ପ୍ରତିଦିନ ବିଶ୍ୱରେ ପ୍ରାୟ ଚଉଦ ହଜାର ଲୋକ ଦୂଷିତ ପାଣି ପିଇ ମରୁଛନ୍ତି । ସାତଶହ ନିୟୁତ ଭାରତୀୟଙ୍କର ଉପଯୁକ୍ତ ଶୌଚାଳୟ ନାହିଁ । ଏହାଛଡ଼ା ଭାରତରେ ପ୍ରତିଦିନ ଏକ ହଜାର ଲୋକ ହଇଜାରେ ମରୁଛନ୍ତି । ଚୀନରେ ପ୍ରତିବର୍ଷ ପାଞ୍ଚ ନିୟୁତ ଲୋକ ଉପଯୁକ୍ତ ପାନୀୟ ଜଳ ପାଆନ୍ତି ନାହିଁ ଓ ବାୟୁ ପ୍ରଦୂଷିତ ହେବା ଯୋଗୁଁ ଏଠାରେ ପ୍ରତି ବର୍ଷ ପ୍ରାୟ ୬୫୬ ହଜାର ଲୋକ ମରନ୍ତି । ତେଣୁ ବିଶ୍ୱବାସୀଙ୍କୁ ଏହି ପ୍ରଦୂଷଣ ବିଷୟରେ ସଚେତନ କରିବା ଓ ଏହାର ନିରାକରଣ ପାଇଁ ପ୍ରତିବର୍ଷ ଡିସେମ୍ବର ୨ରେ ବିଶ୍ୱ ପ୍ରଦୂଷଣ ନିରାକରଣ ଦିବସ ପାଳନ କରାଯାଏ । ତେବେ ଉଦ୍‌ବେଗଜନକ ଭାବେ ଦିନକୁ ଦିନ ଇ-ଆବର୍ଜନାର ପାହାଡ଼ ଆମ ଆଖପାଖର ପରିବେଶକୁ ଅସ୍ତବ୍ୟସ୍ତ କରୁଛି ।

ଆମେ ହାତରେ ଧରୁଥିବା ଜୀବନ୍ତ ମୋବାଇଲ୍ ଫୋନ, ଆଇପ୍ୟାଡ୍ ବା ଆଇପଡ୍ ଅଥବା ଘରେ ନିତି ଦିନ ଗହଳ ଚହଳ କରୁଥିବା ଜୀବନ୍ତ ଟେଲିଭିଜନ ବା ଆମର ଘନିଷ୍ଠ ମିତ୍ର ସାଜିଥିବା କମ୍ପ୍ୟୁଟର ଅବଶ୍ୟ ଦିନେ ମରିବେ । କିନ୍ତୁ ଏହି ମୃତକମାନଙ୍କ ଦେହାବଶେଷ ମାଟିରେ ମିଶିଯିବ ନାହିଁ । ଏହା ପଡ଼ି ରହିବ ଏବଂ ଆବର୍ଜନାର ପାହାଡ଼ ସୃଷ୍ଟି କରିବ ଏ ପୃଥିବୀ ଉପରେ । ଏଭଳି ଆବର୍ଜନାର ପାହାଡ଼ ଯେ କି ବିଶାଳ ହୋଇପାରେ ତାର ଏକ ଚିତ୍ର ଏବେ ଆମକୁ ଜାଣିବାକୁ ମିଳିଛି । ଏଇ ନିକଟରେ ଜାତିସଂଘ ପକ୍ଷରୁ ଉପସ୍ଥାପନ



କରାଯାଇଥିବା ଇଲେକ୍ଟ୍ରୋନିକ୍ ଏବଂ ଇଲେକ୍ଟ୍ରିକାଲ୍ ଆବର୍ଜନର (ଗୋଟିଏ ବ୍ୟାଟେରି ଠାରୁ ଆରମ୍ଭ କରି ମୋବାଇଲ, କମ୍ପ୍ୟୁଟର, ଫୋନ ଦେଇ ଛୋଟ କର୍ଡ ପର୍ଯ୍ୟନ୍ତ) ମାନଚିତ୍ରରେ ଏହି ଆବର୍ଜନା ସ୍ତୂପର ଆକାର ଓ ବିଶାଳତା ସଂପର୍କରେ ସମ୍ୟକ ସୂଚନା ମିଳିଛି । ସେଥିରେ କୁହାଯାଇଛି ଯେ ଯୁକ୍ତରାଷ୍ଟ୍ର ଆମେରିକାରେ ମୁଣ୍ଡପିଛା ଇ-ଆବର୍ଜନା ସୃଷ୍ଟିର ପରିମାଣ ସର୍ବାଧିକ । ଏହା ହେଉଛି ମୁଣ୍ଡ ପିଛା ୨୯.୮ କେଜି. । ଚୀନ୍‌ରେ ଏହି ପରିମାଣ ହେଉଛି ମୁଣ୍ଡ ପିଛା ୫.୪ କେ.ଜି । ବ୍ରିଟେନ୍‌ରେ ଏହି ପରିମାଣ ହେଉଛି ମୁଣ୍ଡ ପିଛା ୨୨ କିଲୋ ।

ଏହି ମାନଚିତ୍ରରୁ ଜଣାପଡ଼ିଛି ଯେ ପୃଥିବୀରେ ପ୍ରତି ବର୍ଷ ସୃଷ୍ଟି ହେଉଛି ୪୮.୯ ନିୟୁତ ଟନ୍ ଓଜନର ଇ-ଆବର୍ଜନା । ତା ଅର୍ଥ ପୃଥିବୀର ୭୦୦ କୋଟି ଲୋକଙ୍କ ମୁଣ୍ଡ ପିଛା ଇ-ଆବର୍ଜନାର ପରିମାଣ ହେଉଛି ୭ କେଜି । ଏହି ଆବର୍ଜନା ଭିତରୁ ସବୁଠାରୁ ଅଧିକ ହେଉଛି ମୋବାଇଲ ଫୋନ୍ ଯାହାର ପରିମାଣ ହେଲା ୧୨୦ ନିୟୁତ ଟନ୍ । ଏଥିରେ ଭବିଷ୍ୟବାଣୀ କରାଯାଇଛି ଯେ ୨୦୨୭ ବେଳକୁ ଏହା ୩୩ ପ୍ରତିଶତ ହାରରେ ବୃଦ୍ଧି ପାଇ ପହଞ୍ଚିଥିବ ୬୫.୯ ନିୟୁତ ମେଟ୍ରିକ୍ ଟନ୍‌ରେ । ଏହି ଆବର୍ଜନାର ଓଜନ ୨୦୦ଟି ଏମ୍ପାୟାର ଷ୍ଟେଟ୍ ବିଲଡିଂ ବା ଇଜିପ୍ଟର ୧୧ଟି ଅତିକାୟ ଗିଜା ପିରାମିଡ଼୍‌ର ଓଜନ ସହିତ ସମାନ ହେବ । ଯଦି ଏହି ଆବର୍ଜନାକୁ କେଉଁଠାକୁ ନେବାକୁ ପଡ଼େ ତେବେ ୪୦ଟନ୍ ମାଲ୍ ବୋହିବାକୁ ସକ୍ଷମ ଥିବା ବିଶାଳ ଟ୍ରକ ଗୁଡ଼ିକର ଯେଉଁ ଲମ୍ବାଧାଡ଼ି ଲାଗିବ ତାହା ପୃଥିବୀର ବିଷୁବ ରେଖା ଦୈର୍ଘ୍ୟର ତିନି ଚତୁର୍ଥାଂଶ ହେବ । ୨୦୨୨ରେ ଚୀନ ସବୁଠାରୁ ଅଧିକ ଇ-ଆବର୍ଜନା ସୃଷ୍ଟି କରିଥିଲା । ତାର ପରିମାଣ ଥିଲା ୧୧.୧ ନିୟୁତ ଟନ୍ । ଯୁକ୍ତରାଷ୍ଟ୍ର ଆମେରିକା ଥିଲା ଦ୍ୱିତୀୟ ସ୍ଥାନରେ । ଏବେ ଏ କ୍ରମ ବଦଳି ଯାଇଛି । ଏବେ ଯୁକ୍ତରାଷ୍ଟ୍ର ଆମେରିକା ୯.୪ ନିୟୁତ ଟନ୍ ଇ-ଆବର୍ଜନ ସୃଷ୍ଟି କରି ପ୍ରଥମ ସ୍ଥାନରେ ରହିଛି । ତେବେ ଆମେରିକା ଓ ଚୀନର ଜନସଂଖ୍ୟା ଭିତରେ ବହୁତ ତାରତମ୍ୟ ଥିବାରୁ ମୁଣ୍ଡପିଛା ଇ-ଆବର୍ଜନା ସୃଷ୍ଟିରେ ଆମେରିକା ଚୀନର ପ୍ରାୟ ପାଞ୍ଚଗୁଣ ।

ଭାରତରେ ବର୍ଷକୁ ୨୭୫୧ ମେଟ୍ରିକ୍ କିଲୋ ଟନ୍ (ଏକ କିଲୋଟନ୍ ହେଉଛି ୧୦୦୦ ଟନ୍) ଇ ଆବର୍ଜନା ସୃଷ୍ଟି ହେଉଛି । ଏ ସଂକ୍ରାନ୍ତରେ ଗୋଟିଏ ବଡ଼ ସଂକଟଜନକ କଥା ଜାତିସଂଘ ପକ୍ଷରୁ କୁହାଯାଇଛି । ତାହା ହେଲା ପାଶ୍ଚାତ୍ୟର ବିଶାଳ ଇ-ଆବର୍ଜନାର ଗଦା ବୋଝେଇ ହୋଇ ଭାରତରେ ପହଞ୍ଚିବାର ସମ୍ଭାବନା ସବୁଠାରୁ ଅଧିକ । କାରଣ ଇ-ଆବର୍ଜନାକୁ ନଷ୍ଟ କରିବା ଲାଗି ଲୋଡ଼ା ସ୍ୱତନ୍ତ୍ର ପ୍ରକାର ଫର୍ନେସ ଏଇ ବର୍ଷ ଠାରୁ ଚୀନ ଓ ମାଲେସିଆରେ ବନ୍ଦ ହୋଇଯିବ । କେବଳ ଭାରତରେ ଏ ସୁବିଧା ମିଳୁଥିବାରୁ ବିକଶିତ ଦେଶମାନେ ଭାରତକୁ ସେମାନଙ୍କ ଇ-ଆବର୍ଜନା ଡଂପିଙ୍ଗ ଗ୍ରାଉଣ୍ଡରେ ପରିଣତ କରିଦେବେ । ଏହା ଭାରତ ଲାଗି ବିପଜ୍ଜନକ ହୋଇପାରେ । କାରଣ ଇ-ଆବର୍ଜନାରୁ ବିକିରଣ ସହିତ ବିଭିନ୍ନ ମାରାତ୍ମକ ବିଷାକ୍ତ ପଦାର୍ଥ (ସୀସା, ଆର୍ସେନିକ୍, ଲିଥିଅମ୍ ଆଦି) ମିଶି ରହିଥାଏ ଯାହା ପ୍ରକୃତି ଓ ପରିବେଶକୁ ପ୍ରଦୂଷିତ କରି ଚାଲିଥାଏ । ଏହି ଇ-ଆବର୍ଜନା କେବଳ ସମାଜ ନୁହେଁ ଆମ ସମସ୍ତଙ୍କ ପାଇଁ ଅତ୍ୟନ୍ତ ବିପଦଜ୍ଜନକ, ଘାତକ ଓ ମାରାତ୍ମକ। ତେଣୁ ଏ କ୍ଷେତ୍ରରେ ଆମ୍ଭମାନଙ୍କ ଭିତରେ ସଚେତନତା ଅତ୍ୟନ୍ତ ଜରୁରୀ।

*'ଆନନ୍ଦ ଜ୍ୟୋତ୍ସ୍ନା', ଚଣ୍ଡୀମନ୍ଦିର ମାର୍ଗ,*
*ଚଣ୍ଡୀଛକ, କଟକ*


ମାତୃଭାଷା




ହିନ୍ଦୋଳ ଓଡିଶାର ଅନ୍ୟତମ ଏକ କରଦ ରାଜ୍ୟ ଥିଲା। ଏହାର ଉତ୍ତରରେ ଅନୁଗୁଳ ଓ ଢେଙ୍କାନାଳ, ପୂର୍ବରେ ଢେଙ୍କାନାଳ, ଦକ୍ଷିଣରେ ବଡ଼ମ୍ବା ଓ ନରସିଂହପୁର ଏବଂ ପଶ୍ଚିମରେ ଅନୁଗୁଳ ଗଡଜାତ ଥିଲା। ହିନ୍ଦୋଳର ପ୍ରଥମ ରାଜା ଚନ୍ଦନ ଦେବ ଜେନାମଣି ୧୫୫୩ ଖ୍ରୀଷ୍ଟାବ୍ଦରେ ହିନ୍ଦୋଳ ରାଜଗାଦି ଅଳଂକୃତ କରିଥିଲେ। ସେମାନେ ବଡ଼ଖେମୁଣ୍ଡି ରାଜବଂଶରୁ ଆସିଥିଲେ ଏବଂ ସୂର୍ଯ୍ୟବଂଶୀ ଥିଲେ। ସେମାନେ ହିନ୍ଦୋଳର ସରଦାର ଧନୁର୍ଜୟ ସାମଲ ଏବଂ ତାଙ୍କର ଛଅ ଭାଇଙ୍କୁ ଯୁଦ୍ଧରେ ପରାସ୍ତ କରିଥିଲେ। ଚନ୍ଦ୍ରଦେବ ଜେନାମଣି ୧୫୫୪ ରେ ରାଜଗାଦି ତାଙ୍କ କନିଷ୍ଠ ଭ୍ରାତା ଉଦ୍ଧବ ଦେବ ଜେନାମଣିଙ୍କ ହାତରେ ଟେକି ଦେଇଥିଲେ। ଏବେବି ହିନ୍ଦୋଳର ବାଲିମୀ ଗ୍ରାମରେ ତାଙ୍କର ବଂଶଧରମାନେ ରହି ଆସୁଛନ୍ତି। ଏବେବି ନୂଆ ରାଜା ଅଭିଷେକ ହେବାର ପରଂପରାରେ ସେମାନେ ମୁଖ୍ୟ ଭୂମିକା ଗ୍ରହଣ କରିଥାନ୍ତି। ବର୍ତ୍ତମାନର ରାଜା ଶୈଳେନ୍ଦ୍ର ନାରାୟଣ ସିଂହଦେଓ ତାଙ୍କରି କୋଳାସିନ ହୋଇ ରାଜଗାଦି ଆରୋହଣ କରିଛନ୍ତି।



# ଅତୀତ ଆଙ୍ଗିନାରେ ହିନ୍ଦୋଳ ରାଜବାଟୀ





ସାଧାରଣ ଜନଜୀବନରେ ଇତିହାସ ଓ ଐତିହ୍ୟର ମହତ୍ତ୍ୱ ଓ ଗୁରୁତ୍ୱ ସବୁବେଳେ ଏକ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇ ରହିଥାଏ। ଠିକ ସେହିପରି ରାଜପ୍ରାସାଦ ଗୁଡ଼ିକ ମଧ୍ୟ ଅତୀତର ଇତିହାସ, ସଂସ୍କୃତି ଏବଂ ସମୃଦ୍ଧିର ପ୍ରତିଫଳକ ଅଟେ। ରାଜପ୍ରାସାଦ ଗୁଡ଼ିକ ଶାସକମାନଙ୍କର ଶାଶନ ପ୍ରଣାଳୀ ଏବଂ ସେମାଙ୍କ ଜୀବନ ଓ ଶାସନ କାଳ ବିଷୟରେ ଅନେକ ତଥ୍ୟମାନ ଯୋଗାଇ ଥାଏ। କଳା, ସାହିତ୍ୟ ଏବଂ ସଂସ୍କୃତିର ପୃଷ୍ଟପୋଷକତା ଏହି ରାଜପ୍ରାସାଦ ଆଦିରୁ ହିଁ ଆରମ୍ଭ ହେବାର ଯଥେଷ୍ଟ ଉଦାହରଣ ମିଳିଥାଏ। ରାଜା, ରାଜପରିବାର ଏବଂ ରାଜବାଟୀ ଆଦି ହେଉଚି କବି କଳାକାର, ସାହିତ୍ୟିକ ଲେଖକ, ସଙ୍ଗୀତଜ୍ଞ ମାନଙ୍କ ସୃଜନୀର ପ୍ରୟୋଗଶାଳା କହିଲେ ଅତ୍ୟୁକ୍ତି ହେବ ନାହିଁ। ଆମ ପୂର୍ବପୁରୁଷଙ୍କ ଜୀବନଧାରା ରାଜା ଏବଂ ରାଜବାଟୀ ସହ ଅନେକ ଭାବେ ଜଡ଼ିତ। ଏହି ପରିପ୍ରେକ୍ଷୀରେ ଆସନ୍ତୁ ଜାଣିବା ହିନ୍ଦୋଳ ଗଡ଼ଜାତ ଏବଂ ରାଜବାଟୀ ବିଷୟରେ କେତେକ ତଥ୍ୟ।

ହିନ୍ଦୋଳ ଓଡିଶାର ଅନ୍ୟତମ ଏକ କରଦ ରାଜ୍ୟ ଥିଲା। ଏହାର ଉତ୍ତରରେ ଅନୁଗୁଳ ଓ ଢେ଼ଙ୍କାନାଳ, ପୂର୍ବରେ ଢେ଼ଙ୍କାନାଳ, ଦକ୍ଷିଣରେ ବଡ଼ମ୍ବା ଓ ନରସିଂହପୁର ଏବଂ ପଶ୍ଚିମରେ ଅନୁଗୁଳ ଗଡଜାତ ଥିଲା। ହିନ୍ଦୋଳର ପ୍ରଥମ ରାଜା ଚନ୍ଦନ ଦେବ ଜେନାମଣି ୧୫୫୩ ଖ୍ରୀଷ୍ଟାବ୍ଦରେ ହିନ୍ଦୋଳ ରାଜଗାଦି ଅଳଂକୃତ କରିଥିଲେ। ସେମାନେ ବଡ଼ଖେମୁଣ୍ଡି ରାଜବଂଶରୁ ଆସିଥିଲେ ଏବଂ ସୁର୍ଯ୍ୟବଂଶୀ ଥିଲେ। ସେମାନେ ହିନ୍ଦୋଳର ସରଦାର ଧନୁର୍ଜୟ ସାମଲ ଏବଂ ତାଙ୍କର ଛଅ ଭାଇଙ୍କୁ ଯୁଦ୍ଧରେ ପରାସ୍ତ କରିଥିଲେ। ଚନ୍ଦ୍ରଦେବ ଜେନାମଣି ୧୫୫୪ ରେ ରାଜଗାଦି ତାଙ୍କ କନିଷ୍ଠ ଭ୍ରାତା ଉଦ୍ଧବ ଦେବ ଜେନାମଣିଙ୍କ ହାତରେ ଟେକି ଦେଇଥିଲେ। ଏବେବି ହିନ୍ଦୋଳର ବାଲିମୀ ଗ୍ରାମରେ ତାଙ୍କର ବଂଶଧରମାନେ ରହି ଆସୁଛନ୍ତି। ଏବେବି ନୂଆ ରାଜା ଅଭିଷେକ ହେବାର ପରଂପରାରେ ସେମାନେ ମୁଖ୍ୟ ଭୂମିକା ଗ୍ରହଣ କରିଥାନ୍ତି। ବର୍ତ୍ତମାନର ରାଜା ଶୈଳେନ୍ଦ୍ର ନାରାୟଣ ସିଂହଦେଓ ତାଙ୍କରି କୋଳାସିନ ହୋଇ ରାଜଗାଦି ଆରୋହଣ କରିଛନ୍ତି।

ରାଜା ନନ୍ଦନ ଦେବ ୧୬୩୩ ରେ ହିନ୍ଦୋଳ ରାଜଗାଦି ଅଳଙ୍କୃତ କରିଥିଲେ। ଇତିହାସରୁ ଯାହା ଜଣାଯାଏ ସେ ହେଉଛନ୍ତି ଏକ ମାତ୍ର ହିନ୍ଦୋଳ ରାଜା ଯିଏ କି ଢେଙ୍କାନାଳର ତତ୍କାଳୀନ ରାଜାଙ୍କୁ ଗଞ୍ଜରା ଯୁଦ୍ଧରେ ପରାସ୍ତକରି ଢେଙ୍କାନାଳର କିଛି ଅଂଶରେ ରାଜତ୍ୱ ଜାହିର କରିଥିଲେ। ସେ ମଧ୍ୟ ଅନୁଗୁଳ ଏବଂ ନରସିଂହପୁର ରାଜାମାନଙ୍କୁ ଯୁଦ୍ଧରେ ହରାଇଥିଲେ। ଖୋର୍ଦ୍ଧାର ଗଜପତି ରାଜା ତାଙ୍କର ଏହି ଯୁଦ୍ଧ କୌଶଳ ଗୁଣ ଯୋଗୁଁ ମହାରଥୀ ପଦ୍ୱୀ ପ୍ରଦାନ କରିଥିଲେ। ରାଜା ଜନାର୍ଦ୍ଦନ ସିଂହ ହିନ୍ଦୋଳକୁ ୧୮୭୬ ଠାରୁ ଆରମ୍ଭ କରି ୧୯୦୮ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ।ତାଙ୍କରି ସମୟରେ ରାଜସ୍ୱ ବନ୍ଦୋବସ୍ତ ବ୍ୟବସ୍ଥା ସହିତ ରାଜ୍ୟର ବହୁତ କିଛି ଉନ୍ନତିକରଣ କାମ ହୋଇ ଥିଲା।

ହିନ୍ଦୋଳ ରାଜ୍ୟର ଉତ୍ପତି ହିଡ଼ମ୍ବାକା ଶବ୍ଦ ସହ ଜଡ଼ିତ, ଯାହା କାଳ କ୍ରମେ ଅପଭ୍ରଂଶ ହୋଇ ହିନ୍ଦୋଳ ହୋଇ ଥାଇ ପାରେ। କେହି କେହି ମତ ଦିଅନ୍ତି ହିଡ଼ମ୍ବାକା ସେଠିକାର ଆଦିମ ଅଧିବାସୀଙ୍କ ମୂଖ୍ୟ ଥିଲେ। ଅନ୍ୟ ଏକ ମତ ଅନୁଯାୟୀ ଯେତେବେଳେ ବଡଖେମୁଣ୍ଡିରୁ ପ୍ରଥମ ଥର ରାଜ ପରିବାର ଆସିଲେ ସେମାନେ ହିନ୍ଦୋଳା ବା (କ୍ଟବକ୍ଷରଭକ୍ତଙ୍କସଭ)ରେ ତାଙ୍କର କୁଳ ଦେବୀ ମାଆ କନକ ଦୁର୍ଗାଙ୍କୁ ଆଣି ଥିବାରୁ ରାଜ୍ୟର ନାମ ହିନ୍ଦୋଳ ହୋଇଥିଲା।

ଚନ୍ଦ୍ର ଦେବ ଏବଂ ଉଦ୍ଧବ ଦେବ ଜେନାମଣି ବଡ଼ଖେମୁଣ୍ଡିରୁ ତିନି ପରିବାର ସହ ପ୍ରଥମେ ହିନ୍ଦୋଳ ଆସିଥିଲେ। ବ୍ରାହ୍ମଣ, ବାରିକ ଏବଂ ଚଷା ପରିିବାର ରାଜଙ୍କ ସାଂଗରେ ଏହି ଯାତ୍ରାରେ ଖୋର୍ଦ୍ଧା ଗଡ ହୋଇ ହିନ୍ଦୋଳ ଆସିଥିଲେ। ଚଷା ପରିିବାର ହିନ୍ଦୋଳାରେ ମାଆ କନକ ଦୁର୍ଗା ଏବଂ ଅନ୍ୟାନ୍ୟ ଠାକୁରମାନଙ୍କୁ ଆଣିଥିଲେ। ସେଥିଲାଗି ରାଜା ସେମାନଙ୍କୁ ଏକ ଗ୍ରାମ ଦାନ ହିସାବରେ ବୁହାଳୀ ମାନଙ୍କୁ ଦେଇ ଥିଲେ। ସେହି ଗ୍ରାମ ଏବେ ବୁହାଳୀପାଳ ଭୁବନେଶ୍ୱର ନାମରେ ପରିଚିତ ଯାହା ରାଜା ସେ ସମୟରେ ଗରୁଡ଼ ପ୍ରଧାନଙ୍କୁ ଦାନ କରିଥିଲେ।ଏବେବି ସେହି ଗ୍ରାମରେ ତାଙ୍କର ବଂଶଧରମାନେ ରହି ଆସୁଛନ୍ତି ଏବଂ ଗ୍ରାମର ରଥଯାତ୍ରାର ଉଦ୍ୟୋକ୍ତା ହିସାବରେ ଜଗନ୍ନାଥଙ୍କ ସେବା କରି ଆସୁଛନ୍ତି।

ହିନ୍ଦୋଳ ରାଜବାଟୀଟି ବିଭିନ୍ନ ରାଜାଙ୍କ ଶାସନ କାଳରେ ନିର୍ମାଣ ହୋଇ ଅଛି। ୧୮୬୦ ରେ ରାଜା ଈଶ୍ୱର ସିଂହ ମର୍ଦ୍ଦରାଜ ରାଜବାଟୀ କାମ ଆରମ୍ଭ କରିଥିଲେ। ସିଂହଦ୍ୱାର, ସଭାଗୃହ (ଦରବାର) ରାଜା ଜନାର୍ଦ୍ଦନ ସିଂହଦେଓଙ୍କ ସମୟରେ ଗଢା ଯାଇ ଥିଲା। କୁହାଯାଏ, ରାଜବାଟୀରେ ଏକଦା ୯୯ କୋଠରୀ ରହିଥିଲା, ଅବଶ୍ୟ ଏହାର କୌଣସି ପ୍ରମାଣ ଥିବାର ଜଣାଯାଏ ନାହିଁ। କୋ ?ଣସି ସମୟରେ ହୁଏ ତ ରାଜବାଟିରେ ୯୯ ବଖରା ଘର ଥାଇ ପରେ ଯାହା ଲାଗି ହିନ୍ଦୋଳ ରାଜବାଟୀ ୯୯ ବଖରାର ରାଜବାଟୀ ବୋଲି ଖ୍ୟାତ। ଏକଦା ରାଜବାଟୀରେ ୪୦ ପ୍ରକାରାର ତୋରଣ ଦେଖିବାକୁ ମିଳୁଥିଲା।



ଦଧିବାମନ ଜୀଉ ହିନ୍ଦୋଳ ରାଜବଂଶର ପ୍ରଧାନ ଦେବତା, ଯାହା ରାଜା ଜନାର୍ଦ୍ଦନ ସିଂହଦେଓ ୧୮୯୦ ରେ ରାଜବାଟୀ ନିକଟରେ ପ୍ରତିଷ୍ଠା କରିଥିଲେ ତାହା ପୂର୍ବେ ଭଗବାନ ଅନନ୍ତ ନାରାୟଣଙ୍କ ମନ୍ଦିର (୧୮୪୦) ରେ ରାଜ ପରିବାରର ପିଣ୍ଡକ ଶ୍ରୀଚନ୍ଦନ ସିଂହଦେଓ କୃଷ୍ଣ ଚନ୍ଦ୍ର କୃଷ୍ଣ ଚନ୍ଦ୍ର ମର୍ଦ୍ଦରାଜଙ୍କ ଦ୍ୱାରା ପ୍ରତିଷ୍ଠା କରାଇ ଥିଲେ। ବର୍ତ୍ତମାନର ରାଜା ଶୈଳେନ୍ଦ୍ର ନାରାୟଣ ସିଂହଦେଓଙ୍କ ଅଜା, ରାଜା ଜନାର୍ଦ୍ଦନ ସିଂହଦେଓ ୧୮୯୦ ରେ ବୁଢା ଗୋସାଇଁଙ୍କ ମନ୍ଦିର ପ୍ରତିଷ୍ଠା କରିଥିଲେ। ଅବଶ୍ୟ କୌଣସି କାରଣ ବଶତଃ ମନ୍ଦିରଟି ସମ୍ପୂର୍ଣ୍ଣ ହୋଇ ପାରିନଥିଲା, ଯାହା କିଛି ବର୍ଷ ପୂର୍ବେ ସ୍ଥାନୀୟ ଜନତା ଓ ପ୍ରଶାଶନର ମିଳିତ ଉଦ୍ୟମରେ ୭୦ ଫୁଟର ଉଚ୍ଚର ଦଧିବାମନଙ୍କ ଏକ ଭବ୍ୟ ମନ୍ଦିର ପ୍ରତିଷ୍ଠା ହୋଇ ଅଛି।

ସ୍ୱାଧୀନ ଭାରତର ଇତିହାସକୁ ଦେଖିଲେ ଯାହା ଜଣାଯାଏ, ଓଡ଼ିଶାର ଦୁଇଟି ରାଜପରିବାର ଓଡିଶା ତଥା ଭାରତ ଗଣରାଜ୍ୟରେ ମିଶିବା ପାଇଁ ଆଗ୍ରହ ଦେଖାଇଥିଲେ। ରଣପୁର ରାଣୀ ବସନ୍ତ ମଞ୍ଜରି ଦେବୀ ଏବଂ ହିନ୍ଦୋଳ ରାଜା ନବ କିଶୋରେ ସିଂହଦେଓ ଦୁଇ ଜଣ ଜାକ କଂଗ୍ରେସ ଦଳ ସହ ଯୋଗାଯୋଗରେ ଥିଲେ, ଯାହାକି ହରେକୃଷ୍ଣ ମହତାବ ନିଜ ଜୀବନ ଇତିହାସରେ ଲିପିବଦ୍ଧ କରିଛନ୍ତି। ଯେତେବେକେ ଗଡଜାତ ରାଜ୍ୟ ସବୁ ଭାରତ ଗଣରାଜ୍ୟ ସାଙ୍ଗରେ ମିଶ୍ରଣ ହେବା ଆରମ୍ଭ ହେଲା, ସର୍ଦାର ପଟେଲ ପ୍ରଥମେ

*ସ୍ୱାଧୀନ ଭାରତର ଇତିହାସକୁ ଦେଖିଲେ ଯାହା ଜଣାଯାଏ, ଓଡ଼ିଶାର ଦୁଇଟି ରାଜପରିବାର ଓଡିଶା ତଥା ଭାରତ ଗଣରାଜ୍ୟରେ ମିଶିବା ପାଇଁ ଆଗ୍ରହ ଦେଖାଇଥିଲେ। ରଣପୁର ରାଣୀ ବସନ୍ତ ମଞ୍ଜରି ଦେବୀ ଏବଂ ହିନ୍ଦୋଳ ରାଜା ନବ କିଶୋରେ ସିଂହଦେଓ ଦୁଇ ଜଣ ଜାକ କଂଗ୍ରେସ ଦଳ ସହ ଯୋଗାଯୋଗରେ ଥିଲେ, ଯାହାକି ହରେକୃଷ୍ଣ ମହତାବ ନିଜ ଜୀବନ ଇତିହାସରେ ଲିପିବଦ୍ଧ କରିଛନ୍ତି। ଯେତେବେକେ ଗଡଜାତ ରାଜ୍ୟ ସବୁ ଭାରତ ଗଣରାଜ୍ୟ ସାଙ୍ଗରେ ମିଶ୍ରଣ ହେବା ଆରମ୍ଭ ହେଲା, ସର୍ଦାର ପଟେଲ ପ୍ରଥମେ ହିନ୍ଦୋଳ ରାଜ୍ୟ ସଙ୍ଗେ ଚୁକ୍ତି କରିବା ପାଇଁ ପୁରୁଣାକଟକ ସମ୍ବଲପୁର ରାସ୍ତାରେ ଆସି ଆଠଗଡଠାରେ କିଛି ସମୟ ରହି ଥିଲେ। ସେହି ସମୟରେ ଆଠଗଡ଼ ରାଜା ରାଧାନାଥ ବେବର୍ତ୍ତା ପଟ୍ଟନାୟକ ପ୍ରଥମେ ରାଜ୍ୟ ମିଶ୍ରଣ ଚୁକ୍ତିରେ ଦସ୍ତଖତ କରିଥିଲେ। ହିନ୍ଦୋଳ ଗଡ଼ଜାତ ଦ୍ୱିତୀୟ ରଜ୍ୟ ଭାବରେ ଓଡ଼ିଶା ତଥା ଭାରତ ଗଣରଜ୍ୟରେ ଯୋଗ ଦେଇଥିଲା।*

ହିନ୍ଦୋଳ ରାଜ୍ୟ ସଙ୍ଗେ ଚୁକ୍ତି କରିବା ପାଇଁ ପୁରୁଣାକଟକ ସମ୍ବଲପୁର ରାସ୍ତାରେ ଆସି ଆଠଗଡଠାରେ କିଛି ସମୟ ରହି ଥିଲେ। ସେହି ସମୟରେ ଆଠଗଡ ରାଜା ରାଧାନାଥ ବେବର୍ତ୍ତା ପଟ୍ଟନାୟକ ପ୍ରଥମେ ରାଜ୍ୟ ମିଶ୍ରଣ ଚୁକ୍ତିରେ ଦସ୍ତଖତ କରିଥିଲେ। ହିନ୍ଦୋଳ ଗଡ଼ଜାତ ଦ୍ୱିତୀୟ ରଜ୍ୟ ଭାବରେ ଓଡ଼ିଶା ତଥା ଭାରତ ଗଣରଜ୍ୟରେ ଯୋଗ ଦେଇଥିଲା।

ହିନ୍ଦୋଳର ସାଂସ୍କୃତିକ ବିଭବ ଓ ସମୃଦ୍ଧିର ପ୍ରାଣକେନ୍ଦ୍ର ହିନ୍ଦୋଳ ରାଜବାଟୀ, ବର୍ତ୍ତମାନ ନିସ୍ତେଜ ଓ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ଏହାର ଇତିହାସ ଏବଂ କାହାଣୀକୁ ଜୀବନ୍ତ କରି ସାଇତି ରଖିବା ପାଇଁ ହେଲେ ଏହାର ନବୀକରଣ ଅନିବାର୍ଯ୍ୟ ହୋଇପଡ଼ିଛି।

***ବିଶ୍ୱରଞ୍ଜନ ଦେହୁରୀ***
***ମହାନଦୀ ବିହାର, କଟକ ୭୫୩୦୦୪***
***ଫୋନ୍ :୭୦୦୮୨୧୩୦୩୮***



# ଜିଲ୍ଲାସ୍ତରୀୟ ମାଲ୍ୟବନ୍ତ ମହୋତ୍ସବର ଶୁଭାରମ୍ଭ

**ମାଲକାନଗିରି:** ଜିଲ୍ଲାସ୍ତରୀୟ ମାଲ୍ୟବନ୍ତ ମହୋତ୍ସବର ଶୁଭାରମ୍ଭ ହୋଇଯାଇଛି । ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ନିର୍ଦ୍ଦେଶ ଓ ତତ୍ତ୍ୱାବଧାନରେ ଜିଲ୍ଲା ସ୍ତରୀୟ ମାଲ୍ୟବନ୍ତ ମହୋତ୍ସବ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି କଳସ ଯାତ୍ରାରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସମାରୀ ତାଙ୍ଗୁଲୁ, ମାଲକାନଗିରି ବ୍ଲକ୍ ଅଧ୍ୟକ୍ଷା ଗୌରୀ ପଡିଆମୀ, ଚିତ୍ରକୋଣ୍ଡା ବ୍ଲକ୍ ଅଧ୍ୟକ୍ଷା ରାଜେଶ୍ୱରୀ ଖିଲ, କୋରୁକୁଣ୍ଡା ବ୍ଲକ୍ ଅଧ୍ୟକ୍ଷ ଜିତୁ ବୁରୁଡ଼ି, ବାଲିମେଲା ବିଜ୍ଞାପିତ ଅଂଚଳ ପରିଷଦ ଅଧ୍ୟକ୍ଷ ପ୍ରଦୀପ ନାୟକ, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ସୋମନାଥ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର, ଉପ ଜିଲ୍ଲାପାଳ ଅଶ୍ୱିନ ଏ ଏଲ, ସାଂସଦ ପ୍ରତିନିଧି ସଞ୍ଜୟ ସରକାର ଉପସ୍ଥିତ ଥିଲେ । ଏହି ଅବସରରେ ମାଲ୍ୟବନ୍ତ ମହୋତ୍ସବ ପୋଷ୍ଟର ଉନ୍ମୋଚନ କରାଯାଇଛି । ଭୈରବ ମନ୍ଦିର ଠାରେ କଳସ ପୂଜନ ଓ କଳସ ଶୋଭାଯାତ୍ରା ଆୟୋଜନ କରାଯାଇଥିଲା । ଭୈରବ ମନ୍ଦିରରୁ କଳସ ଶୋଭାଯାତ୍ରାରେ ନାଚଗୀତ ମାଧ୍ୟମରେ ସ୍ଥାନୀୟ ଜଗନ୍ନାଥ ମନ୍ଦିରକୁ ନିଆଯାଇଥିଲା । କଳସକୁ ପୂଜାର୍ଚ୍ଚନା କରି ଜଗନ୍ନାଥ ମନ୍ଦିରରେ କଳସ ଗୁଡ଼ିକୁ ରଖାଯାଇଛି । ସୂଚନା ଥାଉ କି, ମାଲ୍ୟବନ୍ତ ମହୋତ୍ସବ ଡିସେମ୍ବର ୧୪ରୁ୧୮ ତାରିଖ ପର୍ଯ୍ୟନ୍ତ ପାଳନ ହେବ । ଏହି ଅବସରରେ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରମିଳା ମାଝୀ, ଜିଲ୍ଲା ସଂସ୍କୃତି ଅଧିକାରୀ ସନ୍ତ୍ରାସ ନାରାୟଣ ପଣ୍ଡା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନିର୍ମଳ ଧାରୁଆଙ୍କ ସମେତ ବିଡିଓ, ତହସିଲଦାର, ଜନ ପ୍ରତିନିଧି ଓ ମହୋତ୍ସବ କମିଟିର ସଦସ୍ୟ ଉପସ୍ଥିତ ଥିଲେ । ଏହି ଶୋଭାଯାତ୍ରା ନିମନ୍ତେ ସ୍ଥାନୀୟ ସିଡିପିଓ ଶ୍ରୀମତୀ ରେଖା ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ର ମାଆ ମାନେ ପୂଜାର୍ଚ୍ଚନା ଓ ରଙ୍ଗୋଲି ଦାୟିତ୍ୱ ନିର୍ବାହ କରିଥିଲେ । ପୌର ପରିଷଦ ନିର୍ବାହୀ ଅଧିକାରୀ ରାଜୀବ ଲୋଚନ ନାୟକ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥାର ପ୍ରସ୍ତୁତି ଓ ତଦାରଖ କରିଥିଲେ । ଏହି ଶୋଭାଯାତ୍ରାରେ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା, କଲେଜ ଛାତ୍ରଛାତ୍ରୀ ଓ ସ୍ଥାନୀୟ ଜନ ସାଧାରଣ ଭାଗ ନେଇଥିଲେ ।

# ଲିଙ୍ଗଭିତ୍ତିକ ହିଂସା ବିରୁଦ୍ଧରେ ସଚେତନତା କାର୍ଯ୍ୟକ୍ରମ

**ଭଦ୍ରକ:** ମହିଳା ଓ ଶିଶୁ ବିକାଶ ବିଭାଗ, ଓଡିଶା ସରକାର ଓ ଆସିୟାନା ଫେଲୋସିପ୍‌ର ମିଳିତ ଆନୁକୂଲ୍ୟରେ ପୁରୁଣାବଜାର ସ୍ଥିତ ନାରାୟଣ ଚନ୍ଦ୍ର ହାଇସ୍କୁଲ ସଭାଗୃହରେ ଫେଲୋସିପର ସଂପାଦକ ବରିଷ୍ଠ ସମାଜସେବୀ ଏସ.ଏମ. ଫାରୁକଙ୍କ ସଭାପତିତ୍ୱରେ ଲିଙ୍ଗ ଭିତିକ ହିଂସା ବିରୁଦ୍ଧରେ ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ସର୍ବଶିକ୍ଷା ଅଭିଯାନର ବାଳିକା ସଂଯୋଜକ ଇପ୍‌ସିତା ଯେନା ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବେ ପ୍ରିୟଙ୍କା ପ୍ରିୟଦର୍ଶନୀ ବେହେରା, ଏ.ମ ବ୍ରେକ ଥ୍ରୋ ସାମାଜିକ ସଂଗଠନ ଭୁବନେଶ୍ୱର, ନିତ୍ୟାନନ୍ଦ ରାଉତ ଭାରପ୍ରାପ୍ତ ପ୍ରଧାନ ଶିକ୍ଷା, ସମ୍ମାନିତ ଅତିଥି ଭାବେ ଶିକ୍ଷୟିତ୍ରୀ ସରସ୍ୱତୀ ନାୟିକା, ଶିକ୍ଷକ ସେକ୍ ସରିଫ୍, ସେକ୍ ମହମ୍ମଦ ହାଫିଜୁଦ୍ଦିନ୍, ସଖି ୱାନ ଷ୍ଟପ ସେଂଟରର କେସ୍ ୱାର୍କର ପ୍ରିୟଙ୍କା ପ୍ରିୟଦର୍ଶନୀ, ମିର୍ଜାପୁର ଅଙ୍ଗନୱାଡ଼ୀ କର୍ମୀ ରେସମା ଖାତୁନ ପ୍ରମୁଖ ଯୋଗଦେଇ ସକାରାତ୍ମକ ପୁରୁଷତ୍ୱକୁ ପ୍ରୋତ୍ସାହିତ କରିବାସହ ଗୁରୁତ୍ୱରୋପ କରି ନାରୀ ଓ ପୁରୁଷ ସମ୍ମାନତା ଉପରେ ଆଲୋକପାତ କରିଥିଲେ । ସ୍ୱାଗତ ଭାଷଣ ଫେଲୋସିପ୍ ଶକ୍ତିସଦନର ସୁପରିଟେଣ୍ଡେଣ୍ଟ ଯୋଗମାୟା ଚାନ୍ଦ ଦେଇଥିବାବେଳେ ଆସିୟାନାର ସଂଯୋଗକ ରିଆଜ ଅହମ୍ମଦ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଏନ.ସି. ହାଇସ୍କୁଲର ଛାତ୍ରଛାତ୍ରୀ ଏବଂ ମିର୍ଜାପୁର ୨୩ନମ୍ବର ୱାର୍ଡର କିଶୋରୀ ମାନେ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ଫେଲୋସିପର ମୁସ୍ତରୀ ବେଗମ ଓ ଜ୍ୟୋତି ରଂଜନ ନାୟକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

# ସାମ୍ବାଦିକଙ୍କୁ ଆକ୍ରମଣ ଘଟଣାରେ ବନ୍ଧାହେବେ ଅଧକ୍ଷ ଓ ଅଧିକାରୀ



**ବ୍ରହ୍ମପୁର(ମାନିସ):** ଗଞ୍ଜାମ ଜିଲ୍ଲା କୋଦଲା ଏନଏସି ରେ ଟେଣ୍ଡର ଫିକ୍ସିଂ କୁ ପ୍ରତିବାଦ କରିବାରୁ ୧୧ ନଂ ୱାର୍ଡ କାଉନ୍ସିଲର ତଥା ଓଡିଶା ଏକ୍ସପ୍ରେସ ର ସାମ୍ବାଦିକ ଭଗବାନ ପାଢୀଙ୍କୁ ଗତ ୨୮ ତାରିଖ ଦିନ ଏନଏସି କାର୍ଯ୍ୟାଳୟ ପରିସରେ

**ପ୍ରମାଣ ନଷ୍ଟ ପାଇଁ କାର୍ଯ୍ୟାଳୟ ରୁ ସିସି ଟିଭି ଫୁଟେଜ ଗାଏବ**

କୋଦଲା ଏନଏସି ଅଧକ୍ଷ ସୂର୍ଯ୍ୟ ନାରାୟଣ ନାୟକ ଙ୍କ ନିର୍ଦ୍ଦେଶରେ କାର୍ଯ୍ୟ ନିର୍ବାହୀ ଅଧିକାରୀ କୃଷ୍ଣ ଚନ୍ଦ୍ର ରଥ ଙ୍କ ଉପସ୍ଥିତି ରେ ଭଡାଟିଆ ଗୁଣ୍ଡା ଲଗାଇ ଶ୍ରୀ ପାଢ଼ୀ ଙ୍କୁ ମରଣାନ୍ତକ ମାଡ଼ ମାରି ଗୋଡ଼ ଓ ହାତର ଆଙ୍ଗୁଠି ଭାଙ୍ଗିଦେଇଥିବା ବେଳେ ତାଙ୍କ ବେକରୁ ପିନ୍ଧିଥିବା ସୁନା ଚେନ ଛଡାଇ ନେଇ ଯାଇଥିବା ଘଟଣା ଗତ କାଲି ଭଗବାନ ପାଢ଼ୀ କୋଦଳା ଥାନାରେ ଏତଲା ଦେଇଥିଲେ । ଜଣେ ସାମ୍ବାଦିକ ଙ୍କୁ ମରଣାନ୍ତକ ମାଡ଼ ମାରିବା ପ୍ରତିବାଦ ରେ ଗଞ୍ଜାମ ଜିଲ୍ଲାର ବିଭିନ୍ନ ଅଞ୍ଚଳ ରୁ ୬୦ ରୁ ଊର୍ଦ୍ଧ୍ୱ ସାମ୍ବାଦିକ କୋଦଳା ରେ ପହଞ୍ଚି ଥାନା ଅଧିକାରୀ ଙ୍କୁ ସାକ୍ଷାତ କରି ଅଭିଯୁକ୍ତଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ନିବେଦନ କରିବା ପରେ ସାମ୍ବାଦିକ ତଥା କାଉନ୍ସିଲର ଶ୍ରୀ ପାଢ଼ୀ ଙ୍କ ଏତଲା କୁ ଭିତ୍ତି କରି କୋଦଲା ଥାନା କେସ ନଂ ୭୮୪/ ୨୫ ପ୍ରକାରେ ଅଭିଯୁକ୍ତ ଙ୍କ ବିରୁଦ୍ଧରେ ଭାରତୀୟ ନ୍ୟାୟ ସଂହିତା ଧାରା ୧୨୬(୨),୨୯୬/୧୧୫(୨),/୧୧୭(୨), /୧୦୯(୧)./୩୦୩(୨)/ ୩୫୧(୨).ଏବଂ ବିଏନଏସ ୩(୫) ରେ ମାମଲା ରୁଜୁ ହୋଇଛି । ତେବେ ହେଲେ ଅଧକ୍ଷ, ଅଧିକାରୀ ଓ ଅନ୍ୟ ୨ଜଣ ଅଭିଯୁକ୍ତ ଙ୍କୁ ତୁରନ୍ତ ଗିରଫ କରିବା ପାଇଁ ସାମ୍ବାଦିକ ମାନଙ୍କ ପକ୍ଷରୁ ଦାବୀ କରାଯାଇଛି । ଅନ୍ୟ ପକ୍ଷରେ ସାମ୍ବାଦିକ ଭଗବାନ ପାଢୀଙ୍କୁ ଆକ୍ରମଣ ବେଳର ସିସିଟିଭି ଫୁଟେଜ କାର୍ଯ୍ୟାଳୟ ରୁ ଗାଏବ୍ ହୋଇ ଯାଇଥିବା ଏକ ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି । ଟେଣ୍ଡର ପ୍ରକ୍ରିୟା ଚାଲିଥିବା ବେଳେ ସେ ସମୟର ସସିଟିଭି ଫୁଟେଜ ଗାଏବ୍ ହେଲା କିପରି ତାକୁ ନେଇ ପ୍ରଶ୍ନ ଉଠିଛି । କୋଦଲା ଏନଏସି ରେ ବିଭିନ୍ନ ଯୋଜନାରେ ସରକାରୀ ଅର୍ଥ ହରିଲୁଟ୍ ହେଉଛି । ସୁଚିନ୍ତିତ ଷଡଯନ୍ତ୍ର କରି ପ୍ରମାଣ ନଷ୍ଟ କରା ଯାଉଛି ।

# ଅଜଣା ବ୍ୟକ୍ତିଙ୍କ ଝୁଲନ୍ତା ଶବ ଉଦ୍ଧାର

**ଜୟପୁର:** ଆଜି ଜୟପୁର ଆମ୍ବାଗୁଡା ପୁଲିସ ପକ୍ଷରୁ ଏକ ଝୁଲନ୍ତା ଶବ ଉଦ୍ଧାର କରାଯାଇଛି । ମୃତ ବ୍ୟକ୍ତିର ପରିଚୟ ମିଳିନଥିବା ଜୟପୁର ସଦର ପୁଲିସ ପ୍ରକାଶ କରିଛି । ମିଳିଥିବା ସୂଚନା ଅନୁଯାୟୀ, ଆଜି ସକାଳୁ ରାବାଣାଗୁଡା ଡାକ୍ତରଖାନାରେ କାର୍ଯ୍ୟରତ ୱାଚମ୍ୟାନ ସଞ୍ଜୟ ହରିଜନ ପଛପଟ ଏକ ଜଙ୍ଗଲରେ ଏକ ମୃତଦେହ ଝୁଲୁଥିବା ଦେଖି ଆମ୍ବାଗୁଡା ପୁଲିସକୁ ଫୋନ କରିଥିଲେ । ଘଟଣାସ୍ଥଳରେ ଆମ୍ବାଗୁଡା ଫାଣ୍ଡି ପୁଲିସ ଏବଂ ସଦରଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ପହଁଚି ଶବଟିକୁ ଉଦ୍ଧାର କରିବା ସହ ଏ ସଂକ୍ରାନ୍ତରେ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି । ମୃତକଙ୍କ ପରିଚୟ ଏବଂ ମୃତ୍ୟୁର କାରଣ ନେଇ ତଦନ୍ତ ଆରମ୍ଭ କରିଛି ପୁଲିସ ।

# ଜାତୀୟ ରାଜପଥ ଗୋପ ଛକରୁ ବ୍ୟବସାୟୀଙ୍କୁ ଉଚ୍ଛେଦ

**କେନ୍ଦ୍ରାପଡା:** ଚଣ୍ଡିଖୋଲ-ପାରାଦ୍ୱୀପ ଜାତୀୟ ରାଜପଥ ଗୋପ ଛକରୁ ବ୍ୟବସାୟୀଙ୍କୁ ଉଚ୍ଛେଦ କରାଯାଇଛି । ଜିଲ୍ଲାର ଅନ୍ୟତମ ବରିଷ୍ଠ ପରିବାହକ ଭାବେ ପରିଚିତ ଗୋପ ହାଟର ଶହ ଶହ ବ୍ୟବସାୟୀ ଜାତୀୟ ରାଜପଥ ଉପରେ ବସି ବ୍ୟବସାୟ କରି ଆସୁଥିଲେ । ଯାହା ଫଳରେ ଜାତୀୟ ରାଜ ପଥରେ ଯାତାୟତ କରୁଥିବା ବଡ ବଡ ଆଇରନ ଟ୍ରକ, ଟ୍ୟାଙ୍କର ଏବଂ ପାରାଦ୍ୱୀପ ପୋର୍ଟକୁ ନେଇ ଯାଉଥିବା ସାମଗ୍ରୀ ଗୁଡିକୁ ଗାଡି ଚଳାଚଳାରେ ଘୋର ଅସୁବିଧାର ସମ୍ମୁଖୀନ ହେଉଥିଲା । ଏଥି ସହିତ ଅନେକ ସମୟରେ ଦୁର୍ଘଟଣା ଘଟି ଲୋକ ଆହତ ହେବା ସହ ପ୍ରାଣ ହରାଉଥିଲେ । ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ରବିବାର ସକାଳେ ପୋଲିସ ସହାୟତା ଓ ଡାକବାଜି ଯନ୍ତ୍ର ଯୋଗୁଁ ବ୍ୟବସାୟୀ ମାନଙ୍କୁ ଜାତୀୟ ରାଜପଥରୁ ହଟାଯାଇ ବଜାର କମିଟି ଦ୍ୱାରା ନିର୍ମାଣ କରାଯାଇଥିବା ହାଟ ଭିତରକୁ ପଠାଯାଇଛି । ଏଥି ସହିତ ଜାତୀୟ ରାଜପଥରେ ଛିଡା କରୁଥିବା ଟ୍ରକ ଗୁଡିକୁ ମଧ୍ୟ ସେଠାରୁ ହଟା ଯାଇଛି । ବ୍ୟବସାୟୀ ମାନେ ଜାତୀୟ ରାଜପଥକୁ ମାଡି ବ୍ୟବସାୟ କରୁଥିବାରୁ ଯାତାୟତ କରୁଥିବା ଟ୍ରକ ଆମ୍ବୁଲାନ୍ସ, ଦମକଳ ଗୁଡିକ ଘଂଟା ଘଂଟା ଧରି ଛିଡାହୋଇ ରହୁଥିବାରୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଥିଲା ।

**ରାତିଅଧ ଯାଏ ପବ୍‌ରେ ଚାଲିଥିଲା ନାଚ ଗୀତ**

# ପୋଲିସର ଚଢ଼ଉ, ଧାଇଁଲେ ଗ୍ରାହକ

**ବାର୍‌ରେ ବାଜୁଥିବା ବିକଟାଳ ମ୍ୟୁଜିକ୍ ସାଉଣ୍ଡ ଯୋଗୁ ସ୍ଥାନୀୟ ବାସିନ୍ଦା ଅତିଷ୍ଠ ହୋଇ ପଡ଼ିଥିଲେ । ସେମାନଙ୍କ ଅଭିଯୋଗକ୍ରମେ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ପୁଲିସ ସେଠାରେ ଚଢ଼ଉ କରିଥିଲା ।**



**ଭୁବନେଶ୍ୱର:** ସହିଦ୍ ନଗର ସତସଙ୍ଗ ବିହାର ନିକଟରେ ଥିବା ପବ୍‌ରେ ବିଳମ୍ବିତ ରାତି ଯାଏ ଚାଲିଥିଲା ନାଚ ଗୀତ । ନାକେ ଯାଏ ପିଇକି ଝୁମୁଥିଲେ ଗ୍ରାହକ । ହଠାତ୍ ପହଞ୍ଚିଲା ପୁଲିସ । ପବ୍ ବନ୍ଦ କରିବାକୁ କର୍ତ୍ତୃପକ୍ଷଙ୍କୁ ତାଗିଦ କଲା । ଆଉ ଖାକି ପୋଷାକକୁ ଦେଖି ଗ୍ରାହକ ପବ୍ ବାହାରକୁ ଧାଇଁଲେ । କିଛି ଗ୍ରାହକ ପାର୍କିଂ ସ୍ଥଳରେ ଗାଡ଼ି ଛାଡ଼ି ସିଧା ଘରକୁ ପଳାଇଥିଲେ ।

ସତସଙ୍ଗ ବିହାରର ଠିକ୍ ବିପରୀତ ଦିଗରେ ଥିବା 'ଭକ୍ସ ପପ୍' ଉପରେ ସହିଦ ନଗର ଥାନା ପୁଲିସ ଚଢ଼ଉ ବେଳେ ଏଭଳି ଦୃଶ୍ୟ ସାମ୍ନାକୁ ଆସିଛି । ପବ୍ ଖୋଲା ରଖିବା ପାଇଁ ଧାର୍ଯ୍ୟ ସମୟ ହେଉଛି ରାତି ୧୨ଟା । କିନ୍ତୁ ଉକ୍ତ ବାର୍ଟି ବିଳମ୍ବିତ ରାତି ଯାଏ ଖୋଲା ରହୁଥିଲା । ବାର୍‌ରେ ବାଜୁଥିବା ବିକଟାଳ ମ୍ୟୁଜିକ୍ ସାଉଣ୍ଡ ଯୋଗୁ ସ୍ଥାନୀୟ ବାସିନ୍ଦା ଅତିଷ୍ଠ ହୋଇ ପଡ଼ିଥିଲେ । ସେମାନଙ୍କ ଅଭିଯୋଗକ୍ରମେ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ପୁଲିସ ସେଠାରେ ଚଢ଼ଉ କରିଥିଲା । ସେତେବେଳେ ପବ୍ରେ ପ୍ରାୟ ୫୦ରୁ ଅଧିକ ଗ୍ରାହକ ଥିଲେ । ଅଧିକାଂଶ ଯୁବପିଢ଼ି । ପୁଲିସ ଉକ୍ତ ପବ୍‌କୁ ସିଲ୍ କରିଛି । ସେପଟେ ପୁଲିସର ସୁପାରିଶ ପରେ ଅବକାରୀ ଟିମ୍ ସିରିଅସ ରେଗୁଲାରିଟି ରିପୋର୍ଟ (ଏସ୍ଆଇଆର) ମୁତାବକ, ଉକ୍ତ ପବ୍ ଉପରେ ଜରିମାନା କଷିଛି ।

# କେନ୍ଦ୍ରାପଡା ଜିଲ୍ଲା ଆର୍ଟିଷ୍ଟ ଆସୋସିଏସନର ବୈଠକ

**କେନ୍ଦ୍ରାପଡା:** କେନ୍ଦ୍ରାପଡ଼ା ଜିଲ୍ଲା ଆର୍ଟିଷ୍ଟ ଆସୋସିଏସନର ଏକ ବୈଠକ ଇଚ୍ଛାପୁର ବାରଙ୍ଗେଇପୀଠ ନିକଟ ପଡ଼ିଆରେ ରବିବାର ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବରିଷ୍ଠ ମୂର୍ତ୍ତି ଏବଂ ଚିତ୍ରଶିଳ୍ପୀ ଲଙ୍ଗୁଳି ଚରଣ ବେହେରା ସଭାପତିତ୍ୱ କରିଥିଲେ । କେନ୍ଦ୍ରାପଡ଼ା ସହରର ବରିଷ୍ଠ ଚିତ୍ରଶିଳ୍ପୀ ରଞ୍ଜନ କୁମାର ସାହୁ, ରତ୍ନାକର ସାହୁ, ପଟ୍ଟାମୁଣ୍ଡାଇର ବରିଷ୍ଠ ଚିତ୍ରଶିଳ୍ପୀ ସଂଜୀବ କୁମାର କର, ଚିତ୍ରଶିଳ୍ପୀ ବିଚିତ୍ରାନନ୍ଦ ବେହେରା, ଚିତ୍ରଶିକ୍ଷକ ହିମାଂଶୁ ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଅଣ ପଞ୍ଜିକୃତ ଚିତ୍ରଶିଳ୍ପୀ, ସଙ୍ଗୀତ ଓ ନୃତ୍ୟ ଶିଳ୍ପୀ, ମୂର୍ତ୍ତି ଶିଳ୍ପୀଙ୍କ ସମସ୍ୟା ଏବଂ ଉନ୍ନତି ସମ୍ପର୍କରେ ଆଲୋଚନା କରିଥିଲେ । ଅଣପଞ୍ଜିକୃତ ଶିଳ୍ପୀମାନଙ୍କ ଉନ୍ନତି ପାଇଁ ଜିଲ୍ଲା ଆର୍ଟିଷ୍ଟ ଆସୋସିଏସନ ପକ୍ଷରୁ ସରକାରଙ୍କ ନିକଟରେ ଦାବୀ ଉପସ୍ଥାପନ କରିବାକୁ ନିଷ୍ପତ୍ତି ନିଆଯାଇଛି । ସଂଗଠନକୁ ସୁଦୃଢ଼ କରିବା ପାଇଁ ଜିଲ୍ଲାର ବିଭିନ୍ନ ବ୍ଲକରେ ବୈଠକ କରାଯାଇ ତା' ପରେ ଜିଲ୍ଲାସ୍ତରୀୟ ମହୋତ୍ସବ ଆୟୋଜନ କରିବାକୁ ସ୍ଥିର କରାଯାଇଥିଲା ।

# ଚିକିତ୍ସା ଅବହେଳାରୁ ପ୍ରସୂତିଙ୍କ ମୃତ୍ୟୁ ଅଭିଯୋଗ



**କେନ୍ଦୁଝର:** କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପ୍ରସୂତିଙ୍କ ମୃତ୍ୟୁ ପରେ ଉତ୍ତେଜନା । ଚିକିତ୍ସା ଅବହେଳାକୁ ଦାୟୀ କଲେ ପରିବାର ଲୋକ । ସୂଚନା ମୁତାବକ, ଗତକାଲି ସକାଳ ତୁରୁମୁଙ୍ଗାର ପିଙ୍କି ସାହୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ । ସଂଧ୍ୟାରେ ଅପରେସନ ପରେ ଏକ କନ୍ୟା ସନ୍ତାନକୁ ଜନ୍ମ ଦେଇଥିଲେ । ହେଲେ ପରେ ରାତି ୧୨ଟା ବେଳକୁ ତାଙ୍କର ପ୍ରବଳ ଯନ୍ତ୍ରଣା ଆରମ୍ଭ ହେଇଥିଲା । ସେତେବେଳେ ନର୍ସ ଡାକ୍ତରଙ୍କୁ ବାରମ୍ବାର ଯୋଗାଯୋଗ କରିଥିଲେ ବି ଡାକ୍ତର ନ ଆସିବାରୁ ନର୍ସ ଏକ ଇଞ୍ଜେକ୍ସନ ଦେଇଥିଲେ । ଯାହାପରେ ରାତି ୨ ଟାରେ ପ୍ରସୂତୀଙ୍କ ମୃତ୍ୟୁ ହୋଇଥିବା ବେଳେ ନର୍ସ ତାଙ୍କୁ ଏକ ମୃତ୍ୟୁ ପ୍ରମାଣପତ୍ର ପ୍ରଦାନ କରିଥିଲେ । ହେଲେ ସେଥିରେ ଡାକ୍ତରଙ୍କ ଦସ୍ତଖତ ନଥିବା ନେଇ ସନ୍ଦେହ ସୃଷ୍ଟି ହୋଇଛି । ତେଣୁ ଡ଼ାକ୍ତର ନ ଆସିବା ଯାଏଁ ମୃତଦେହ ସେଠାରେ ପଡି ରଖିବା ନେଇ ପରିବାର ଲୋକ ଜିଦ୍ ଧରି ବସିଛନ୍ତି ।

# ଶ୍ରୀଧାମ କଲଚରାଲ ଟ୍ରଷ୍ଟର ତୃତୀୟ ବାର୍ଷିକୋତ୍ସବ

**ପୁରୀ:** "କଳା ଓ ସାହିତ୍ୟ ଆମ ସଂସ୍କୃତିର ଆତ୍ମା । ଆତ୍ମା ବିନା ଯେମିତି ଶରୀର ପଥର ସେମିତି ନୃତ୍ୟ, ଗୀତ, କଳା ଓ ସାହିତ୍ୟ ବିନା ଆମ ଦୁନିଆ ଶୁଷ୍କ ଓ ନିରସ" ବୋଲି



ଗତକାଲି ପୁରୀ ଶ୍ରୀଧାମ କଲଚରାଲ ଏକାଡେମୀ ଟ୍ରଷ୍ଟର ତୃତୀୟ ବାର୍ଷିକୋତ୍ସବ ଓ ଡ୍ୟାନ୍ସ ପୁରୀ ଡ୍ୟାନ୍ସ ପ୍ରତିଯୋଗୀତାକୁ ଅନ୍ନପୂର୍ଣ୍ଣା ରଙ୍ଗମଂଚ ଏବଂ ଭକ୍ତ ସାଲବେଗ ପୀଠଠାରେ ଉଦ୍‌ଘାଟନ କରି କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)ର ପ୍ରାକ୍ତନ ଉପ ଆଇନ୍ ପରାମର୍ଶଦାତା ଶ୍ରୀମତୀ ରାଜଶ୍ରୀ ମହାପାତ୍ର ମତବ୍ୟକ୍ତ କରିଛନ୍ତି । "ପୁରୀ ଆମ ଓଡ଼ିଶାର ପ୍ରାଣକେନ୍ଦ୍ର । ଆମ ସଂସ୍କୃତି ହିଁ ଆମ ଅସ୍ମିତା, ଆମ ପରିଚୟ । ଏଥିପାଇଁ ସଂସ୍କୃତିର ସୁରକ୍ଷା ପାଇଁ ପୁରୀବାସୀଙ୍କ ଦାୟିତ୍ୱ ଅଧିକ" ବୋଲି ଶ୍ରୀମତୀ ମହାପାତ୍ର କୃତୀ ପ୍ରତିଯୋଗୀମାନଙ୍କୁ ମୁଖ୍ୟ ଅତିଥିଭାବେ ପୁରସ୍କାର ପ୍ରଦାନକରି କହିଛନ୍ତି । ଏହି ଉତ୍ସବରେ ପୂର୍ବତନ ନଗରପାଳ ଗୌରହରି ପ୍ରଧାନ, ଓଜେପିର ରାଜ୍ୟ ଉପସଭାପତି ତଥା ସମାଜସେବୀ ସଂଜୀବ କୁମାର ମହାପାତ୍ର ଆଇନଜ୍ଞ ଧୀରେନ୍ ରାୟ, ଆଇନଜ୍ଞ ରଚିତା ରାଉତରାୟ ସମ୍ମାନିତ ଅତିଥିଭାବେ ଯୋଗଦାନ କରି କଳା ଓ ସଂସ୍କୃତି ଉପରେ ଆଲୋକପାତ କରିଥିଲେ । ଟ୍ରଷ୍ଟର ସମ୍ପାଦିକା ବନିତା ବାରିକ ବାର୍ଷିକ ବିବରଣୀ ପାଠ କରିଥିଲାବେଳେ ସଂଯୋଜକ ସନ୍ତୋଷ କୁମାର ବାରିକ ମଂଚ ପରିଚାଳନା କରିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମ ଡ୍ୟାନ୍ସ ପୁରୀ ଡ୍ୟାନ୍ସ ଅନୁଷ୍ଠିତ ହୋଇଥିଲା ।

# ରାସ୍ତା ଜାମ୍ କରି ଚାଲିଛି ବ୍ୟବସାୟ, ପ୍ରଶାସନ ନିରବ

**କେନ୍ଦ୍ରାପଡା:** କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଟ୍ରାଫିକ ସମସ୍ୟା ଗୁରୁତର ହେଉଥିବା ବେଳେ ଜିଲ୍ଲା ପ୍ରଶାସନ ନିରବଦ୍ରଷ୍ଟା ସାଜିଥିବାରୁ ଜନସାଧାରଣ ଗାଡି ଚାଳକ ଓ ପଥଚାରୀ ମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସହରର ଗୁରୁତ୍ୱପୂର୍ଣ୍ଣ ତିନିମୁହାଣୀ ଫାଣ୍ଡି ସମ୍ମୁଖରେ ଟ୍ରାଫିକ ସମସ୍ୟା ଗୁରୁତର ହେବାରେ ଲଗିଛି । ରାସ୍ତା କଡରେ ଥିବା ମାଛ ଓ ମାଂସ ଦୋକାନରୁ କିଣିବା ପାଇଁ ଆସୁଥିବା ବ୍ୟକ୍ତିମାନେ ରାସ୍ତା ଉପରେ ନିଜ ନିଜ ବାଇକ ରଖି ଦେଉଥିବାରୁ ତିନିମୁହାଣୀ ପଟ୍ଟାମୁଣ୍ଡାଇ ରାଜ୍ୟ ରାଜପଥ ସଂପୂର୍ଣ୍ଣ ବନ୍ଦ ହୋଇ ଯାଉଛି, ଏପରିକି ବଡବଡ ଭାରୀଯାନ ଗୁଡିକ ଦୀର୍ଘ ସମୟ ଅଟକି ରହି ହର୍ଣ୍ଣ ଦେଉଥିଲେ ମଧ୍ୟ କେହି ରାସ୍ତା ଛାଡୁ ନାହାଁନ୍ତି । ଏହି ରାସ୍ତାରେ ଦୈନିକ ହଜାର ହଜାର ସଂଖ୍ୟାର ଭାରୀଯାନ ଓ ଲଘୁଯାନ ଯାତାୟତ କରୁଥିବା ବେଳେ ଟ୍ରାଫିକ ସମସ୍ୟା ଗୁରୁତର ହେବାରେ ଲାଗିଛି । ବିଶେଷ କରି ଛୁଟି ଦିନ ମାନଙ୍କରେ ଏହି ସମସ୍ୟା ଗୁରୁତର ରୂପ ଧାରଣ କରୁଛି । ତୁରନ୍ତ ଏହି ସମସ୍ୟାର ସମାଧାନ କରିବା ପାଇଁ ସାଧାରଣରେ ଦାବି ହେଉଛି ।

# ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ମେଧାବୀ ମାଟ୍ରିକ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା




**ଯୋଡ଼ା:** ଜିନ୍ଦଲ ଷ୍ଟିଲର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ବଡ଼ବିଲ ପେଲେଟ ପ୍ଲାଣ୍ଟ ପାରିପାର୍ଶ୍ୱିକ ଅଞ୍ଚଳରେ ଅବସ୍ଥିତ ସ୍କୁଲଗୁଡ଼ିକର ୬୦ ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ମେଧାବୀ ମାଟ୍ରିକ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଏହା ସହିତ ଗୋଷ୍ଠୀ ଶିକ୍ଷା ସ୍ୱେଚ୍ଛାସେବୀଙ୍କ ପାଇଁ ଏକ ତାଲିମ ଅଧିବେଶନ ମଧ୍ୟ ଅନୁଷ୍ଠିତ ହୋଇଥିଲା ।

ଜିନ୍ଦଲନଗର ମୁଭି ହଲରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବଡ଼ବିଲ ପେଲେଟ ପ୍ଲାଣ୍ଟ ୟୁନିଟ ହେଡ୍ ଶ୍ରୀ ପୁରୁଷୋତ୍ତମ ଏମ୍ ଡି., ଯୋଡ଼ା ବ୍ଲକ ଶିକ୍ଷା ଅଧିକାରୀ ଶ୍ରୀ କ୍ଷେତ୍ରମୋହନ ହାଁସଦା, ଯୋଡ଼ା ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ଶ୍ରୀ ବିରଞ୍ଚି ନାରାୟଣ ଶତପଥୀ, ଦେଓଝର ସରପଞ୍ଚ ଶ୍ରୀ ଧ୍ରୁବଚରଣ ନାଏକ, ପଞ୍ଚାୟତ ସମିତି ସଭ୍ୟ ଶ୍ରୀମତୀ ଲକ୍ଷ୍ମୀ ମୁଣ୍ଡା, ଜିନ୍ଦଲ ଷ୍ଟିଲ-ବିକେଟିଆର ସିଏସଆର ମୁଖ୍ୟ ଶ୍ରୀ ଭର୍ଜିଲ ଲାକ୍ରା ପ୍ରମୁଖ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଆଖପାଖ ସ୍କୁଲର ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅଭିଭାବକ ମଧ୍ୟ ଉପସ୍ଥିତ ଥିଲେ ।

ଧବଳେଶ୍ୱର ହାଇସ୍କୁଲର ୯ ଓ ବିଲେଇପଦା ହାଇସ୍କୁଲର ୨୭ଜଣ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯିବା ସହ ପୁରସ୍କାର ପ୍ରଦାନ କରାଯାଇଥିଲା । ଗୋଷ୍ଠୀ ଶିକ୍ଷା ସ୍ୱେଚ୍ଛାସେବୀଙ୍କ ତାଲିମ କାର୍ଯ୍ୟକ୍ରମରେ ୪୦ଜଣ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଥିଲେ । ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, କ୍ରୀଡ଼ା ଓ ସଂସ୍କୃତିର ବିକାଶ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ନିରନ୍ତର ଭାବେ ଚାଲିଛି । ପାରିପାର୍ଶ୍ୱିକ ସ୍କୁଲଗୁଡ଼ିକରେ ଶିକ୍ଷକ-ଛାତ୍ରଛାତ୍ରୀ ଅନୁପାତରେ ସନ୍ତୁଳନ ରଖିବା ପାଇଁ ଗୋଷ୍ଠୀ ଶିକ୍ଷା ସ୍ୱେଚ୍ଛାସେବୀ ନିଯୁକ୍ତ କରାଯାଇଛି । ଡ୍ରପ ଆଉଟ ରୋକିବା ପାଇଁ ଫାଉଣ୍ଡେସନ ପକ୍ଷରୁ ଗ୍ରାମାଞ୍ଚଳରେ ସଚେତନତା ପଦକ୍ଷେପ ନିଆଯାଉଛି । ଏହା ସହିତ ଆବଶ୍ୟକତା ଅନୁସାରେ ସ୍କୁଲର ଭିତ୍ତିଭୂମି ନିର୍ମାଣ ସହ ଶିକ୍ଷା ଓ ଶିକ୍ଷଣ ସାମଗ୍ରୀ ମଧ୍ୟ ପ୍ରଦାନ କରାଯାଉଛି ।

ମହିଳା ଶିକ୍ଷା ଓ ଦକ୍ଷତା ବିକାଶକୁ ମଧ୍ୟ ସ୍ୱତନ୍ତ୍ର ଭାବେ ପ୍ରୋତ୍ସାହିତ କରାଯାଉଛି । ୨୦୨୨ରୁ ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ଆରମ୍ଭ ହୋଇଥିବା "ଯଶସ୍ୱୀ" କାର୍ଯ୍ୟକ୍ରମ ଦ୍ୱାରା ଆର୍ଥିକ ଅନଗ୍ରସର ଛାତ୍ରୀ ଓ ମହିଳାମାନଙ୍କୁ ଶିକ୍ଷା ତଥା ଦକ୍ଷତା ବିକାଶ ପାଇଁ ଆର୍ଥିକ ସହାୟତା ଯୋଗାଇଦିଆଯାଉଛି ।

# ପୁରୀ ଜିଲ୍ଲାସ୍ତରୀୟ ଯୁବ ଉତ୍ସବ

**ପୁରୀ:** ପୁରୀ ଜିଲ୍ଲା ସ୍ତରୀୟ ଯୁବ ଉତ୍ସବ ଆଜି ଜିଲ୍ଲା ସ୍କୁଲ ଠାରେ ଅନୁଷ୍ଠିତ ହୋଇଥିଲା । ଏହାକୁ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଉଦଘାଟନ କରିବା ସହ ଯୁବବର୍ଗଙ୍କ ପ୍ରତିଭାର ଉନ୍ମେଷ ଦିଗରେ ଏହା ଏକ ସୁନ୍ଦର ପଦକ୍ଷେପ ବୋଲି କହିଥିଲେ । ପ୍ରତ୍ୟେକ ପିଲା ମଧ୍ୟରେ କିଛି ନା କିଛି ପ୍ରତିଭା ରହିଛି । ଏହାର ପରିପ୍ରକାଶ ପାଇଁ ଏହିଭଳି ପ୍ଲାଟଫର୍ମ ଉପଯୋଗୀ ସାବ୍ୟସ୍ତ ହୋଇଥାଏ ।ପିଲା ଉପରେ ବାପା ମା ଅଯଥା ଚାପ ନଦେଇ ତା' ଆଗ୍ରହର ଶିକ୍ଷା ଲାଭ ଦିଗରେ ସହାୟକ ହେଲେ ତାହା ଅଧିକ ଫଳପ୍ରଦ ହେବ ବୋଲି ସେ କହିଥିଲେ । ଅନ୍ୟତମ ଅତିଥି ଭାବେ ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା ଯୁବ ଉତ୍ସବ ମାଧ୍ୟମରେ ଯୁବବର୍ଗଙ୍କ ସ୍ୱପ୍ନ ଓ ଇଚ୍ଛାକୁ ପୂର୍ଣ୍ଣ କରିବାର ସୁଯୋଗ ରହିଥାଏ । ଆଜି ବିଭିନ୍ନ ବ୍ଲକ ଓ ସହରାଚଂଳରୁ ଚୟନ ହୋଇ ଆସିଥିବା ପ୍ରତିଯୋଗୀ ମାନଙ୍କ ମଧ୍ୟରେ ପ୍ରତିଯୋଗିତା ହୋଇ ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ରାଜ୍ୟ ସ୍ତରକୁ ପ୍ରେରଣ କରାଯିବ । ତେଣୁ ସମସ୍ତ ପ୍ରତିଯୋଗୀ ଯେକୌଣସି ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରଦର୍ଶନ ପ୍ରଦାନ କରିବାକୁ ସେ ଆହ୍ୱାନ ଦେଇଥିଲେ । କାର୍ଯ୍ୟକ୍ରମକୁ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ପରିଚାଳନା କରିଥିବା ବେଳେ ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ ସମସ୍ତଙ୍କୁ ସ୍ୱାଗତ ଓ ଯୁବ ଉତ୍ସବର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । କବିତା ରଚନାରେ ପୁରୀ ମୁନିସିପାଲଟିର ଆର୍ଯ୍ୟମାନ କର ପ୍ରଥମ, ପିପିଲି ଏନଏସିର ସ୍ୱର୍ଣ୍ଣଲତା ନାୟକ ଦ୍ୱିତୀୟ, ସତ୍ୟବାଦୀ ବ୍ଲକର ବବିତା ବାରିକ ତୃତୀୟ, ଗଳ୍ପ ରଚନାରେ କୋଣାର୍କ ଏନଏସିର ବୈଶାଖୀ ପ୍ରସାଦ ପ୍ରଥମ, ପୁରୀ ମୁନିସିପାଲଟିର ଚିନ୍ମୟୀ ପଣ୍ଡା ଦ୍ୱିତୀୟ, ସତ୍ୟବାଦୀ ବ୍ଲକ ର ବିଶ୍ୱ ସାହୁ ତୃତୀୟ, ବକ୍ତୃତାରେ ବ୍ରହ୍ମଗିରି ବ୍ଲକ ର ଅକ୍ଷୟ ପରିଡା ପ୍ରଥମ, ସତ୍ୟବାଦୀ ବ୍ଲକ ର ଅନ୍ନପୂର୍ଣ୍ଣା ରଥ ଦ୍ୱିତୀୟ, ପିପିଲି ବ୍ଲକ ର ଜସ୍ମିନ ନୂର ଆଂଚଲ ତୃତୀୟ, ଚିତ୍ରାଙ୍କନରେ ପୁରୀ ମୁନିସିପାଲଟିର ଅଭୟ ପଣ୍ଡା ପ୍ରଥମ, ବ୍ରହ୍ମଗିରି ବ୍ଲକର ଅଂଶୁମାନ ମହାନ୍ତି ଓ ସାଥୀ ତୃତୀୟ ଏବଂ ଲୋକ ନୃତ୍ୟରେ ପୁରୀ ସଦର ବ୍ଲକର ବର୍ଷା ପି ମହାରଣା ଓ ସାଥୀ ପ୍ରଥମ, ପୁରୀ ମୁନିସିପାଲଟି ର ସିପ୍ରା ମିଶ୍ର ଓ ସାଥୀ ଦ୍ୱିତୀୟ ଓ ଡେଲାଙ୍ଗ ବ୍ଲକ ର ମୌସୁମୀ ବେହେରା ଓ ସାଥୀ ତୃତୀୟ ସ୍ଥାନ ହାସଲ କରିଥିଲେ ।

# ଯୋଗ୍ୟ ହିତାଧିକାରୀଙ୍କ ପାଖରେ ପହଞ୍ଚି ପାରୁନି ଆଳୁ ବିହନ

**ଆଳୁ ବିଲରେ ରୋପଣ ନ ହୋଇ ଖୋଲାଖୋଲି ଦୋକାନ ବଜାରରେ ପରିବା ବେପାରୀମାନେ ଖାଉଟିଙ୍କୁ ୫ ରୁ ୧୦ ଟଙ୍କା ଶାଗ ମାଛ ଦରରେ ବିକ୍ରି କରୁଛନ୍ତି ।**



**ସାହାଜପାଲ:** ଓଡ଼ିଶା ସରକାର ଆଳୁ ପାଇଁ ବାହାର ରାଜ୍ୟ ପଶ୍ଚିମବଙ୍ଗ ଓ ଉତ୍ତରପ୍ରଦେଶ ଉପରେ ନିର୍ଭର ନ କରିବାକୁ ଆଳୁ ମିସନ ଆରମ୍ଭ କରିଛନ୍ତି । କିନ୍ତୁ ଅସାଧୁ ସରକାରୀ କର୍ମଚାରୀଙ୍କ ଅପାରଗତା ଯୋଗୁଁ ଯୋଗ୍ୟ ହିତାଧିକାରୀଙ୍କ ପାଖରେ ଆଳୁ ବିହନ ପହଞ୍ଚି ପାରୁନାହିଁ । ଏହାର ଉଦାହରଣ ବୌଦ୍ଧ ସଦର ବ୍ଲକ ଅଞ୍ଚଳରେ ସରକାରଙ୍କ ଉଦ୍ୟାନ ବିଭାଗ ପକ୍ଷରୁ ରବି ଋତୁରେ ପନିପରିବା ଚାଷ ଉପରେ କରାଯାଉଥିବା ଆଳୁ ମିସନ ଫେଲ୍ ମାରିଥିବା ଅଭିଯୋଗ ହୋଇଛି ।

ଉପଯୁକ୍ତ ଚାଷୀଙ୍କୁ ଉଦ୍ୟାନ ବିଭାଗ ଚିହ୍ନଟ ନ କରି ବେପାରୀଙ୍କ ହାତରେ ଟେକି ଦେଇ ଚୁପ ବସିଥିବା ଅଭିଯୋଗ ହୋଇଛି । ଫଳରେ ଆଳୁ ବିଲରେ ରୋପଣ ନ ହୋଇ ଖୋଲାଖୋଲି ଦୋକାନ ବଜାରରେ ପରିବା ବେପାରୀମାନେ ଖାଉଟିଙ୍କୁ ୫ ରୁ ୧୦ ଟଙ୍କା ଶାଗ ମାଛ ଦରରେ ବିକ୍ରି କରୁଛନ୍ତି । ସରକାରୀ ନିୟମ ଅନୁସାରେ ଆଳୁ ଚାଷୀ ସହଜ ଜନ ସେବା କେନ୍ଦ୍ରରେ ଆଧାର କାର୍ଡ ଓ ବ୍ୟାଙ୍କ ଆକାଉଣ୍ଟ ସହ ସଂଯୋଗ କରି ଆବେଦନ କରିବେ ।

ଆବେଦନ କରିଥିବା ଚାଷୀ ଆଳୁ ବିହନ କେଜି ପ୍ରତି ୨୦ ଟଙ୍କା ଉଦ୍ୟାନ କର୍ମଚାରୀଙ୍କ ପାଖରେ ପୈଠ କଲାପରେ ବିହନ ଯୋଗାଇ ଦିଆଯିବ । ଜମିରେ ରୋପଣ ପରେ ବିହନର ୫୦ ପ୍ରତିଶତ ରିହାତି ଟଙ୍କା କେଜି ପ୍ରତି ୧୦ ଟଙ୍କା ଚାଷୀର ବ୍ୟାଙ୍କ ଆକାଉଣ୍ଟକୁ ଫେରିବାର ବ୍ୟବସ୍ଥା ରହିଛି । ଚାଷୀ ନେତା ରଙ୍କନିଧି ସାହୁଙ୍କ କହିବା ଅନୁସାରେ ଉଦ୍ୟାନ ବିଭାଗ ପକ୍ଷରୁ ଯୋଗାଉଥିବା ଆଳୁ ବିହନ ଯୋଗାଇ ଦେବାକୁ ଥିବା କୌଣସି ସୂଚନା ଚାଷୀଙ୍କ ପାଖରେ ପହଞ୍ଚି ପାରୁନାହିଁ କି ଚାଷୀଙ୍କ ମଧ୍ୟରେ ଆଳୁ ବିହନ ପ୍ରତି ସଚେତନତା ସୃଷ୍ଟି କରାଯାଉନାହିଁ । ତେଣୁ ମିସନ ଫେଲ ମାରୁଛି ଓ ବିହନ ଦଲାଲଙ୍କ ହାତକୁ ଚାଲିଯାଉଛି ।

ଖବର ମୁତାବକ ବୌଦ୍ଧ ବ୍ଲକ ପାଇଁ ପର୍ଯ୍ୟାପ୍ତ ପରିମାଣର ଆଳୁ ବିହନ ମଧୁପୁର , ଗୁନ୍ଦୁଲିଆ, ପାଳସପାଟ, ସାହାଜପାଲ, ଗୁଡୁଗୁଡା ଆଦି ସ୍ଥାନରେ ଉଦ୍ୟାନ ବିଭାଗ ପକ୍ଷରୁ ଆଳୁ ବିହନ କେନ୍ଦ୍ର ଖୋଲି ଚାଷୀଙ୍କୁ ବିହନ ଯୋଗାଇ ଦିଆଯାଉଛି । କିନ୍ତୁ ଉକ୍ତ କେନ୍ଦ୍ରରେ ବିଭାଗର କୌଣସି କର୍ମଚାରୀ ଉପସ୍ଥିତ ରହୁନାହାନ୍ତି । କେନ୍ଦ୍ର ଦାୟିତ୍ୱରେ ଥିବା ବ୍ୟକ୍ତି ଚାଷୀର ବିନା ପ୍ରମାଣ ପତ୍ରରେ ବେପାରୀ ହେଉ କି ଖାଉଟି ଯେକେହି ବ୍ୟକ୍ତିଙ୍କୁ ଆଳୁ ବିହନ ପ୍ରଦାନ କରାଯାଉଥିବା ଅଭିଯୋଗ ହୋଇଛି ।

# ଓଡ଼ିଶା ଅମଲା ସଂଘ ନିର୍ବାଚନ ନିମନ୍ତେ ପ୍ରାର୍ଥିପତ୍ର ଦାଖଲ

**ଜୟପୁର:** ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା ପକ୍ଷରୁ ପୂର୍ବ ନିଷ୍ପତି ଅନୁଯାୟୀ ଆଜି ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖାର ନିର୍ବାଚନ ନିମନ୍ତେ ଜୟପୁର ଯାଦବ ଭବନ ଠାରେ ପ୍ରାର୍ଥୀପତ୍ର ଦାଖଲ କରିବା ନିମନ୍ତେ ସଂଘ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଥିଲା । ଏନେଇ ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା ସଭାପତି ଶଶୀଭୂଷଣ ଦାଶ୍ ଏକ ସାମ୍ବାଦିକ ସମ୍ମିଳନୀ କରି ସ୍ପଷ୍ଟ କରିଦେଇଥିଲେ । ସଂଘର ନିର୍ଦ୍ଦେଶନାମା ଅନୁଯାୟୀ ଆଜି ସକାଳ୧୦ଟା ସମୟରୁ ପ୍ରାର୍ଥୀପତ୍ର ଦାଖଲ ପ୍ରକ୍ରୀୟା ଆରମ୍ଭ ହୋଇଥିଲା । ସଭାପତି ପଦବୀ ନିମନ୍ତେ ଜଗନ୍ନାଥ ମାଝୀ ବରିଷ୍ଠ ସଦସ୍ୟ ଜଙ୍ଗଲ ବିଭାଗ, ସମ୍ପାଦକ ପଦବୀ ନିମନ୍ତେ ଗଜେନ୍ଦ୍ର ଚୌଧୁରି, ଶିକ୍ଷା ବିଭାଗ ଓ କୋଷାଧ୍ୟକ୍ଷ ପଦବୀ ନିମନ୍ତେ ନାଗେଶ୍ୱର ରାଓ ଶିକ୍ଷା ବିଭାଗ ପ୍ରାର୍ଥିପତ୍ର ଦାଖଲ କରିଥିବା ନିର୍ବାଚନ କମିଟି ଘୋଷଣା କରିଥିଲେ । ଉକ୍ତ ୩ ଜଣ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ନିର୍ବାଚନ କମିଟି ଘୋଷଣା କରିଥିଲେ ।

# ଓଡ଼ିଶାରେ ଲଗାତାର ପାନୀୟ ଜଳସଂକଟ ଏବଂ ଭୂତଳ ଜଳସ୍ତର ହ୍ରାସ ସମସ୍ୟାର ସମାଧାନ ପାଇଁ ଗ୍ରହଣ କରାଯାଉଛି ବିଭିନ୍ନ ପଦକ୍ଷେପ

**ନୂଆଦିଲ୍ଲୀ(ପିଆଇବି):** କେନ୍ଦ୍ର ଜଳଶକ୍ତି ରାଷ୍ଟ୍ରମନ୍ତ୍ରୀ ଭି. ସୋମନ୍ନା ଆଜି ରାଜ୍ୟସଭାରେ ଓଡ଼ିଶାରେ ପାନୀୟଜଳ ସଂକଟ ଏବଂ ଭୂତଳ ଜଳସମସ୍ୟାକୁ ନେଇ ଲିଖିତ ଉତ୍ତର ରଖିଛନ୍ତି । କେନ୍ଦ୍ରମନ୍ତ୍ରୀଙ୍କ ସୂଚନା ମୁତାବକ, ଅଗଷ୍ଟ ୨୦୧୯ ଠାରୁ, ଭାରତ ସରକାର ଦେଶର ପ୍ରତ୍ୟେକ ଗ୍ରାମାଞ୍ଚଳ ପରିବାରକୁ ନଳଯୋଗେ ଜଳ ଯୋଗାଣ ବ୍ୟବସ୍ଥା କରିବା ପାଇଁପଦକ୍ଷେପନେଇଛନ୍ତି । ଓଡ଼ିଶା ସମେତସବୁ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ସହିତ ସହଭାଗିତାରେ ଜଳ ଜୀବନ ମିଶନକାର୍ଯ୍ୟକାରୀ କରାଯାଉଛି । 'ପାନୀୟ ଜଳ'ଏକ ରାଜ୍ୟ ବିଷୟ, ତେଣୁ ମିଶନ ଅଧୀନରେ ପାନୀୟ ଜଳ ଯୋଗାଣ ଯୋଜନା ସମେତ ପାନୀୟ ଜଳ ଯୋଗାଣ ଯୋଜନାଗୁଡ଼ିକର ଯୋଜନା, ଅନୁମୋଦନ, କାର୍ଯ୍ୟାନ୍ୱୟନ, ପରିଚାଳନା ଏବଂ ରକ୍ଷଣାବେକ୍ଷଣ ଦାୟିତ୍ୱ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳ ସରକାରଙ୍କ ଉପରେ ନ୍ୟସ୍ତହୋଇଛି । ଭାରତ ସରକାର ବୈଷୟିକ ଏବଂ ଆର୍ଥିକ ସହାୟତା ପ୍ରଦାନ କରି ରାଜ୍ୟଗୁଡ଼ିକୁ ସମର୍ଥନ କରୁଛନ୍ତି।

ଓଡ଼ିଶା ସରକାରଙ୍କ ସୂଚନା ଅନୁଯାୟୀ, ସାରା ରାଜ୍ୟରେ ପାନୀୟ ଜଳ ଯୋଗାଣ ସ୍ଥିତି ନିରନ୍ତର ତଦାରଖ କରାଯାଉଛି। କ୍ଷେତ୍ର ମୂଲ୍ୟାୟନ ଏବଂ ରେକର୍ଡ ଆଧାରରେ, ଓଡ଼ିଶାର କିଛି ବ୍ଲକ ଦୀର୍ଘକାଳୀନ ପାନୀୟ ଜଳ ଅଭାବର ସମ୍ମୁଖୀନ ହେଉଥିବା ଚିହ୍ନଟ କରାଯାଇଛି ।ଏସବୁବ୍ଲକରେଭୂତଳ ଜଳ ହ୍ରାସ ସହିତଲୌହ, ଫ୍ଲୋରାଇଡ୍, ଲୁଣିଆ ଏବଂ ଜୀବାଣୁ ସମ୍ବନ୍ଧୀୟ ଅଶୁଦ୍ଧତା ସମେତ ଦୂଷିତ ଜଳ ଉତ୍ସ ଭଳି ସମସ୍ୟା ରହିଛି । ଏସବୁସମସ୍ୟାରମୁକାବିଲା କରିବା ଏବଂ ସମସ୍ତ ପ୍ରଭାବିତ ଜନବସତିକୁ ନିରାପଦ ଏବଂ ପର୍ଯ୍ୟାପ୍ତ ପାନୀୟ ଜଳ ସୁନିଶ୍ଚିତ କରିବା ପାଇଁଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ, ଭୂପୃଷ୍ଠ ଜଳ ଆଧାରିତ ମେଗା ପାଇପ୍ ଜଳ ଯୋଗାଣ ଯୋଜନା, ଏକକ ଗ୍ରାମ ଏବଂ ବହୁ-ଗ୍ରାମ ପାଇପ୍ ଜଳ ଯୋଗାଣ ପ୍ରକଳ୍ପ, ସୌରଶକ୍ତିଚାଳିତପାଇପ୍ ଜଳ ଯୋଗାଣ ପ୍ରକଳ୍ପ ଏବଂ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ସୌର ଡୁଆଲ୍ ପମ୍ପ ସ୍ଥାପନ, ଲୁହା ଅପସାରଣ ପ୍ଲାଣ୍ଟ ଏବଂ ଡି-ଫ୍ଲୋରାଇଡେସନ୍ ପ୍ଲାଣ୍ଟ ଭଳି ପଦକ୍ଷେପ ନେଇଛି । ଏସବୁପଦକ୍ଷେପରେ ଅନ୍ୟ ବିଭାଗମାନଙ୍କ ସହଯୋଗ ଗ୍ରହଣ କରାଯାଉଛି। ଏହାବ୍ୟତୀତ, ଗ୍ରୀଷ୍ମ ଋତୁରେ ପର୍ଯ୍ୟାପ୍ତ ଏବଂ ନିରାପଦ ପାନୀୟ ଜଳ ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ ଭୂତଳ ଜଳ ପୁନଃ ଭରଣା ବା ରିଚାର୍ଜ ଡାଆଁ ନିର୍ମାଣ, ଜଳାଶୟର ପୁନରୁଦ୍ଧାର ଏବଂ ବର୍ଷା ଜଳ ଅମଳ ଭଳି ଉତ୍ସ ସ୍ଥାୟୀତ୍ୱ ପଦକ୍ଷେପ ମଧ୍ୟ ଅନ୍ୟ ବିଭାଗମାନଙ୍କ ସହଯୋଗରେ ନିଆଯାଇଛି। ଓଡ଼ିଶା ରାଜ୍ୟ ସରକାରଙ୍କ ସୂଚନା ଅନୁଯାୟୀ, ଜମି ଅଧିଗ୍ରହଣ ସମସ୍ୟା, ଠିକାଦାରଙ୍କ ଅବହେଳା, ଏନଏଚ, ଏନଏଚଏଆଇ, ଆରଏଣ୍ଡବି, ଆରଡି, ଜଙ୍ଗଲ, ରେଳବାଇ ଭଳି ବିଭିନ୍ନ ବିଭାଗରୁ ଆରଓଡବ୍ଲୁମଞ୍ଜୁରିରେ ବିଳମ୍ବ ଭଳି ଅନେକ କାରଣ ଯୋଗୁଁ ଓଡ଼ିଶାରେ ମୋଟ ୭୦୫ଟି ବହୁ-ଗ୍ରାମ ପାଇପ୍ ଜଳ ଯୋଗାଣ ଯୋଜନା ବିଳମ୍ବିତ ହୋଇଛି। ରାଜ୍ୟ ସରକାର ଏସବୁସମସ୍ୟାରସମାଧାନଲାଗିଅନେକ ପଦକ୍ଷେପ ନେଇଛନ୍ତି। ଏଥିରେ ଉପଯୁକ୍ତ ସଂସ୍ଥାଗତ ବ୍ୟବସ୍ଥା ସୃଷ୍ଟି କରିବା ସାମିଲରହିଛି । ଉଦାହରଣ ସ୍ୱରୂପ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ସଚିବଙ୍କ ନେତୃତ୍ୱରେ ଏକ କମିଟିଗଢ଼ାଯାଇଛି ଯେଉଁଥିରେ ଅଂଶୀଦାର ବିଭାଗର ସଚିବମାନେ ସଦସ୍ୟ ଅଛନ୍ତି ।ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ କମିଶନର ତଥା ସଚିବଙ୍କ ନେତୃତ୍ୱରେ ଅନ୍ୟ ଏକ କମିଟି ଗଢ଼ାଯାଇଛି ଯେଉଁଥିରେ ସମସ୍ତ ଭିତ୍ତିଭୂମି ବିଭାଗର ମୁଖ୍ୟଯନ୍ତ୍ରୀସଦସ୍ୟ ରହିଛନ୍ତି। ଏହା ବ୍ୟତୀତ, ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ମାସିକ ଭିତ୍ତିରେ ଜିଲ୍ଲାସ୍ତରୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହେଉଛି ଯାହା ଦ୍ୱାରା ବିଳମ୍ବିତମଞ୍ଜୁରି ଏବଂ ସମସ୍ୟାଗୁଡ଼ିକର ଶୀଘ୍ର ସମାଧାନ କରାଯାଇପାରିବ। ରାଜ୍ୟ ସରକାର ଖିଲାପୀ ସଂସ୍ଥାଗୁଡ଼ିକ ଉପରେ ଜୋରିମାନା ଲାଗୁ କରିବା ଏବଂ ପ୍ରଗତିକୁ ତ୍ୱରାନ୍ୱିତ କରିବା ପାଇଁ ନିରୀକ୍ଷଣ ବ୍ୟବସ୍ଥାକୁ ସୁଦୃଢ଼ କରିବା ମଧ୍ୟ ଆରମ୍ଭ କରିଛନ୍ତି। ଓଡ଼ିଶା ରାଜ୍ୟ ସରକାରଙ୍କ ସୂଚନା ଅନୁଯାୟୀ, ନୂଆପଡା, ବରଗଡ଼, ମୟୂରଭଞ୍ଜ ଏବଂ ଗଜପତିର କିଛି ଅଂଶ ସମେତ ଜିଲ୍ଲାର କିଛି ଜନବସତିରେ ଫ୍ଲୋରାଇଡ୍, ଲୌହଅଂଶ, ଲବଣତା ଏବଂ ଜୀବାଣୁଜନିତ ପ୍ରଦୂଷଣ ସହ ଜଡିତ ପାନୀୟ ଜଳର ଗୁଣବତ୍ତା ସମସ୍ୟା ପରିଲକ୍ଷିତ ହୋଇଛି। ଏହି ସମସ୍ୟାଗୁଡ଼ିକର ସମାଧାନ ପାଇଁ ରାଜ୍ୟ ସରକାର ଅନେକ ପ୍ରତିକାରମୂଳକ ଏବଂ ପ୍ରତିରୋଧକ ପଦକ୍ଷେପ ନେଇଛନ୍ତି ଯଥା: ୧. ଲୌହଅଂଶ ଅପସାରଣ ପ୍ଲାଣ୍ଟ (IRP), ଡି-ଫ୍ଲୋରାଇଡେସନ୍ ପ୍ଲାଣ୍ଟ ଏବଂ ଜଳ ଉତ୍ସର ନିୟମିତ ବିଶୋଧନ। ୨. ଦୀର୍ଘକାଳୀନ ସ୍ଥାୟୀ ଏବଂ ନିରାପଦ ପାନୀୟ ଜଳ ଯୋଗାଣ ସୁନିଶ୍ଚିତ କରିବା ପାଇଁ ଜାରିରହିଥିବା କାର୍ଯ୍ୟକ୍ରମ ଅଧୀନରେ ଭୂପୃଷ୍ଠ ଜଳ ଆଧାରିତ ମେଗା ପାଇପ୍ ଜଳ ଯୋଗାଣ ଯୋଜନା, ଏକକ ଏବଂ ବହୁ-ଗ୍ରାମ ପାଇପ୍ ଜଳ ଯୋଗାଣ ପ୍ରକଳ୍ପ, ସୌରଶକ୍ତିଚାଳିତ ପାଇପ୍ ଜଳ ଯୋଗାଣ ପ୍ରକଳ୍ପ ଏବଂ ସୌରଶକ୍ତିଚାଳିତଡୁଆଲ ପମ୍ପ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି, ବିଶେଷକରି ଗୁରୁତର ଭାବରେ ପ୍ରଦୂଷିତ ଭୂତଳ ଜଳ ଉତ୍ସ ଥିବା ଅଞ୍ଚଳରେ। ୩. ନିରାପଦ ଜଳ ପରିଚାଳନା ଅଭ୍ୟାସ ଉପରେ ନିୟମିତ ଭାବରେ ଜନସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବାଏବଂ କ୍ଷେତ୍ର ପରୀକ୍ଷା କିଟ୍ (ଏଫଟିକେ) ବ୍ୟବହାର ମାଧ୍ୟମରେ ଜଳ ଗୁଣବତ୍ତା ସର୍ବେକ୍ଷଣକୁ ସମର୍ଥନ କରିବା ପାଇଁ ଗ୍ରାମ ଜଳ ଏବଂ ପରିମଳ କମିଟିକୁ ସୁଦୃଢ଼ କରିବାକୁ ପଦକ୍ଷେପ ନିଆଯାଇଛି। ଦୁର୍ବଳ ଅଞ୍ଚଳରେ ବାରମ୍ବାର ଜଳ ଅଭାବକୁ ଦୂର କରିବା ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ଏହି ସ୍ୱତନ୍ତ୍ର ପଦକ୍ଷେପ ଯୋଜନା କରାଯାଇଛି। ଏଥିରେ କାର୍ଯ୍ୟକ୍ଷମ ଭୂପୃଷ୍ଠ ଜଳ-ଭିତ୍ତିକ ମେଗା ପାଇପ୍ ଜଳ ଯୋଗାଣ ଯୋଜନା/ଏକକ/ବହୁ ଗ୍ରାମ ପାଇପ୍ ଜଳ ଯୋଗାଣ ଯୋଜନାକୁ ପ୍ରାଥମିକତାର ସହ ସମାପ୍ତି ଏବଂ ଅଚଳ ନଳକୂପ/ଅଚଳ ପାଇପ୍ ଜଳ ଯୋଗାଣ ପ୍ରକଳ୍ପର ମରାମତି ଏବଂ ଅଚଳ ନଳକୂପସ୍ଥାନରେ ନୂତନ ନଳକୂପ ସ୍ଥାପନ ଭଳି ଅସ୍ଥାୟୀ ବ୍ୟବସ୍ଥାର ବ୍ୟବସ୍ଥା ଅନ୍ତର୍ଭୁକ୍ତ।

## ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରରେ ସମ୍ମାନିତ ହେଲେ ତବଲା ବାଦକ ଗୁରୁ କିଶୋର କୁମାର ସାହୁ



**ଚୌଦ୍ୱାର (ମାନିସ):** କଳା ସଂସ୍କୃତିରେ ଚୌଦ୍ୱାର ତଥା ଓଡ଼ିଶାର ନାମକୁ ଉଜ୍ଜ୍ୱଳ କରିଛନ୍ତି ଚୌଦ୍ୱାର ଚଷାପଡା ଗ୍ରାମର ତବଲା ବାଦକ ଗୁରୁ ଶ୍ରୀ କିଶୋର କୁମାର ସାହୁ । ଜଣେ ଶ୍ରେଷ୍ଠ ତବଲା ବାଦକ ଭାବେ ସେ ସାରା ରାଜ୍ୟରେ ପରିଚିତ । ରାଜ୍ୟର କୋଣ ଅନୁକୋଣରୁ ଅନେକ ପ୍ରଂଶସା ସାଉଁଟି ଅନେକ ପୁରସ୍କାର ପାଇଥିଲେ । ତେବେ ରାଜ୍ୟ ସରକାରଙ୍କ ପକ୍ଷରୁ ତାଙ୍କୁ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ସହ ଦୁଇ ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା ।ଯାହାକୁ ନେଇ ନିଜର ଜନ୍ମ ମାଟି ତଥା ଚୌଦ୍ୱାର କଟକ ଓ ରାଜ୍ୟ ପାଇଁ ଜଣେ ଚର୍ଚ୍ଚିତ ଚେହେରା ହୋଇ ଯାଇଛନ୍ତି ତବଲା ବାଦକ ଗୁରୁ ଶ୍ରୀ କିଶୋର କୁମାର ସାହୁ । ୩ ବର୍ଷ ପାଇଁ ୧୯୬୪ ଜଣଙ୍କୁ ବିଭିନ୍ନ କ୍ଷେତ୍ରରେ ଯଥା ତବଲା ବାଦନ, ମୃଦଙ୍ଗ, ପୁଷ୍ପରା, ବେହେଲା, ସାହାନାଇ ଓ ସଂଗୀତ ଯୋଗଦାନ, ପାଲା ଆଦି ପାଇଁ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରଦାନ କରାଯାଇଥିଲା । ଭୁବନେଶ୍ୱର ଲୋକସେବା ଭବନରେ ଗୁରୁବାର ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୁଲ୍ୟରେ ବିଭାଗୀୟ ସଚିବ ବିଜୟ କେତନ ଉପାଧ୍ୟାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟ ବଂଶୀ ସୁରଜ୍ ,ବିଧାୟକ ବାବୁ ସିଂ ,ବିଧାୟକ ସିଦ୍ଧାନ୍ତ ମହାପାତ୍ର , ଆକାଶ ଦାସ ନାୟକ ,ସ୍ୱତନ୍ତ୍ର ଶାସନ ସଚିବ ଦେବପ୍ରସାଦ ଦାସ ,ସଙ୍ଗୀତ ନାଟକ ଏକାଡେମୀ ସଚିବ ଡ ଚନ୍ଦ୍ରଶେଖର ହୋତା ପ୍ରମୁଖ ଯୋଗ ଦେଇଥିଲେ । ବିଭିନ୍ନ କ୍ଷେତ୍ରରେ ସଫଳ ହୋଇଥିବା ମନୋନିତ ବ୍ୟକ୍ତିଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ତବଲା ବାଦକ ଭାବରେ ଗୁରୁ ଶ୍ରୀ କିଶୋର କୁମାର ସାମଲ କୁ ଏହି ଶ୍ରେଷ୍ଠ ପୁରସ୍କାର ପ୍ରଦାନ କରାଯାଇଥିଲା ।ସହ ସହ ଶୁଭେଚ୍ଛୁଙ୍କ କର ତାଳିରେ ଭାବ ବିହ୍ୱଳ ହୋଇ ଯାଇଥିଲେ ଗୁରୁ ଶ୍ରୀ କିଶୋର କୁମାର୍ ସାହୁ । ୧୯୫୪ ମସିହାରେ ଚୌଦ୍ୱାର ଚଷାପଡା ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ ଗୁରୁ କିଶୋର । ତୁଳସୀ ଦୁଇ ପତ୍ରରୁ ବସିବା ପରି କିଶୋରଙ୍କ ଦକ୍ଷତା ଛୋଟ ବେଳୁ ପ୍ରକାଶ ପାଇଥିଲା । ଶିକ୍ଷା ପରେ ଗୁରୁ ପଣ୍ଡିତ ହରମୋହନ ଖୁଣ୍ଟିଆଙ୍କ ତତ୍ତ୍ୱାବଧାନରେ ପ୍ରଶିକ୍ଷଣ ଲାଭ କରି ଆକାଶବାଣୀ ତଥା ଜାତୀୟ ଆନ୍ତର୍ଜାତୀୟ କ୍ଷେତ୍ରରେ ନିଜର ପ୍ରତିଭା ଦେଖାଇଛନ୍ତି । ଆକାଶବାଣୀ ସମ୍ବଲପୁର ଓ ଆକାଶବାଣୀ କଟକ କେନ୍ଦ୍ରରେ ଜଣେ ନିପୁଣ ବଦ୍ୟକାର ଭାବରେ ନିଜର ପ୍ରତିଭା ଦେଖାଇଛନ୍ତି । ଏକକ ବାଦ୍ୟ ପରିବେଷଣ କ୍ଷେତ୍ରରେ ଜାତୀୟ ତଥା ଆନ୍ତର୍ଜାତୀୟ ମଞ୍ଚରେ ଅନେକ କରତାଳି ଓ ପୁରସ୍କାର ପାଇଛନ୍ତି।୧୯୯୧ ମସିହାରେ ଫ୍ରାନ୍ସର ପ୍ୟାରିସ ରେ ନିଜର କଳାକୃତି ପ୍ରଦର୍ଶନ କରି ପୁରସ୍କୃତ ହୋଇଛନ୍ତି। ସରକାର ତାଙ୍କର ପ୍ରତିଭା କୁ ଚିହ୍ନି ପୁରସ୍କୃତ କରିଥିବାରୁ ସରକାରଙ୍କୁ ଅନେକ ଅନେକ ଧନ୍ୟବାଦ୍ ଦେବା ସହ ରାଜ୍ୟ ବାସୀଙ୍କ ଭଲ ପାଇବା ପାଇଁ ଆଜି ଏପରି ସମ୍ମାନ ର ଅଧିକାର ପାଇଥିବା କହିଥିଲେ ।

## ସମ୍ବାଦ ଓ ସାମ୍ବାଦିକତା ନିରପେକ୍ଷ ରହିଲେ ସୁସ୍ଥ ସମାଜ ଗଠନ ହୋଇପାରିବ

# ସମାଜ ପ୍ରତି ପ୍ରଦ୍ୟୁମ୍ନ ବଳଙ୍କ ଅବଦାନ ଅତୁଳନୀୟ : ସୂର୍ଯ୍ୟବଂଶୀ ସୂରଜ



**ଧାମନଗର(ମାନିସ):** ଧାମନଗର ପୂଜ୍ୟ ପୂଜା ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଧାମନଗର ସ୍ଥିତ କଲ୍ୟାଣ ମଣ୍ଡପ ଠାରେ ପରିଷଦର ବାର୍ଷିକୋତ୍ସବ ଓ ପ୍ରଦ୍ୟୁମ୍ନ ବଳ ସ୍ମୃତି ପରିଷଦର ୨୭ ତମ ଜିଲ୍ଲା ସ୍ତରୀୟ ବାର୍ଷିକ ସମାରୋହ ସହିତ ଦୈନିକ ପ୍ରଗତିବାଦୀ ର ପ୍ରତିଷ୍ଠାତା ପ୍ରଦ୍ୟୁମ୍ନ ବଳ ଙ୍କ ୧୩ ତମ ଜୟନ୍ତୀ ସମାରୋହ ଅନୁଷ୍ଠିତ ରବିବାର ସନ୍ଧ୍ୟା ରେ ଅନୁଷ୍ଠିତ ହୋଇଯାଇଛି ।ଏଥିରେ ମୁଖ୍ୟ ଅତିଥି ଭାବେ ଧାମନଗର ବିଧାୟକ ତଥା ରାଜ୍ୟ ଉଚ୍ଚଶିକ୍ଷା ,କ୍ରୀଡା ଓ ଯୁବ ବ୍ୟାପାର,ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗ ଦେଇ ସମ୍ବାଦ ଓ ସାମ୍ବାଦିକତା ରେ ନିରପେକ୍ଷତା ରହିଲେ ସୁସ୍ଥ ସମାଜ ଗଠନ ହୋଇପାରିବ, ସମାଜ ସେବା ରେ ପ୍ରଦ୍ୟୁମ୍ନ ବଳ ଙ୍କ ଅବଦାନ ଅତୁଳନୀୟ ବୋଲି ମନ୍ତ୍ରୀ ତାଙ୍କ ବକ୍ତବ୍ୟ ରେ କହିଥିଲେ। ବିଶିଷ୍ଟ ଅତିଥି ଭାବେ ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ କୁମାର ରାଉତରାୟ, ମୁଖ୍ୟ ବକ୍ତା ଭାବେ ଅମୃତ ଦର୍ଶନର ସମ୍ପାଦକ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ଏସୟୁଜେ ରାଜ୍ୟ ଉପ ସଭାପତି ସାମ୍ବାଦିକ ବାସୁଦେବ ତ୍ରିପାଠୀ ପ୍ରମୁଖ ଯୋଗଦେଇ ସାମ୍ପ୍ରତିକ ପରିସ୍ଥିତି ରେ ଗଣମାଧ୍ୟମ ର ଭୂମିକା ସମ୍ପର୍କ ରେ ମତବ୍ୟକ୍ତ କରିଥିଲେ।ସ୍ୱର୍ଗତ ପ୍ରଦ୍ୟୁମ୍ନ ବଳ ଜଣେ ନିର୍ଭିକ,ସତ୍‌ଚରିତ୍ର ସାମ୍ବାଦିକ ଥିଲେ।ସାମ୍ୟବାଦୀ ଚିନ୍ତାଧାରାକୁ ବିଶ୍ୱାସ କରୁଥିବା ସର୍ଗତ ବଳ ସମାଜ ର ତଳ ସ୍ତରର ଜନସାଧାରଣଙ୍କୁ ଉଚିତ ନ୍ୟାୟ ପ୍ରଦାନ ନିମନ୍ତେ ପ୍ରଗତିବାଦୀ ପ୍ରତିଷ୍ଠା କରିଥିଲେ। ପ୍ରଦ୍ୟୁମ୍ନ ବଳଙ୍କ ଆଦର୍ଶ ରେ ଅନୁପ୍ରାଣିତ ହୋଇ ଗଣମାଧ୍ୟମର ପ୍ରତିନିଧି ମାନେ କାର୍ଯ୍ୟ କରିବା ପାଇଁ ଅତିଥି ମାନେ ପରାମର୍ଶ ଦେଇଥିଲେ।ପୂଜ୍ୟ ପୂଜା ସାଂସ୍କୃତିକ ପରିଷଦର ସଭାପତି ଆଇନଜୀବୀ ଦେବାଶିଷ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମ କୁ ଅଧ୍ୟାପିକା ଡକ୍ଟର ମମତା ସାହୁ ସଂଚାଳନା କରିଥିଲେ। ପରିଷଦ ର ସାଧାରଣ ସଂପାଦକ ସାମ୍ବାଦିକ ପ୍ରଦୀପ କୁମାର ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ ।ସଭା ଆରମ୍ଭ ରେ ପ୍ରଭଞ୍ଜନ ରାଉଳ ବେଦପାଠ କରିଥିଲେ ।ଏହି ଅବସର ରେ ବିଭିନ୍ନ କ୍ଷେତ୍ର ରେ ପାରଦର୍ଶୀ ପ୍ରତିଭାମାନଙ୍କ ସାମ୍ବାଦିକ ଅନିଲ କୁମାର ବାରିକ,ଅଧ୍ୟାପକ ପ୍ରଭାତ କୁମାର ଧଳ, ଶିକ୍ଷାବିତ ଭୋଳାନାଥ ସାହୁ, ସରପଂଚ ଅଶୋକ କୁମାର ପ୍ରଧାନ ଓ ସୀତାକାନ୍ତ ମିଶ୍ର,ସମାଜସେବୀ କୈଳାଶ ଚନ୍ଦ୍ର ମହାପାତ୍ର, ଆଦର୍ଶ ଶିକ୍ଷୟିତ୍ରୀ ।ରାନୀ ।ରାଣୀ ପଣ୍ଡା,ସମିତିସଭ୍ୟ ବିଦ୍ୟାଧର ରାଉତ, ସମାଜସେବୀ ନୃସିଂହ ଚରଣ ନାୟକ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ଓ ରାମଚାନ୍ଦ ଡିଗ୍ରୀ କଲେଜ ର ଅଧକ୍ଷ ପ୍ରମୋଦ ରାଉତ,ଅଧ୍ୟାପିକା ଡ . ମମତା ସାହୁ,ସେକ ହମିଦ ଓ ପ୍ରଧାନ ଶିକ୍ଷକ ପ୍ରଶାନ୍ତ ଜେନା ଙ୍କୁ ସ୍ୱତନ୍ତ୍ର ଭାବରେ ସମ୍ବର୍ଦ୍ଧିତ କରାଯାଇଥିଲା।ହେମେନ୍ଦ୍ର ନାଥ ମହାନ୍ତି,ଜୟନ୍ତୀ ଜେନା,ସୁରେନ୍ଦ୍ର ନାୟକ,ଶ୍ରୀଧର ସାହୁ,କୃଷ୍ଣଚନ୍ଦ୍ର ଜେନା , କୁଳମଣି ବେହେରା,ସୁଧାକର ଦାସ, ପ୍ରଶାନ୍ତ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।ସନ୍ଧ୍ୟାରେ ପରିଷଦ ପକ୍ଷରୁ ତାରା ଗୋପନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ରେ ଧାମନଗର ପ୍ରେସ କ୍ଲବ,ସାମ୍ବାଦିକ ସଂଘ, କାନ୍ତ ସାହିତ୍ୟ ପରିଷଦ ,ବରିଷ୍ଠ ନାଗରିକ ପରିଷଦ ସଭ୍ୟ, ବୁଦ୍ଧିଜୀବୀ ପ୍ରମୁଖ ଏହି କାର୍ଯ୍ୟକ୍ରମ ରେ ଉପସ୍ଥିତ ଥିଲେ। ଶେଷରେ ହୃଦାନନ୍ଦ କର ଧନ୍ୟବାଦ ଅର୍ପଣ କରିଥିଲେ ।

## ଚାରିମାଣିଆ-କରମୁଆଁ ଭାୟା କେରଙ୍ଗା ରାସ୍ତା ନିର୍ମାଣରେ ଅନିୟମିତତା ଅଭିଯୋଗ

**ସାଲେପୁର(ମାନିସ):** ରାସ୍ତା ନିର୍ମାଣର କିଛି ଘଣ୍ଟା ନବିତୁଣୁ ରାସ୍ତାରୁ ଫଡ଼ା ଫଡ଼ା ପିଚୁ ଉଠିଯାଉଥିବାରୁ ସ୍ଥାନୀୟ ଗ୍ରାମବାସୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ରାସ୍ତା ନିର୍ମାଣ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହୋଇଥିବା ଅଭିଯୋଗ କରି ସ୍ଥାନୀୟ ଲୋକେ ଏହାକୁ ପ୍ରତିବାଦ କରିବା ସହ ନିମ୍ନମାନର ରାସ୍ତାକାମ କରୁଥିବା ଠିକାଦାରଙ୍କ ବିଲ୍ ବନ୍ଦ କରିବାକୁ ଦାବି କରିଛନ୍ତି। ଅଭିଯୋଗରୁ ପ୍ରକାଶ ଯେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଚାରିମାଣିଆ ବଜାର ଠାରୁ କରମୁଆଁ ଭାୟା କେରଙ୍ଗା ମାଣିତ୍ରୀ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଥିବାବେଳେ ଠିକାଦାର ଜଣକ ଏହି ନିର୍ମାଣ କାର୍ଯ୍ୟରେ ନିମ୍ନମାନର ସାମଗ୍ରୀ ବ୍ୟବହାର କରୁଥିବାରୁ ରାସ୍ତା ନିର୍ମାଣର କିଛି ଘଣ୍ଟା ନପୁରୁଣୁ ରାସ୍ତାରୁ ଫଡ଼ା ଫଡ଼ା ପିଚୁ ଉଠିଯାଉଥିବା ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି। ଏହି ରାସ୍ତାର ଝରମୁହଁ-କରମୁଆଁ ରାସ୍ତାର ଆଖଣ୍ଡଳମଣି ମନ୍ଦିର ନିକଟରେ ଥିବା ରାସ୍ତାରୁ ପିଚୁ ଉଠିଯାଉଥିବାର ସ୍ଥାନୀୟ ଗ୍ରାମବାସୀମାନେ ପ୍ରତିବାଦ କରିବା ସହ ସ୍ଥାନୀୟ ଗ୍ରାମବାସୀମାନେ ପ୍ରତିବାଦ କରିବା ସହ ଏହି ରାସ୍ତା ଠିକ୍ ଭାବରେ ନିର୍ମାଣ କରାଯାଉନଥିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଛି। ନିମ୍ନମାନର ରାସ୍ତା ନିର୍ମାଣ କରୁଥିବା ଠିକାଦାରଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଗ୍ରାମବାସୀମାନେ ଦାବି କରିଛନ୍ତି।



## ଅଭିନବ ଉପାୟରେ ବ୍ୟବସାୟୀଙ୍କଠାରୁ ୨ଲକ୍ଷ ଟଙ୍କା ଠକିନେଲେ ୨ଯୁବକ

**ସାଲେପୁର(ମାନିସ):** ସାଲେପୁର ଅଞ୍ଚଳରେ ବ୍ୟବସାୟୀ ନାମରେ ଏକ ବଡ଼ଧରଣର ଠକାମୀ ହୋଇଥିବା ସାଲେପୁର ଥାନାରେ ଲିଖିତ ଅଭିଯୋଗ ହୋଇଥିବା ଜଣାଯାଇଛି। ଅଭିଯୋଗରୁ ପ୍ରକାଶ ଯେ ସାଲେପୁର ଥାନା ଅନ୍ତର୍ଗତ କଟକ-ସାଲେପୁର ରାସ୍ତା ପାର୍ଶ୍ୱ ସପନପୁର ଗ୍ରାମ ନିକଟରେ ଏକ ଖେଳଣା ଦୋକାନୀକୁ ଅଭିନବ ଉପାୟରେ ଠକେଇ କରିଥିବା ଜଣାଯାଇଛି। ଅଭିଯୋଗରୁ ପ୍ରକାଶ ଯେ ସପନପୁର ଗ୍ରାମ ନିକଟରେ ଥିବା ଏହି ଖେଳଣା ଦୋକାନୀଙ୍କ ନିକଟକୁ ଗତ ୧୫ଦିନ ତଳେ ୨ଜଣ ଅଚିହ୍ନା ଯୁବକ ପହଞ୍ଚି ଆମେ କମ୍ପାନୀ ପକ୍ଷରୁ ଆସିଛୁ। ହୋଲ୍‌ସେଲ୍ ମୂଲ୍ୟରେ ଆମ୍ଭ କମ୍ପାନୀ ବିଭିନ୍ନ ପ୍ରକାର ପ୍ଲାଷ୍ଟିକ୍ ଖେଳଣା ଯୋଗାଇ ଦେଉଛି। ଆପଣ ୨ଲକ୍ଷ ନଗଦ ଟଙ୍କା ଦେଲେ ଆମ୍ଭ କମ୍ପାନୀ ଆପଣଙ୍କୁ ୫ଲକ୍ଷ ଟଙ୍କାର ଖେଳଣା ସାମଗ୍ରୀ ଯୋଗାଇଦେବ। ଅବଶିଷ୍ଟ ଅର୍ଥକୁ କିସ୍ତି ହିସାବରେ ପରିଶୋଧ କରିବେ ବୋଲି ପ୍ରଲୋଭିତ କରି ଫେରିଯାଇଥିଲେ। ପୁନର୍ବାର ୮ଦିନ ତଳେ ପୁନର୍ବାର ଉକ୍ତ ଦୋକାନକୁ ଆସି ସଂପୃକ୍ତ ଦୋକାନୀଜଣକର ବିଶ୍ୱାସ ଭାଜନ ହେବା ସହ ଆଜି ଦିନରେ କମ୍ପାନୀ ପକ୍ଷରୁ ମାଲ୍ ଡେଲିଭରି ହେବ ବୋଲି ସାକ୍ଷାତ କରି କହିଥିଲେ। ପୂର୍ବ କଥା ଅନୁଯାୟୀ ଆଜି ସକାଳେ ସଂପୃକ୍ତ ବ୍ୟବସାୟୀଙ୍କୁ ଫୋନ୍ ଯୋଗେ ଟଙ୍କା ମହଜୁଦ ରଖିବାପାଇଁ କହିବା ସହ ଆମେ ମାଲନେଇ ଆପଣଙ୍କ ନିକଟରେ ପହଞ୍ଚୁଛୁ ବୋଲି କହିଥିଲେ। ନିର୍ଦ୍ଧାରିତ ସମୟରେ ସଂପୃକ୍ତ ଯୁବକ ଦ୍ୱୟ ଉକ୍ତ ଦୋକାନରେ ଆସି ପହଞ୍ଚି ସଂପୃକ୍ତ ବ୍ୟବସାୟୀଙ୍କୁ ବିଭିନ୍ନ ପ୍ରକାର ଆଲୋଚନା କରି ବ୍ୟବସାୟୀଙ୍କୁ ଅନ୍ୟମନସ୍କ କରାଇ ବ୍ୟବସାୟୀ ନିଜ ହ୍ୟାଣ୍ଡ୍ ବ୍ୟାଗ୍‌ରେ ରଖିଥିବା ୨ଲକ୍ଷ ଟଙ୍କାକୁ ହାତେଇବା ସହ ଅବିକଳ ସେହିଭଳି ଏକ ହ୍ୟାଣ୍ଡ୍‌ବ୍ୟାଗ୍ ଉକ୍ତ ସ୍ଥାନରେ ରଖି ଆମେ ଖାଇବାକୁ ଯାଉଛୁ ବୋଲି କହି ପଳାଇଯାଇଥିଲେ। ଦୀର୍ଘ ସମୟ ଧରି ଯୁବକ ଦ୍ୱୟ ନଫେରିବାରୁ ବ୍ୟବସାୟୀ ଜଣକ ସେମାନଙ୍କୁ ମୋବାଇଲ୍‌ରେ ଯୋଗାଯୋଗ କରିବାରୁ ତାଙ୍କର ମୋବାଇଲ୍ ସୁଇଚ୍ ଅଫ୍ ରହିଥିଲା। ସନ୍ଦେହ ହେବାରୁ ବ୍ୟବସାୟୀ ଜଣକ ନିଜ ହ୍ୟାଣ୍ଡ୍ ବ୍ୟାଗ୍ ଦେଖିଲାବେଳକୁ ବ୍ୟାଗ୍‌ରେ ଟଙ୍କା ନାହିଁ।

## ହାଇଓ୍ୱା ଗାଡ଼ି ଚୋରି, ଥାନାରେ ଅଭିଯୋଗ

**ବାରଙ୍ଗ(ମାନିସ):** ବାରଙ୍ଗ ଥାନା ଅନ୍ତର୍ଗତ ନରଣପୁର ସ୍ଥିତ ଏକ ପେଟ୍ରୋଲ ପମ୍ପରୁ ଗୋଟିଏ ହାଇଓ୍ୱା ଗାଡ଼ି ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ। ଘଟଣାରୁ ପ୍ରକାଶ ଯେ ବେଲଗଛିଆ ଗ୍ରାମର ମାନସ ରଞ୍ଜନ ସାହୁଙ୍କ ଓଡି ୦୫ଏଚ ୩୧୬୬ ହାଇଓ୍ୱା ଗାଡ଼ିଟି ବାରଙ୍ଗ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଥିବା ପେଟ୍ରୋଲ ପମ୍ପରେ ପ୍ରତ୍ୟେକ ଦିନ ପରି ଚାଳକ ରଖିଥାନ୍ତି। ରବିବାର ସଂଧ୍ୟାରେ ଚାଳକ ଗାଡ଼ି ରଖିଥିବା ବେଳେ ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଚୋରି କରି ନେଇଥିବା ସୋମବାର ସକାଳୁ ଜଣାପଡିଥିଲା। ମାନସ ଗାଡ଼ି ଚୋରି ହୋଇଥିବା ନେଇ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ପରେ ନମିଳିବାରୁ ବାରଙ୍ଗ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ଭଗବାନ ବିର୍ସା ମୁଣ୍ଡାଙ୍କ ଜନ୍ମ ଜୟନ୍ତୀ ପାଳିତ



**ବାରିପଦା:** ଭାରତ ସରକାରଙ୍କ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓ ସ୍ୱୀକୃତି ପ୍ରାପ୍ତ ଅନୁଷ୍ଠାନ ଜେ ଜେ ପି ଡି ଓ ର ସହଯୋଗରେ ସ୍ୱାଧୀନତା ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କ ୧୫୦ ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି ଓ ଏହି ଅବସରରେ ନଭେମ୍ବର ୧୪ ଓ ୧୫ ତାରିଖ ଦିନ ସ୍ଥାନୀୟ ମହାରାଜ ପୁର ସ୍ଥିତ ଓ ଆର ଡି ଓପେନ ଏଆର ଥିଏଟର ପରିସରରେ ବିର୍ସା ମୁଣ୍ଡାଙ୍କ ଜୀବନ କାହାଣୀ ଉପରେ ଆଧାରିତ ନାଟକ 'ଆବୁଆ ଦିଶମ ଆବୁଆ ରାଜ' ମଞ୍ଚସ୍ଥ ହୋଇଥିଲା ଓ ଅନମ ଶେଖ ଓ ସୋମନାଥ ସିଂହଙ୍କ ରଚିତ ତଥା ଶେଖ ଖଇରୁଦ୍ଦିନଙ୍କ ନିର୍ଦ୍ଦେଶିତ ନାଟକରେ ଦିଲ୍ଲୀରୁ ଆସିଥିବା କଳାକାର ଅନୁପ ରଞ୍ଜନ, ଡଃ ଏସ କେ ସିଂହ, ରମେଶ ବୋରା, ନେନସୀ ମୁଣ୍ଡା, ତ୍ରିଲୋଚନ ଝା, ଅନମ ଶେଖଙ୍କ ସମେତ ବାରିପଦାର ରମେଶ ହେମ୍ବ୍ରମ, ଆଲୋକ ବାରିକ, ରାଜେଶ ଦାଶ ପ୍ରମୁଖ ଅଭିନୟ କରିଥିଲେ ଓ କଳାକାର ମାନଙ୍କ ଜୀବନ୍ତ ଅଭିନୟ ସ୍ଥାନୀୟ ଦର୍ଶକଙ୍କ ଦ୍ୱାରା ବେଶ ପ୍ରଶଂସିତ ହୋଇଥିଲା ଓ ନଭେମ୍ବର ୩୦ ତାରିଖ ଦିନ ପୂର୍ଣ୍ଣଚନ୍ଦ୍ର ପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଜନ୍ମ ଜୟନ୍ତୀର ସମାପନ ଦିବସରେ ଓ ଆର ଡି ଓ ପି ସି ପୁର ର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଆଦିବାସୀ ନୃତ୍ୟ ପରିବେଷଣ କରାଯାଇଥିଲା ଓ ଏହି ଅବସରରେ ସୋମନାଥ ସିଂହଙ୍କ ପୌରହିତ୍ୟରେ ବିର୍ସା ମୁଣ୍ଡାଙ୍କ ଜୀବନ କାହାଣୀ ଉପରେ ଏକ ସେମିନାର ଅନୁଷ୍ଠିତ ହୋଇଥିଲା ଓ ଏହି ସେମିନାରରେ ଶେଖ ଖଇରୁଦ୍ଦିନଙ୍କ ସମେତ ବାରିପଦା କଳାକାର ପରିବାରର ସଭାପତି ସନ୍ତୋଷ ମହାନ୍ତି, ସମ୍ପାଦକ ଜ୍ଞାନ ରଞ୍ଜନ ପଣ୍ଡା, ବରିଷ୍ଠ ଅଭିନେତା ନିର୍ଦ୍ଦେଶକ କ୍ଷୀରୋଦ ବିହାରୀ ସିଟ, ପ୍ରକାଶ ଦାଶ, ଆଶିଷ କୁମାର ବସା, ତ୍ରିଲୋଚନ ସାହୁ ତଥା ଅଭିନେତା ପ୍ରସନ୍ନ କୁମାର ମହାନ୍ତି, କୁନ୍ଦନ ଭଞ୍ଜ ପ୍ରମୁଖ ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ


## ମଣ୍ଡଳସ୍ତରୀୟ ବିଜ୍ଞାନ ମେଳା ଓ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ-୨୦୨୫ ଅନୁଷ୍ଠିତ

# ୧୬୦ଟି ବୈଜ୍ଞାନିକ ପ୍ରୋଜେକ୍ଟ, ୭ଟି ପ୍ରକଳ୍ପ ଜିଲ୍ଲା ସ୍ତରକୁ ମନୋନୀତ



**ଧାମନଗର (ମାନିସ):** ନୂତନ ପିଢ଼ୀମାନଙ୍କ ମନରେ ବିଜ୍ଞାନମୂଳକ ଚେତନା, ଭାବନା ଓ ସୃଜନଶୀଳ ଚିନ୍ତାଧାରା ଗଢ଼ିଉଠିବା ଉଦ୍ଦେଶ୍ୟରେ ଧାମନଗର ବ୍ଲକ ସୋହଡା ପଞ୍ଚାୟତ ଷେଣ୍ଡପୁର ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ମଣ୍ଡଳସ୍ତରୀୟ ବିଜ୍ଞାନ ମେଳା ଓ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ-୨୦୨୫ ଅନୁଷ୍ଠିତ ହୋଇଛି। ଏହି ପ୍ରଦର୍ଶନୀରେ ମୋଟ ୧୬୦ଟି ବୈଜ୍ଞାନିକ ପ୍ରୋଜେକ୍ଟ ପର୍ଦର୍ଶିତ ହୋଇଥିଲା। ପରିବେଶ ସୁରକ୍ଷା, ବିପଦ ପ୍ରବନ୍ଧନ, ପାଣି ସଂରକ୍ଷଣ, ନବୀକରଣ ଶକ୍ତି ଓ ପ୍ରଯୁକ୍ତି ନବୀନତା ଭଳି ବିଭିନ୍ନ ବିଷୟକୁ ନେଇ ଛାତ୍ରଛାତ୍ରୀମାନେ ନିଜର ମଡେଲ ପ୍ରସ୍ତୁତ କରିଥିଲେ। ବିଜ୍ଞାନ ମେଳାରେ ୭ଟି ଥିମକୁ ନେଇ ପ୍ରକଳ୍ପ ପ୍ରଦର୍ଶନୀ କରାଯାଇଛି। ପ୍ରତି ଥିମରୁ ଗୋଟିଏ ଲେଖାଏଁ ପ୍ରକଳ୍ପ ଜିଲ୍ଲାସ୍ତରକୁ ମନୋନୀତ ହୋଇଛି। ତେବେ ଏନର୍ଜି ଥିମକୁ ନେଇ ହୋଇଥିବା ପ୍ରକଳ୍ପ ଭିତରୁ ୭ଟି ମଧ୍ୟ ଜିଲ୍ଲାସ୍ତରକୁ ମନୋନୀତ ହୋଇଥିବା ବିଇଓ ପ୍ରଫୁଲ୍ଲ ସାହୁ ସୂଚନା ଦେଇଛନ୍ତି। ଏହାଛଡ଼ା ସମସ୍ତ ପ୍ରକଳ୍ପ ମଧ୍ୟରୁ ୩ଟିକୁ ଶ୍ରେଷ୍ଠ ପ୍ରକଳ୍ପ ଭାବେ ପୁରସ୍କାର ପ୍ରଦାନ କରାଯାଇଛି। ଧାମନଗର ବ୍ଲକ ବିଜ୍ଞାନ ସଂଯୋଜକ ଅକ୍ଷୟ ହୋତାଙ୍କ ସଂଯୋଜନାରେ ଆୟୋଜନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ପଞ୍ଚାୟତ ସମିତି ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା, ଅତିରିକ୍ତ ଏସପି ଅଂଶୁମାନ ଦ୍ୱିବେଦୀ, ବିଡିଓ ବନବିହାରୀ ଦିନ୍ଦା, ବିଇଓ ଡା. ପ୍ରଫୁଲ୍ଲ ସାହୁ, ଜିଲ୍ଲାପରିଷଦ ସଭ୍ୟା ଉର୍ମିଳା ବିଶ୍ୱାଳ, ସାଂସଦଙ୍କ ପ୍ରତିନିଧି ମନୋଜ ମଲ୍ଲିକ ଓ ଅନ୍ୟ ଅଧିକାରୀ ମାନେ ଛାତ୍ରଛାତ୍ରୀଙ୍କ ପ୍ରୟାସର ବୈଜ୍ଞାନିକ ଭାବନା ଓ ପରୀକ୍ଷଣମୂଳକ ଶିକ୍ଷା ଆଜିର ପିଢ଼ୀଙ୍କ ଭବିଷ୍ୟତକୁ ଦୃଢ଼ କରେ। ପ୍ରଶ୍ନ କରିବା, ଯାଞ୍ଚ କରିବା ଓ ନବମାର୍ଗ ଖୋଜିବା ଅଭ୍ୟାସ ଶିଶୁମାନଙ୍କୁ ନୂତନ ଦିଗକୁ ନେଇଯାଏ ବୋଲି ଅତିଥି ମାନେ ବକ୍ତବ୍ୟରେ କହିଥିଲେ। ବିଜ୍ଞାନ ପ୍ରାଧାପକ ଅଭୟ ଜେନା, ସରପଞ୍ଚ ଲୋପାମୁଦ୍ରା ନାୟକ, ସମିତି ସଭ୍ୟା ଗୀତାଞ୍ଜଳି ପତି, ଏବିଓ ଭିମସେନ ହୋ, ପ୍ରଧାନ ଶିକ୍ଷୟତ୍ରୀ କଲ୍ୟାଣୀ ଦାଶ ମଧ୍ୟ ଉପସ୍ଥିତ ଥିଲେ। ରୁପକ୍ ମିଶ୍ର, ପ୍ରଶାନ୍ତ ପରିଡା, ଅଶ୍ୱନୀ ଜେନା, ସିଆରସି ଦେବବ୍ରତ ନାୟକ, ସମୀର ଗୋସାମୀ, ମନୋଜ ସିଂ, ମନ୍ମଥ ରାଉତ ଓ ଏସଏମସି ସଭାପତି ପରେଶ ମିଶ୍ର ପ୍ରଦର୍ଶନୀକୁ ସଫଳ କରାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ।

# ବାରିପଦା ବ୍ଲକସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ



**ବାରିପଦା:** ସ୍ଥାନୀୟ ଏମପିକେ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ବାରିପଦା ବ୍ଲକସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି ଓ ଏହି ପ୍ରଦର୍ଶନୀରେ ପ୍ରାଥମିକ ସ୍ତରରୁ ୩୫ଟି, ଉଚ୍ଚ ବିଦ୍ୟାଳୟ ସ୍ତରରୁ ୧୪୪ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା ଓ ଗୋଷ୍ଠୀ ଶିକ୍ଷା ଅଧିକାରୀ ଡଃ ଅଭିମନ୍ୟୁ ସେଠିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ନଗରପାଳ କୃଷ୍ଣଓନନ୍ଦ ମହାନ୍ତି ଭବିଷ୍ୟରେ ଦେଶର ପ୍ରଗତିରେ କୁନି ବୈଜ୍ଞାନିକ ମାନେ ପ୍ରମୁଖ ଭୂମିକା ଗ୍ରହଣ କରିବେ ବୋଲି ପ୍ରକାଶ କରିଥିଲେ ଓ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ର. ଡଃ ସରୋଜ କୁମାର ନାୟକ, ପୂର୍ବତନ ଜିଲ୍ଲା ବିଜ୍ଞାନ ପରିଦର୍ଶକ ନଳିନୀକାନ୍ତ ଚୌଧୁରୀ ଓ ସୁଦର୍ଶନ ପଣ୍ଡା କୁନି ବୈଜ୍ଞାନିକ ମାନଙ୍କର ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ ଓ ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତପସ୍ୱିନୀ ଦାଶ ଓ ବ୍ରଜମୋହନ ମୁର୍ମୁ ଏବଂ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲଳିତ କୁମାର ମହାନ୍ତ ଉପସ୍ଥିତ ଥିଲେ ଓ ଓଡିଶା ଆଦର୍ଶ ବିଦ୍ୟାଳୟ, ରାଣୀଭୋଳର ବିବେକ କୁମାର ସାଓ, ଏମ ପି କେ ଉଚ୍ଚ ବିଦ୍ୟାଳୟର ଆଦ୍ୟାଶା ଦାସ, ଏମ ଟି କେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ମାମୁନି ମୁର୍ମୁ, କେ ସି ପୁର ଉଚ୍ଚ ବିଦ୍ୟାଳୟର ଜୟଶ୍ରୀ ମହାନ୍ତ, ପି ଏମ ଶ୍ରୀ ଏମ କେ ସି ଉଚ୍ଚ ବିଦ୍ୟାଳୟର ରୀତିଶା ନାଏକ, କମଳା ନେହେରୁ ଉଚ୍ଚ ବିଦ୍ୟାଳୟର ନିଶିସପ୍ନା ଦାସ ଓ ଡଂଜପୁର ବାଳିକା ଉଚ୍ଚ ବିଦ୍ୟାଳୟର ମୌସୁମୀ ପାତ୍ରଙ୍କ ପ୍ରକଳ୍ପ ଶ୍ରେଷ୍ଠ ବିବେଚିତ ହୋଇ ପୁରସ୍କୃତ ହେବା ସହ ଜିଲ୍ଲାସ୍ତରକୁ ମନୋନୀତ ହୋଇଛି ଓ ତତସହିତ ୨ୟ ଓ ୩ୟ ସ୍ଥାନ ଅଧିକାର କରିଥିବା ପ୍ରକଳ୍ପ ଗୁଡିକ ମଧ୍ୟ ପୁରସ୍କୃତ ହୋଇଥିଲେ ଓ ବିଚାରକ ଭାବେ ଜଗନ୍ନାଥ ସାହୁ, ଦିଲ୍ଲୀପ ମିଶ୍ର, ରବୀନ୍ଦ୍ର ସେଠି ଓ ସୁବୋଧ କୁମାର ସାହୁ ଯୋଗଦେଇ ଶ୍ରେଷ୍ଠ ପ୍ରକଳ୍ପ ଗୁଡିକୁ ଚୟନ କରିଥିଲେ ଓ ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନ ରଞ୍ଜନ ଆଚାର୍ଯ୍ୟ ପୁରସ୍କାର ବିତରଣ କରିବା ସହ ଜିଲ୍ଲା ସ୍ତରକୁ ମନୋନୀତ ହୋଇଥିବା ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଥିଲେ ଓ ଅନ୍ୟ ମାନଙ୍କ ମଧ୍ୟରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଡଃ ସେଠି, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀମତୀ ଦାଶ ଓ ଶ୍ରୀ ମୁର୍ମୁ ଉପସ୍ଥିତ ରହି କୃତୀ ପ୍ରତିଭାଙ୍କୁ ପୁରସ୍କାର ବିତରଣ କରିଥିଲେ ଓ ବିଦ୍ୟାଳୟର ଶିକ୍ଷକ ସଞ୍ଜୟ କୁମାର କଳିଆ ଓ ବିଶେଶ୍ୱର ଦ୍ୱିବେଦୀ, ମନୋଜ ପରିଡା, ଶିକ୍ଷକ ଗୌତମ ଦାସ, ନାରାୟଣ କିଙ୍କର ଦତ୍ତ, ରତ୍ନା ବାନାର୍ଜୀ, ସମସ୍ତ ସି ଆର ସି ସି, ଶିକ୍ଷକ ସଂଘର କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପୂର୍ବତଟ ରେଳପଥ ମହିଳା କଲ୍ୟାଣ ସଂଗଠନ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ପକ୍ଷରୁ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ



**ଭୁବନେଶ୍ୱର:** ଶିକ୍ଷାଗତ ଉତ୍କର୍ଷତାକୁ ସ୍ୱୀକୃତି ଦେଇ ଏବଂ ରେଳ ପରିବାର ମଧ୍ୟରେ ଯୁବ ଶିକ୍ଷାର୍ଥୀମାନଙ୍କୁ ଉତ୍ସାହିତ କରିବା କ୍ଷେତ୍ରରେ ପୂର୍ବତଟ ରେଳପଥ ମହିଳା କଲ୍ୟାଣ ସଂଗଠନ (ଇକୋରୋ/ECoRWWO), ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ପକ୍ଷରୁ ଗତକାଲି ରେଳ କର୍ମଚାରୀଙ୍କ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଅଛି । ଏହି ଅବସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରେଳ କର୍ମଚାରୀଙ୍କ ପିଲାମାନଙ୍କୁ (ମୋଟ ୧୩୫ ଜଣ) ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା ।ଇକୋରୋ/ଖୋର୍ଦ୍ଧା ରୋଡ୍ ର ସଭାପତି ଶ୍ରୀମତୀ ଦିବ୍ୟା ତ୍ରିପାଠି, ଉପସଭାପତି ଶ୍ରୀମତୀ ଲୀନାଶ୍ରୀ ବେହେରା ଏବଂ ଇକୋରୋର ଅନ୍ୟାନ୍ୟ ସଦସ୍ୟଙ୍କ ଉପସ୍ଥିତିରେ ମନୋନୀତ ଛାତ୍ରଛାତ୍ରୀଙ୍କ କଠିନ ପରିଶ୍ରମ, ଉତ୍ସର୍ଗତା ଏବଂ ଶିକ୍ଷାଗତ ସଫଳତାକୁ ପ୍ରଶଂସା କରି ବ୍ୟକ୍ତିଗତ ଭାବରେ ଏହି ପୁରସ୍କାର ପ୍ରଦାନ କରିଥିଲେ । ଶ୍ରୀମତୀ ତ୍ରିପାଠୀ ପୁରସ୍କାରପ୍ରାପ୍ତ ଛାତ୍ରଛାତ୍ରୀମାନଙ୍କୁ ଉତ୍କର୍ଷତା ହାସଲ କରିବା ଏବଂ ସେମାନଙ୍କ ଶିକ୍ଷାଗତ ଯାତ୍ରାରେ ଉଚ୍ଚ ଆକାଂକ୍ଷା ସ୍ଥାପନ କରିବାକୁ ମଧ୍ୟ ପ୍ରେରଣା ଦେଇଥିଲେ । ଇକୋରୋ ଖୋର୍ଦ୍ଧା ରୋଡ୍ ର ଏହିପରି କଲ୍ୟାଣକାରୀ ପଦକ୍ଷେପ ଏବଂ ସ୍ୱୀକୃତି କାର୍ଯ୍ୟକ୍ରମ ମାଧ୍ୟମରେ ରେଳ ପରିବାରର ଶିକ୍ଷାଗତ ବିକାଶ ଏବଂ ସାମଗ୍ରିକ କଲ୍ୟାଣକୁ ସମର୍ଥନ କରିଆସୁଅଛି ଯାହା ଯୁବ ପ୍ରତିଭାକୁ ପ୍ରୋତ୍ସାହିତ କରିବା ପ୍ରତି ଏହାର ପ୍ରତିବଦ୍ଧତାକୁ ଆହୁରି ଦୃଢ଼ କରୁଛି ।

No.: O-1603

GOVT. OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION No-II, KEONJHAR
E-mail: eerw_kjr2@yahoo.com
********

"e" Procurement Notice for Road & Building Works
Identification No Online NCB - 13/2025-26.

1. Name of the Work : Road & Building Works
2. Total Number of Work : 02 Nos.
3. Estimated Cost : Rs. 4.24 Lakhs to Rs. 13.56 Lakhs
4. Class of Contractor : 'D' & 'C' Class
5. Period of Completion : As per annexure of e-Procurement Notice No.13/2025-26 .
6. Other Details :

| Procurement Officer | Bid Identification No. | Availability of tender Online for bidding | | Last Date & Time of seeking Tender Clarification | Date & Time of Opening of Tender in O/o S.E., R.W. Division-II, Keonjhar. |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division-II, Keonjhar | Road & Building Online NCB No. 13 | Dt.02.12.25 at 11.00 A.M. | Dt.11.12.25 up to 5.00 P.M. | Dt.10.12.25 up to 5.00 P.M. | Dt.12.12.2025 at 11.00 A.M. |

Further details can be seen from the Website www.tenderorissa.gov.in

Sd/-
Executive Engineer
R.W.Divn.No-II, Keonjhar

OIPR- 25093/11/0026/2526

MBA/25-26/0472

Government of Odisha "e" Procurement Notice

No.: O-1628

Bid Identification No.10 of 2025-26

| | | |
|---|---|---|
| 1 | Number of Works : | 02 Nos. of Works (01 no Building & 01 no Road) |
| 2 | Estimated Cost (Aprox.): | ₹5.03 lakh & ₹25.26 lakh (Approx.) |
| 3 | Period of Completion : | Mentioned against NIT Table Col.06 |
| 4 | Date & Time of availability of Bid documents in the Portal : | 29/11/2025 at 11:00 Hrs. |
| 5 | Last date & time for receipt of Bids in the Portal : | 09/12/2025 at 17:00 Hrs. |
| 6 | Date of Opening of Tender : | 10/12/2025at 11:00 Hrs. |
| 7 | Name and address of the Officer Inviting Bid : | Executive Engineer, Rural Works Division, Jagatsinghpur |

Further details can be seen from the Governmentwebsite:www.tendersorissa.gov.in

Sd/-
Executive Engineer
Rural Works Division
Jagatsinghpur

OIPR- 25056/11/0027/2526

MBA/25-26/0471

# ଦୃଷ୍ଟିବାଧିତ ୪ ଖେଳାଳିଙ୍କୁ ପୁରସ୍କୃତ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧।୧୨:** ବିଶ୍ୱ ବିଜୟିନୀ ହୋଇ ଫେରିଲେ ଓଡିଶାର ୪ ସୁନାଝିଅ । ମହିଳା ଦୃଷ୍ଟିବାଧିତ ଟି-୨୦ ବିଶ୍ୱକପ୍

■ ଓଡିଶା ଫେରିଲେ ବିଶ୍ୱ ବିଜୟିନୀ ୪ ସୁନାଝିଅ

■ ପୁରସ୍କାର ସ୍ୱରୂପ ୧୧ ଲକ୍ଷ ଲେଖାଏ ଦିଆଗଲା





ଭାରତୀୟ ଦଳରେ ଥିବା ଓଡ଼ିଶାର ୪ ଜଣ ଖେଳାଳି ଆଜି ଓଡିଶା ଫେରିଛନ୍ତି । ବିମାନବନ୍ଦରରେ ସେମାନଙ୍କୁ ଭବ୍ୟ ସ୍ୱାଗତ କରାଯିବା ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ କ୍ରୀଡା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସେମାନଙ୍କୁ ସମ୍ବର୍ଦ୍ଧନା ଦେବା ସହ ପୁରସ୍କାର ରାଶି ପ୍ରଦାନ କରିଛନ୍ତି । ୪ ଖେଳାଳି ଫୁଲ ସୋରେନ, ପାର୍ବତୀ ମାର୍ଣ୍ଡି, ଯମୁନାରାଣୀ ଟୁଡ୍ଡୁ, ଏବଂ ବାସନ୍ତୀ ହାଁସଦା ଓଡିଶା ପାଇଁ ଗର୍ବ ଆଣିଥିବା ବେଳେ ସେମାନଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି ।

ଆଜି ମହିଳା ଦୃଷ୍ଟିବାଧିତ ଟି୨୦ ବିଶ୍ୱକପ୍ ୨୦୨୫ର ବିଜୟୀ ଭାରତୀୟ ଦଳରେ ସାମିଲ ଥିବା ଓଡ଼ିଶାର ୪ ଜଣ ସୁକନ୍ୟାଙ୍କୁ ସମ୍ବର୍ଦ୍ଧିତ କଲି । ଫୁଲ ସୋରେନ, ପାର୍ବତୀ ମାର୍ଣ୍ଡି, ଯମୁନାରାଣୀ ଟୁଡୁ, ଏବଂ ବାସନ୍ତୀ ହାଁସଦାଙ୍କ ଉଲ୍ଲେଖନୀୟ ପ୍ରଦର୍ଶନ ଦେଶ ଓ ରାଜ୍ୟ ପାଇଁ ଅତୁଳନୀୟ ଗୌରବ ଆଣିଛି । ସେମାନଙ୍କର ଏହି ମହାନ ସଫଳତା ପାଇଁ ପ୍ରତ୍ୟେକଙ୍କୁ ପୁରସ୍କାର ସ୍ୱରୂପ ୧୧ ଲକ୍ଷ ଟଙ୍କା ଲେଖାଏଁ ଅର୍ଥ ରାଶି ପ୍ରଦାନ କରାଯାଇଛି । ଆପଣମାନଙ୍କର ନିଷ୍ଠା, ଅଧ୍ୟବସାୟ ଓ ଖେଳ ପ୍ରତି ଥିବା ଦୃଢ଼ ଇଚ୍ଛାଶକ୍ତି ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ପ୍ରେରଣାର ଉତ୍ସ । ଆପଣମାନଙ୍କ ସଫଳତା ପ୍ରମାଣ କରେ ଯେ ଦୃଢ଼ ମନୋବଳ ଏବଂ କଠିନ ପରିଶ୍ରମ ବଳରେ ସବୁ ବାଧାବିଘ୍ନକୁ ଅତିକ୍ରମ କରିହେବ । ମୁଁ ଆଶା କରୁଛି, ଏହି ବିଜୟ ଯାତ୍ରା ଆତ୍ମବିଶ୍ୱାସ ସହ ଆଗକୁ ମଧ ଜାରି ରହୁ । ଖେଳ ଜଗତରେ ଓଡ଼ିଶାର ନାମକୁ ଏହିପରି ଉଜ୍ଜ୍ୱଳ କରି ଚାଲନ୍ତୁ । ସମସ୍ତଙ୍କୁ ମୋର ଅଶେଷ ଶୁଭେଚ୍ଛା ଓ ଅଭିନନ୍ଦନ ।

ପ୍ରଥମ ଦୃଷ୍ଟିହୀନ ଟି-୨୦ ବିଶ୍ୱକପ୍-୨୦୨୫ ଚାମ୍ପିଅନସ ଟିମର ପ୍ରତିଭାବାନ୍ ଓଡ଼ିଆ କ୍ରିକେଟର ଫୁଲ ସୋରେନ, ବାସନ୍ତୀ ହାଁସଦା, ଯମୁନା ରାଣୀ ଟୁଡୁ ଓ ପାର୍ବତୀ ମାର୍ଣ୍ଡି ଉତ୍ତମ ଖେଳ ପ୍ରଦର୍ଶନ କରି ଦେଶ ଓ ରାଜ୍ୟ ପାଇଁ ଗୌରବ ଆଣି ଦେଇଛନ୍ତି । ଆଜି ମାନନୀୟ ମୁଖ୍ୟମନ୍ତ୍ରୀ ଶ୍ରୀ ଏହି ବିଜୟ ପାଇଁ ସେମାନଙ୍କୁ ପୁରସ୍କୃତ କରିଛନ୍ତି ଏବଂ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି ।

# ମହିଳା ହକି ଦଳର ମୁଖ୍ୟ କୋଚ୍‌ଙ୍କ ଇସ୍ତଫା

**ନୂଆଦିଲ୍ଲୀ, ୧।୧୨:** ଭାରତୀୟ ମହିଳା ହକି ଦଳର ମୁଖ୍ୟ କୋଚ୍ ହରେନ୍ଦ୍ର ସିଂ ସୋମବାର ନିଜ ପଦରୁ ଇସ୍ତଫା ଦେଇଛନ୍ତି । ତାଙ୍କର ଏହି ନିଷ୍ପତ୍ତି ପଛରେ ସେ ବ୍ୟକ୍ତିଗତ କାରଣ ଦର୍ଶାଇଛନ୍ତି ।

ମିଳିଥିବା ସୂଚନା ମୁତାବକ, ହରେନ୍ଦ୍ର ତାଙ୍କ ଇସ୍ତଫା ପତ୍ର ହକି ଇଣ୍ଡିଆ

**ବ୍ୟକ୍ତିଗତ କାରଣ ଦର୍ଶାଇଲେ**

(ଏଚ୍‌ଆଇ)କୁ ମେଲ କରିଛନ୍ତି । ତାଙ୍କ ପୂର୍ବରୁ ମୁଖ୍ୟ କୋଚ୍ ଦାୟିତ୍ୱରେ ଥିବା ନେଦରଲାଣ୍ଡ୍ସର ଜୋଏର୍ଡ ମାରିଜନେଙ୍କୁ ପୁନଃ ନିଯୁକ୍ତ କରାଯାଇପାରେ । ମାରିଜନେଙ୍କ ମାର୍ଗଦର୍ଶନରେ ଭାରତୀୟ ମହିଳା ହକି ଦଳ ୨୦୨୧ରେ ଅନୁଷ୍ଠିତ ଟୋକିଓ ଅଲିମ୍ପିକ୍ସରେ ଚତୁର୍ଥ ସ୍ଥାନରେ ଅଭିଯାନ ଶେଷ କରିଥିଲା ।

ସେ ୨୦୨୧ ଅଗଷ୍ଟରେ ମୁଖ୍ୟ କୋଚ୍ ପଦରୁ ଇସ୍ତଫା ଦେଇଥିଲେ । ଅନ୍ୟପକ୍ଷରେ




ପୂର୍ବରୁ ଆମେରିକା ପୁରୁଷ ହକି ଦଳର କୋଚ୍ ଭାବେ କାର୍ଯ୍ୟ କରିଥିବା ହରେନ୍ଦ୍ର ୨୦୨୪ ଏପ୍ରିଲରେ ଭାରତୀୟ ଦଳର ମୁଖ୍ୟ କୋଚ୍ କାର୍ଯ୍ୟ ଭାର ସମ୍ଭାଳିଥିଲେ । ଏଥିପୂର୍ବରୁ ସେ ଭାରତୀୟ ଜୁନିୟର ପୁରୁଷ ଦଳର କୋଚ୍ ଥିଲେ । ତାଙ୍କ କାର୍ଯ୍ୟକାଳରେ ଭାରତୀୟ ଦଳ ୨୦୧୬ରେ ଜୁନିୟର ହକି ବିଶ୍ୱକପ୍ ଜିତିଥିଲା ।

# ଜାତୀୟସ୍ତରୀୟ ଭିନ୍ନକ୍ଷମ ହୁଇଲ ଚେୟାର କ୍ରିକେଟ ପ୍ରତିଯୋଗିତା ଟ୍ରଫି ଉଦଘାଟିତ

**ଧର୍ମଶାଳା, ୧।୧୨:** ଯାଜପୁର ଜିଲା ଧର୍ମଶାଳା ବ୍ଲକ ଜାରକାସ୍ଥିତ ଧର୍ମଶାଳା ଷ୍ଟାଡିୟମରେ ହଲରେ ସାଂସଦ ଖେଳ ଇଣ୍ଡିଆ ୨୦୨୫ ମାଧ୍ୟମରେ ଅନୁଷ୍ଠିତ ଜାତୀୟ ସ୍ତରୀୟ ଭିନ୍ନକ୍ଷମ କ୍ରିକେଟ ପ୍ରତିଯୋଗିତା ଅବସରରେ ଆଜି ଟ୍ରଫି ଉନ୍ମୋଚିତ ହୋଇଯାଇଛି । ମିଶ ଲୋରିଆଙ୍କ ସଂଚାଳନାରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ଉଦଘାଟକ ଭାବେ ଯାଜପୁର ସାଂସଦ ରବିନ୍ଦ୍ର ନରାୟଣ ବେହେରା, ମୁଖ୍ୟ ଅତିଥି ଭାବେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ମୁଖ୍ୟବକ୍ତା ଭାବେ ଯାଜପୁର ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ, ଅତିଥି ଭାବେ ଯାଜପୁର ବିଜେପି ସଭାପତି ଦେବଯାନୀ ପ୍ରଧାନ, ପୂର୍ବତନ ଜିଲ୍ଲା ସଭାପତି ଆଶୁତୋଷ ପରିଡା, ବିଂଝାରପୁର ବିଜେପିନେତ୍ରୀ ବବିତା ମଲିକ, ଧର୍ମଶାଳା ବ୍ଲକ ଅଧକ୍ଷା ସୁଚିସ୍ମିତା ଦାସ, ଜିଲ୍ଲା କ୍ରୀଡା ଅଧିକାରୀ ଫକିରମୋହନ ଟୁଡୁ ପ୍ରମୁଖ ଯୋଗଦେଇ ଭିନ୍ନକ୍ଷମମାନଙ୍କୁ ବିଭିନ୍ନ ଖେଳରେ ଉତ୍ସାହ ଯୋଗାଇଦେବା ଲାଗି ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ସାଂସଦ ଖେଳ ଇଣ୍ଡିଆ କାର୍ଯ୍ୟକ୍ରମ ମାଧ୍ୟମରେ କ୍ରିକେଟ ପ୍ରତିଯେଗିତା କରାଯାଇ ଖେଳାଳିମାନଙ୍କୁ ଉତ୍ସାହ କରାଯାଉଛି ବୋଲି ମତବ୍ୟକ୍ତ କରିଥିଲେ ।

# ବାଲେଶ୍ୱର ପରମିଟ ପଡ଼ିଆରେ ଅସ୍ମିତା ଖେଲୋ ଇଣ୍ଡିଆ ଆଥଲେଟିକ୍ ଲିଗ୍



**ବାଲେଶ୍ୱର, ୧।୧୨ (ମାନିସ):** ଦେଶର ପ୍ରତ୍ୟେକ ରାଜ୍ୟର ଜିଲ୍ଲା ମାନଙ୍କରେ ମହିଳା ମାନଙ୍କୁ କ୍ରୀଡ଼ା ପ୍ରତି ଆକୃଷ୍ଟ କରିବା ଉଦ୍ଦେଶ୍ୟରେ ଭାରତ ସରକାରଙ୍କର କ୍ରୀଡ଼ା ମନ୍ତ୍ରଣାଳୟ, ଭାରତୀୟ ଦୌଡ଼ ସଂଘ ଏବଂ ଭାରତୀୟ କ୍ରୀଡା ପ୍ରାଧିକରଣର ମିଳିତ ଆନୁକୂଲ୍ୟରେ ୧୪ ବର୍ଷ ଓ ୧୬ ବର୍ଷରୁ କମ୍ ବାଳିକା ମାନଙ୍କୁ ନେଇ ଦୌଡ଼କୁଦ ପ୍ରତିଯୋଗିତା 'ଅସ୍ମିତା ଖେଲୋ ଇଣ୍ଡିଆ' ଅନୁଷ୍ଠିତ ହୋଇଯାଇଛି । ସେହି ଅନୁସାରେ ବାଲେଶ୍ୱରରେ ଜିଲ୍ଲା କ୍ରୀଡ଼ାସଂଘ ପକ୍ଷରୁ ମଧ୍ୟ ଦୌଡ଼କୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ସହରର ପରମିଟ୍ ପଡ଼ିଆରେ ରବିବାର ସକାଳେ ଏହି ପ୍ରତିଯୋଗିତା ଉଦ୍ଘାଟିତ ହୋଇଥିଲା । ସଂଘର ସହ ସାଧାରଣ ସମ୍ପାଦକ ପଦ୍ମଲୋଚନ ଲେଙ୍କା ଏହାକୁ ଉଦ୍ଘାଟନ କରିଥିଲେ । କାର୍ଯ୍ୟକାରୀ ସଭାପତି ଅଭୟ କୁମାର ମହାପାତ୍ର ଏଥିରେ ଅଧ୍ୟକ୍ଷତା କରିବା ସହ 'ଅସ୍ମିତା ଖେଲୋ ଇଣ୍ଡିଆ' ଆୟୋଜନ ସମ୍ପର୍କରେ ସୂଚନା ଦେଇଥିଲେ । ଏଥିରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ୧୪୪ ଜଣ ପ୍ରତିଯୋଗୀ ଯୋଗ ଦେଇଥିବା ବେଳେ ୧୪ ବର୍ଷର ବାଳିକା ମାନଙ୍କ ପାଇଁ ୬୦ ମିଟର ଓ ୬୦୦ ମିଟର ଦୌଡ଼, ସାଙ୍ଗକୁ ଲମ୍ବଡିଆଁ, ଉଚ୍ଚ ଡିଆଁ, ସଟ୍ପୁଟ୍ ଥ୍ରୋ ଭଳି ୩ଟି ଟ୍ରାଇଥୋଲୋନ ଗୋଟିଏ ବିଭାଗରେ

**ଚୟନ ହେଲେ ୩୨ ଜଣ କୃତୀ ପ୍ରତିଯୋଗୀ**

ପ୍ରତିଯୋଗିମାନେ ଅଂଶ ଗ୍ରହଣ କରିଥିଲେ । ସେହିପରି ୧୬ ବର୍ଷରୁ କମ୍ ବାଳିକା ପ୍ରତିଯୋଗୀଙ୍କ ମଧ୍ୟରେ ଡିସ୍କସ୍ ଥ୍ରୋ, ଷ୍ଟାଣ୍ଡିଙ୍ଗ୍ ସଟପୁଟ, ଜାଭେଲିନ ଥ୍ରୋ, ଶହେ ମିଟର ଦୌଡ଼, ଲଙ୍ଗ ଜମ୍ପ, ହାଇ ଜମ୍ପ ବିଭାଗରେ ପ୍ରତିଯୋଗିତା କରାଯାଇଥିଲା । ଏହି ପ୍ରତିଯୋଗିତାରୁ କୃତୀ ପ୍ରତିଯୋଗୀ ମାନଙ୍କୁ କ୍ରୀଡ଼ା ଛାତ୍ରାବାସରେ ରଖାଯାଇ ତାଲିମ୍ ପ୍ରଦାନ କରାଯିବ ଓ ସରକାର ସେମାନଙ୍କର ସମସ୍ତ ଖର୍ଚ୍ଚ ବହନ କରିବେ ବୋଲି ଆୟୋଜକ କମିଟିର କର୍ମକର୍ତା ମାନେ ସୂଚନା ଦେଇଛନ୍ତି । ଅନ୍ୟ ମାନଙ୍କ ମଧ୍ୟରେ ସଂଘର ଉପସଭାପତି ଜଗଦୀଶ ଚନ୍ଦ୍ର ବେହେରା, ସହ ସମ୍ପାଦକ ବୀରେନ୍ଦ୍ର କୁମାର ସ୍ୱାଇଁ, ସଞ୍ଜୟ କୁମାର ଲେଙ୍କା, ଜନ୍ମେଜୟ ଦେ, ନିମାଇଁ ଚରଣ ରାଉତ୍, ସୂଜୟ କୁମାର ଆଚାର୍ଯ୍ୟ, ହରେନ ଚନ୍ଦ୍ର ରଣା, ଗୋପାଳ ଚନ୍ଦ୍ର ସେଠୀ, ରବୀନ୍ଦ୍ର କୁମାର ସାହୁ, କୋଷାଧ୍ୟକ୍ଷ ବିଷ୍ଣୁପ୍ରସାଦ ମହାନ୍ତିଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ବିରାଟଙ୍କୁ ରୋକିବା କଷ୍ଟକର: ଜନସେନ

**ନୂଆଦିଲ୍ଲୀ, ୧।୧୨:** ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ଏକଦିବସୀୟ ମ୍ୟାଚ୍‌ରେ କୋହଲିଙ୍କ ଦମଦାର ଶତକ ବଳରେ ଭାରତ ବିଜୟୀ ହୋଇଛି । ବିରାଟ କୋହିଲଙ୍କ ବ୍ୟାଟିଂ ସମସ୍ତଙ୍କୁ ପ୍ରଭାବିତ କରିଥିଲା । ଏପରି କି ବିରୋଧୀ ଟିମ୍‌ର ଖେଳାଳି ମଧ ତାଙ୍କର ବ୍ୟାଟିଂର ପ୍ରଶଂସାରେ ଶତମୁଖ । ଦ.ଆଫ୍ରିକାର ଷ୍ଟାର ଅଲରାଉଣ୍ଡର ମାର୍କୋ ଜନ୍‌ସେନ୍ କହିଛନ୍ତି, ବିରାଟଙ୍କ ପରି ୱାର୍ଲଡ କ୍ଲାସ୍ ବ୍ୟାଟର ଥରେ ସେଟେଲ୍ ହେବା ପରେ ତାଙ୍କୁ ରୋକିବା ଅସମ୍ଭବ । ରାଞ୍ଚି ଦିନିକିଆରେ ବିରାଟ କୋହଲି ୧୩୫ ରନ୍ କରିଥିଲେ । ମ୍ୟାଚ୍‌କୁ ଟିମ୍ ଇଣ୍ଡିଆ ୧୭ରେ ଜିତି ସିରିଜରେ ୧-୦ରେ ଅଗ୍ରଣୀ ରହିଛି ।

ବିରାଟଙ୍କ ଇନିଂସ ଉପରେ ପ୍ରତିକ୍ରିୟା ଦେଇ ଜନ୍‌ସେନ୍ କହିଛନ୍ତି, ବ୍ୟାଟରଙ୍କ ଇନିଂସ ଆରମ୍ଭରେ ହିଁ ବୋଲରଙ୍କ ପାଖରେ ସାମାନ୍ୟ ସୁଯୋଗ ରହିଥାଏ । ସେ କହିଛନ୍ତି, 'ଯେତେବେଳେ ଆପଣ ଜଣେ ୱାର୍ଲ୍ଡ କ୍ଲାସ୍ ଖେଳାଳିଙ୍କୁ ବୋଲିଂ କରନ୍ତି, ସେତେବେଳେ ସେମାନଙ୍କୁ ଆଉଟ୍ କରିବା କଷ୍ଟକର ହୋଇଥାଏ । ମୁଁ ସବୁବେଳେ ଜଣେ ବ୍ୟାଟରଙ୍କୁ ତାଙ୍କର ପ୍ରଥମ ୧୦ କିମ୍ବା ୧୫ ବଲରେ ଆଉଟ୍ କରିବାକୁ ଚେଷ୍ଟା କରେ ।



ଦ.ଆଫ୍ରିକାର ଷ୍ଟାର ଅଲରାଉଣ୍ଡର ମାର୍କୋ ଜନ୍‌ସେନ୍ କହିଛନ୍ତି, ବିରାଟଙ୍କ ପରି ୱାର୍ଲଡ କ୍ଲାସ୍ ବ୍ୟାଟର ଥରେ ସେଟେଲ୍ ହେବା ପରେ ତାଙ୍କୁ ରୋକିବା ଅସମ୍ଭବ । ରାଞ୍ଚି ଦିନିକିଆରେ ବିରାଟ କୋହଲି ୧୩୫ ରନ୍ କରିଥିଲେ । ମ୍ୟାଚ୍‌କୁ ଟିମ୍ ଇଣ୍ଡିଆ ୧୭ରେ ଜିତି ସିରିଜରେ ୧-୦ରେ ଅଗ୍ରଣୀ ରହିଛି ।

କିନ୍ତୁ କୋହଲିଙ୍କ ପାଇଁ ସମୀକରଣ ଦ୍ରୁତ ଗତିରେ ପରିବର୍ତ୍ତନ ହୁଏ । ସେ କହିଛନ୍ତି, 'ପଡ଼ିଆକୁ ଓହ୍ଲାଇବା ପରେ ସେ ନିଜ ଭୂମିକାକୁ ଆସିଯାଆନ୍ତି । ତାଙ୍କୁ ରୋକିବା କଷ୍ଟକର । ଏଠାରେ ସମସ୍ତେ ଜାଣନ୍ତି କିପରି ଖେଳିବେ - ତେଣୁ ଆପଣ ପ୍ଲାନ୍ ବି କିମ୍ବା ସି'କୁ ଯାଆନ୍ତି ।'

୨୦୧୭-୧୮ରେ ଭାରତର ଦ.ଆଫ୍ରିକା ଭ୍ରମଣ ବେଳେ ଜନ୍‌ସେନ ପ୍ରଥମ ଥର ପାଇଁ ବିରାଟଙ୍କୁ ନେଟ୍‌ରେ ବୋଲିଂ କରିଥିଲେ । ସେ କହିଛନ୍ତି, ସେ ଖେଳିବା ବେଳେ ତାଙ୍କୁ ଦେଖିବା ଭଲ ଲାଗେ । ଟିଭିରେ ତାଙ୍କ ଖେଳ ଦେଖି ବଡ଼ ହେବାଠାରୁ ତାଙ୍କୁ ବୋଲିଂ କରିବା...ଏହା କଷ୍ଟକର କିନ୍ତୁ ସମାନ ସମୟରେ ଏହା ମଜାଦାର ମଧ । ସେ ସୁନ୍ଦର ଡ୍ରାଇଭ୍ ଲଗାନ୍ତି, ପୁଲ୍, କଟ୍ ଖେଳନ୍ତି । ପ୍ୟାଡ୍ ପାଖରୁ ବି ଭଲ ଖେଳନ୍ତି । ବେଶି କିଛି ବଦଳିଥିବା ପରି ମୁଁ ଅନୁଭବ କରୁ ନାହିଁ । ସେ କେବଳ ଅଧିକରୁ ଅଧିକ ସମୟ ବ୍ୟାଟିଂ କରନ୍ତି ।

# ବିସିସିଆଇ ଡାକିଲା ଜରୁରୀ ବୈଠକ

ରିପୋର୍ଟ ଅନୁସାରେ, ବୈଠକରେ ବିସିସିଆଇ ସଚିବ ଦେବଜିତ ସୈକିଆ, ଯୁଗ୍ମ ସଚିବ ପ୍ରଭତେଜ ସିଂ ଭାଟିଆ, ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ଏବଂ ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର ଉପସ୍ଥିତ ରହିବେ । ତେବେ ନୂଆକରି ବିସିସିଆଇ ସଭାପତି ହୋଇଥିବା ମିଥୁନ ମାନହସ ଏଥିରେ ସାମିଲ ହେବେ ନା ନାହିଁ ତାହା ସ୍ପଷ୍ଟ ହୋଇନାହିଁ ।

**ରାଞ୍ଚି, ୧।୧୨:** ବିସିସିଆଇରେ ହୋଇପାରେ କିଛି ବଡ ଅଦଳବଦଳ । ଜରୁରୀ ବୈଠକ ଡାକିଲା ବୋର୍ଡ । ଉପସ୍ଥିତ ରହିବେ କୋଚ୍ ଗୌତମ ଗମ୍ଭୀର ଏବଂ ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର । ଦ୍ୱିତୀୟ ଦିନିକିଆ ପୂର୍ବରୁ ଏହି ବୈଠକ ଡକାଯାଇଥିବା ସୂଚନା ମିଳିଛି ।

ଏନଡିଟିଭିର ରିପୋର୍ଟ ଅନୁସାରେ, ବୁଧବାର ଭାରତ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ଖେଳାଯିବାକୁ ଥିବା ଦ୍ୱିତୀୟ ଦିନିକିଆ ପୂର୍ବରୁ ବୈଠକ ଡକାଯାଇଛି । ଏଥିରେ ଅନେକ ଗୁରୁତ୍ୱପୂର୍ଣ୍ଣ ଘଟଣା ବାବଦରେ ଆଲୋଚନା ହେବ । କେବଳ ହାତଗଣତି ଅଧିକାରୀ ବୈଠକରେ ଉପସ୍ଥିତ ରହିବେ ।



ଏଥିରେ ବିରାଟ କୋହଲି ଏବଂ ରୋହିତ ଶର୍ମାଙ୍କ ଉପରେ ମଧ ଆଲୋଚନା ହୋଇପାରେ । କାରଣ ଗତ କିଛି ମୁକାବିଲାରେ ଉଭୟ ଖେଳାଳି ଦମଦାର ପ୍ରଦର୍ଶନ କରିଛନ୍ତି ।

ରିପୋର୍ଟ ଅନୁସାରେ, ବୈଠକରେ ବିସିସିଆଇ ସଚିବ ଦେବଜିତ ସୈକିଆ, ଯୁଗ୍ମ ସଚିବ ପ୍ରଭତେଜ ସିଂ ଭାଟିଆ, ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ଏବଂ ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର ଉପସ୍ଥିତ ରହିବେ । ତେବେ ନୂଆକରି ବିସିସିଆଇ ସଭାପତି ହୋଇଥିବା ମିଥୁନ ମାନହସ ଏଥିରେ ସାମିଲ ହେବେ ନା ନାହିଁ ତାହା ସ୍ପଷ୍ଟ ହୋଇନାହିଁ ।

ବିସିସିଆଇର ଜଣେ ଅଧିକାରୀ କହିଛନ୍ତି ଯେ, ଭାରତୀୟ ଦଳ କିପରି ଭବିଷ୍ୟତ ପାଇଁ ପ୍ରସ୍ତୁତ ହେବ ସେନେଇ ରଣନୀତି ପ୍ରସ୍ତୁତ କରାଯିବ । ଟେଷ୍ଟ ମୁକାବିଲାରେ ଦଳ ମଧ୍ୟରେ ଥିବା କିଛି ତ୍ରୁଟିକୁ ଏଥିରେ ସୁଧାରାଯିବ । ସେହିପରି ଆସନ୍ତା ବର୍ଷ ହେବାକୁ ଥିବା ଟି୨୦ ବିଶ୍ୱକପ୍ ଏବଂ ୨୦୨୭ର ଦିନିକିଆ ବିଶ୍ୱକପ୍ ବାବଦରେ ମଧ ବୈଠକରେ ଚର୍ଚ୍ଚା ହେବ ବୋଲି ଅଧିକାରୀଜଣଙ୍କ କହିଛନ୍ତି ।

# ନ୍ୟାଶନାଲ ଶୁଟିଂ ଚାମ୍ପିୟନଶିପ୍‌ରେ ଭାଗ ନେଲେ ରେକର୍ଡ ସଂଖ୍ୟକ ପ୍ରତିଯୋଗୀ

**ନୂଆଦିଲ୍ଲୀ, ୧।୧୨:** ସୋମବାରଠାରୁ ଆରମ୍ଭ ହୋଇଥିବା ନ୍ୟାଶନାଲ ଶୁଟିଂ ଚାମ୍ପିୟନଶିପ୍ ପାଇଁ ରେକର୍ଡ ସଂଖ୍ୟକ ୧୬,୦୦୦ ପ୍ରତିଯୋଗୀ ପିସ୍ତଲ, ରାଇଫଲ ଓ ଶଟ୍‌ଗନ୍ ଇଭେଣ୍ଟରେ ଭାଗ ନେବାଲାଗି ଯୋଗ୍ୟତା ଅର୍ଜନ କରିଛନ୍ତି । ଏହି ବାର୍ଷିକ ପ୍ରତିଯୋଗିତାର ଗତବର୍ଷ ଅଂଶଗ୍ରହଣକାରୀଙ୍କ ସଂଖ୍ୟା ୧୩,୫୦୦ ରହିଥିଲା । ସୋମବାର ତୁଗଲକ୍‌ବାଗ୍‌ସ୍ଥିତ କାର୍ନି ସିଂ ରେଞ୍ଜର୍ସଠାରେ ଶଟ୍‌ଗନ୍ ପ୍ରତିଯୋଗିତା ଆରମ୍ଭ ହୋଇଥିବା ବେଳେ ପିସ୍ତଲ ଓ ରାଇଫଲ ଇଭେଣ୍ଟ ଯଥାକ୍ରମେ ଦିଲ୍ଲୀ ଓ ଭୋପାଳଠାରେ ଡିସେମ୍ବର ୧୧ରୁ ଆରମ୍ଭ ହେବ । ସମସ୍ତ ୩ଟି ବିଭାଗର ୭ଟି କାଟେଗୋରୀରେ ପ୍ରତିଯୋଗିତା ମାସାଧିକ କାଳ ଚାଲିବ । କାଟେଗୋରୀଗୁଡ଼ିକ ହେଲା ସୁପର ମାଷ୍ଟର୍ସ (୭୦ ବର୍ଷ ଓ ତଦୂର୍ଦ୍ଧ୍ୱ), ସିନିୟର ମାଷ୍ଟର୍ସ (୬୦ରୁ ୭୦ବର୍ଷ), ମାଷ୍ଟର୍ସ (୪୫ରୁ ୬୦ ବର୍ଷ), ସିନିୟର୍ସ (ଓପନ), ଜୁନିୟର୍ସ (୨୧ବର୍ଷ), ୟୁଥ୍ (୧୯ବର୍ଷ କିମ୍ବା ପୂର୍ବରୁ) ସବ୍-ୟୁଥ (୧୬ ବର୍ଷରୁ କମ୍ କିମ୍ବା ପୂର୍ବରୁ) ।



# ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ୍ ଟୁର୍ଣ୍ଣାମେଣ୍ଟ

**ଧାମନଗର, ୧।୧୨ (ମାନିସ):** ଧାମନଗର ଇଣ୍ଡୋର୍ ଷ୍ଟାଡିୟମ୍ ଠାରେ ମା ଦୁର୍ଗା ଆସୋସିଏସନ ଆନୁକୂଲ୍ୟରେ ୭ତମ ରାଜ୍ୟସ୍ତରୀୟ ବ୍ୟାଡ଼ମିଣ୍ଟନ୍ ଟୁର୍ଣ୍ଣାମେଂଟ-୨୦୨୫ ଅନୁଷ୍ଠିତ ହୋଇଯାଇଛି ।



ଏଥିରେ ମୁଖ୍ୟ ଅତିଥି ଭାବେ ମାନ୍ୟବର କ୍ରୀଡ଼ାମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ ଏବଂ ସମ୍ମାନିତ ଅତିଥି ଭାବେ ଭଦ୍ରକ ଜିଲ୍ଲାପାଳ ଶ୍ରୀ ଦିଲୀପ ରାଉତରାଏ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ମାନ୍ୟବର ମନ୍ତ୍ରୀ, ଜିଲ୍ଲାପାଳ ଏବଂ ସମସ୍ତ ଅତିଥିମାନଙ୍କ ଉପସ୍ଥିତରେ ମା ଦୁର୍ଗା ଆସୋସିଏସନର ନୂତନ ଟି-ଶାର୍ଟ ଉନ୍ମୋଚନ କରାଯାଇଥିଲା । ଏହି ପ୍ରତିଯୋଗିତାରେ ଭଦ୍ରକ, ବାଲେଶ୍ୱର, ଯାଜପୁର, ବାରିପଦା, କେଉଁଝର, କେନ୍ଦ୍ରାପଡ଼ା, କଟକ, ଭୁବନେଶ୍ୱର, ପୁରୀ,ସମ୍ବଲପୁର, ଅନୁଗୁଳ, ସୋନପୁର, କୋରାପୁଟ ଓ ବ୍ରହ୍ମପୁରରୁ ଖେଳାଳିମାନେ ଅଂଶ ଗ୍ରହଣ କରିଥିଲେ । ଶେଷରେ ଅନୁଗୁଳର ଖେଳାଳିମାନେ ଚମ୍ପିୟାନ ହେଇଥିଲେ । ଭୁବନେଶ୍ୱର ଟିମ ରନର୍ସ ଅପ ହୋଇଥିବା ବେଳେ ପୁରୀ ତୃତୀୟ ଏବଂ କଟକ ଚତୁର୍ଥ ହୋଇଥିଲା । ଉଦଯାପନୀ ଉତ୍ସବରେ ମନ୍ତ୍ରୀଙ୍କ ପ୍ରତିନିଧି କୈଳାଶ ମହାପାତ୍ର, ସାଂସଦଙ୍କ ପ୍ରତିନିଧି ସରୋଜ ମହାପାତ୍ର, ଧାମନଗର ପ୍ରଖଣ୍ଡ ଅଧିକ୍ଷକ ତ୍ରିଲୋଚନ ସେଠୀ,ଆଇନଜୀବୀ ବିଜୟ ରାମ, ସାମ୍ବାଦିକ କୃଷ୍ଣଚନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ରହି ଖେଳାଳୀମାନଙ୍କୁ ମେଡାଲ, ଟ୍ରଫି ଏବଂ ପୁରସ୍କାର ରାଶି ପ୍ରଦାନ କରିଥିଲେ । ଆସୋସିଏସନର ସଭାପତି ସଞ୍ଜୟ କୁମାର ସ୍ୱାଇଁ ସମ୍ପାଦକ ଅଜିତ୍ ମହାପାତ୍ର, କାର୍ଯ୍ୟକାରୀ ସଭାପତି ବିବେକାନନ୍ଦ ଜେନା, ସଂଗଠନ ସମ୍ପାଦକ ସୁବ୍ରତ ସାହୁ, ଉପ ସଭାପତି ସତ୍ୟନାରାୟଣ ପ୍ରଧାନ, ସହ ସମ୍ପାଦକ ବିକାଶ ଗୁପ୍ତା, ଚିତ୍ତରଞ୍ଜନ ଜେନା, ବୌମ୍ୟାକେଶ ମହାପାତ୍ର, ମନ୍ମଥ ରାଉତ, ଗୌରବ ଗୁପ୍ତା, ଦୟାନିଧି ରାଉତ, ଶୁଭମ ବସନ୍ତରାୟ, ନୀତିନ ସାହୁ, ରଂଜିତ ମଲ୍ଲିକ, ହୃଦାନନ୍ଦ ମହାପାତ୍ର, ସ୍ମୃତିରଞ୍ଜନ ବାରିକ, ଲିଲୁପ କୁମାର ସାମଲ, କିଶୋର ନାୟକ, ଚନ୍ଦନ ଦାସ ପ୍ରମୁଖ ଖେଳ ପରିଚାଳନା କରିଥିଲେ । ଓଡ଼ିଆ ବ୍ୟାଡ଼ମିଣ୍ଟନ୍ ଆସୋସିଏସନର ସ୍ୱୀକୃତିପ୍ରାପ୍ତ ରେଫେରୀ ନୀଳମଣି ବିଶୋଇ ଓ ହେମାନନ୍ଦ ଥାପ୍ପା ଖେଳ ପରିଚାଳନା କରିଥିଲେ ।

# ପୂର୍ବତଟ ରେଳପଥ ପକ୍ଷରୁ ନୀଳାଦ୍ରି କପ୍ ଟି-୨୦ ଆନ୍ତଃବିଭାଗୀୟ କ୍ରିକେଟ୍ ଚାମ୍ପିଅନସିପ୍

**ଭୁବନେଶ୍ୱର, ୧।୧୨:** ପୂର୍ବତଟ ରେଳପଥ କ୍ରୀଡ଼ା ସଂଘର ସଭାପତି ଶ୍ରୀ ଡକ୍ଟର ହେମନ୍ତ କାଗ୍ରାଙ୍କ ଦ୍ୱାରା ଆଜି ମଞ୍ଚେଶ୍ୱର ସ୍ଥିତ ରେଳବାଇ କ୍ରିକେଟ୍ ଷ୍ଟାଡିୟମରେ ଦ୍ୱିତୀୟ ଟି-୨୦ ନୀଳାଦ୍ରି କପ୍ ଆନ୍ତଃବିଭାଗୀୟ ଟେନିସ୍ ବଲ୍ କ୍ରିକେଟ୍ ଚାମ୍ପିଅନସିପ୍ ଉଦ୍ଘାଟନ କରାଯାଇଥିଲା । ପୂର୍ବ ତଟ ରେଳପଥ କ୍ରୀଡ଼ା ସଂଘ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଏହାର କର୍ମଚାରୀମାନଙ୍କ ମଧ୍ୟରେ କ୍ରୀଡ଼ାପ୍ରେମୀ, ଏକତା ଏବଂ ଶାରୀରିକ ସୁସ୍ଥତାକୁ ଉତ୍ସାହିତ କରିବା । ଏହି ପଦକ୍ଷେପ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫୁଙ୍କୱାଲଙ୍କ ମାର୍ଗଦର୍ଶିତ, ଯାହାଙ୍କ ନେତୃତ୍ୱରେ କ୍ରୀଡ଼ା ଭିତ୍ତିଭୂମିକୁ ଉଲ୍ଲେଖନୀୟ ଭାବରେ ସୁଦୃଢ଼ କରାଯାଇଛି ଏବଂ ସମଗ୍ର ଜୋନ୍‌ରେ କ୍ରୀଡ଼ା ଉତ୍କର୍ଷତାର ସଂସ୍କୃତିକୁ ପ୍ରୋତ୍ସାହିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ।

ଏହି ଟୁର୍ଣ୍ଣାମେଣ୍ଟ ବିଭିନ୍ନ ବିଭାଗରେ ଦଳଗତ ମନୋଭାବ, ଶୃଙ୍ଖଳା ଏବଂ ସାମଗ୍ରିକ କଲ୍ୟାଣକୁ ପ୍ରୋତ୍ସାହିତ କରିବାକୁ ଲକ୍ଷ୍ୟ ରଖିଛି । ଆର. ପି. ଏଫ୍., କାର୍ମିକ ଏବଂ ସୁରକ୍ଷା, ମେଡ଼ିକାଲ ଏବଂ ଷ୍ଟୋର, ଆକାଉଣ୍ଟସ୍, ଏସ୍. ଆଣ୍ଡ. ଟି., ଅପରେଟିଙ୍ଗ୍, ଇଞ୍ଜିନିୟରିଂ, କମର୍ସିଆଲ୍, ଅଡିଟ୍, ନିର୍ମାଣ, ଏବଂ ଏଇ ଏବଂ ମେକାନିକାଲ୍କୁ ପ୍ରତିନିଧିତ୍ୱ କରୁଥିବା ମୋଟ ୧୧ଟି ଦଳ ଏଥିରେ ଅଂଶଗ୍ରହଣ କରୁଛନ୍ତି ।




ଏହି ମ୍ୟାଚ୍ଗୁଡ଼ିକ ରାଉଣ୍ଡ ଲିଗ୍ ଫର୍ମାଟରେ ଖେଳାଯିବ । ଶ୍ରେଷ୍ଠ ଚାରୋଟି ଦଳ ସେମିଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିବେ ଏବଂ ତନ୍ମଧ୍ୟରୁ ଶ୍ରେଷ୍ଠ ଦୁଇଟି ଦଳ ଫାଇନାଲ ମ୍ୟାଚରେ ପ୍ରତିଦ୍ୱନ୍ଦ୍ୱିତା କରିବେ । ଆଇ. ସି. ସି. ଟି-୨୦ ନିୟମ ଅନୁଯାୟୀ ସେମିଫାଇନାଲ୍ ଏବଂ ଫାଇନାଲ୍ ସମେତ ୨୮ଟି ମ୍ୟାଚ୍ ୧ ଡିସେମ୍ବରରୁ ୨୧ ଡିସେମ୍ବର ୨୦୨୫ ମଧ୍ୟରେ ଖେଳାଯିବ । ଏହି ଚାମ୍ପିଅନସିପ୍ ୨୧ ଡିସେମ୍ବର ୨୦୨୫ରେ ମଞ୍ଚେଶ୍ୱରର ରେଲୱେ କ୍ରିକେଟ ଷ୍ଟାଡିୟମରେ ଫାଇନାଲ ମ୍ୟାଚ୍ ସହିତ ଶେଷ ହେବ ।

ପୂର୍ବତଟ ରେଳପଥ ସମଗ୍ର ଜୋନ୍‌ରେ ସକ୍ରିୟ କ୍ରୀଡା ସଂସ୍କୃତିକୁ ପ୍ରଚାର କରିବାରେ ପ୍ରତିବଦ୍ଧ ରହିଛି । ନୀଳାଦ୍ରି କପ୍ ଭଳି ପଦକ୍ଷେପ ମାଧ୍ୟମରେ, ପୂର୍ବତଟ ରେଳପଥ କେବଳ କର୍ମଚାରୀମାନଙ୍କୁ ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିବା ଏବଂ ସୁସ୍ଥ ପ୍ରତିଦ୍ୱନ୍ଦ୍ୱିତାକୁ ପ୍ରୋତ୍ସାହିତ କରିବାର ସୁଯୋଗ ପ୍ରଦାନ କରିନଥାଏ, ବରଂ ଦଳଗତ କାର୍ଯ୍ୟ, ଶୃଙ୍ଖଳା ଏବଂ ସାମଗ୍ରିକ କଲ୍ୟାଣକୁ ମଧ୍ୟ ପ୍ରୋତ୍ସାହିତ କରିଥାଏ । ଏଭଳି ଟୁର୍ଣ୍ଣାମେଣ୍ଟକୁ ସମର୍ଥନ କରି ରେଳବାଇ କର୍ମଚାରୀଙ୍କ ଯୋଗଦାନ, ଶାରୀରିକ ସୁସ୍ଥତା ଏବଂ ଏହାର କାର୍ଯ୍ୟବଳର ସାମଗ୍ରିକ ବିକାଶ ପ୍ରତି ନିଜର ଉତ୍ସର୍ଗୀକୃତ ମନୋଭାବକୁ ସୁଦୃଢ଼ କରିଥାଏ ।

Edited, Printed & Published by Salila Kar on behalf of Matrubhasa Prachar Samittee, Printed at Nijukti Khabar Prakashan, TS3/193, Mancheswar Industrial Estate, Bhubaneswar-751010 and Published from Sarthak Palace, Plot No - 1570/1571, Sector - 6, CDA, Bidanasi, Cuttack - 753014

Ph : 0671-2506673, 0671-2503911
Fax - 0671-2503244

ସମ୍ପାଦିକା : ସଲୀଳା କର
Editor : Salila Kar